



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୪ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 24 JUNE 2020

Vol.No. 30 ■ No. 157 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj




2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


# ରତ୍ନବେଦୀରୁ ଜନ୍ମବେଦୀକୁ ଯାତ୍ରା କଲେ ଚତୁର୍ଦ୍ଧାମୂର୍ତ୍ତି

## ସଂନ୍ଧ୍ୟା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଂଚିଲା ତିନି ରଥ



ପୁରୀ,୨୩।୬ (ନି.ପ୍ର): ଚଳିତବର୍ଷ କରୋନା କଟକଣା ସହ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ହୋଇ ଶ୍ରୀ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରଥଯାତ୍ରାରେ ଯାଇଛନ୍ତି । ଏହି ଯାତ୍ରା ୯ଦିନ ଧରି ଚାଲୁ ରହିବ । ପଚଂମୀ ଦିନ ହେରାପଚଂମୀ, ବାହୁଡ଼ା ପୂର୍ବଦିନ ସନ୍ଧ୍ୟାଦର୍ଶନ, ବାହୁଡାଯାତ୍ରା, ସୁନାବେଶ, ଅଧରପଣା ପରେ ନୀଳାଦ୍ରି ବିଜେରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନକୁ ଫେରିବେ । ଏ ବର୍ଷ ରଥଯାତ୍ରା ଥିଲା ଅନନ୍ୟ ଓ ଐତିହାସିକ । ରଥଯାତ୍ରା ହେବକି ନହେବ ତାକୁ ନେଇ ଦୁଇମାସ ହେଲାଣି କଳ୍ପନା ଜଳ୍ପନା ସହ ସୁପ୍ରିମକୋର୍ଟରେ ମାମଲା ପହଂଚି ଥିଲା । କରୋନା ଭୂତାଣୁ ଯୋଗୁଁ ରଥଯାତ୍ରା ନକରିବା ପାଇଁ ପ୍ରଥମେ ମାନ୍ୟବର କୋର୍ଟ ଆଦେଶ ଦେଇଥିଲେ । ସେବାୟତ, ପୁରୀବାସୀ, ଉତ୍କଳବାସୀ, ଭାରତ ଓ ବିଶ୍ୱରେ ଥିବା ଜଗନ୍ନାଥ ପ୍ରେମୀଙ୍କ ନିବେଦନ ଯୋଗୁଁ ରଥଯାତ୍ରା କୋଭିଡ କଟକଣା ସହ ପାଳନ କରାଯିବ ବୋଲି ପୁନର୍ବିଚାର କରି ମାନ୍ୟବର ସୁପ୍ରିମକୋର୍ଟ ରାୟ ଦେଇଥିଲେ । ପ୍ରଭୁଙ୍କ ଇଚ୍ଛାରେ ସବୁ କାମ ଚାଲିଲା । ଶେଷରେ ଭକ୍ତ ସିଧାସଳଖ ରଥଟଣା ଓ ଦର୍ଶନ କରିପାରିନଥିବା ବେଳେ ପ୍ରଭୁଙ୍କ ଯାତ୍ରା କିପରି ହେଉ ଭାବି ଘରେ ରହି ଟେଲିଭିଜନ ଜରିଆରେ ପ୍ରଭୁଙ୍କ ଦର୍ଶନ କରିବା ସହ ଅନ୍ତର ଆତ୍ମାରେ ଚିନ୍ତା କରିଥିଲେ । ଶହ ଶହ ସେବାୟତ, ପୁଲିସ କର୍ମଚାରୀ ମୁହଁରେ ମାକ୍ସ ବାନ୍ଧି ରଥ ଟାଣୁଥିବା ଦେଖିବାକୁ ମିଳିଥିଲା । ଲୀଳାମୟ ନୀଳକନ୍ଦର ଛାଡି ତାଙ୍କର ପ୍ରିୟ ଜନ୍ମବେଦୀକୁ ଯାତ୍ରା କରିଛନ୍ତି । କୋଭିଡ୍ କଟକଣା ଯୋଗୁଁ ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ପ୍ରଶାସନ ଓ ସେବାୟତଙ୍କ ସହଯୋଗରେ ▶▶ପୃଷ୍ଠା ୭

# କରୋନା ଔଷଧ ବାହାର୍ କଲା ପତଂଜଳୀ

## ରୋକ୍ ଲଗାଇଲା ଆୟୁଷ ମନ୍ତ୍ରଣାଳୟ




ହରିଦ୍ୱାର,୨୩।୬ (ନି.ପ୍ର): ଯୋଗ ଗୁରୁ ସ୍ୱାମୀ ରାମଦେବ ମହାମାରୀ କରୋନାରୁ ରକ୍ଷା କରିବା ପାଇଁ ଏକ ଔଷଧ ପ୍ରସ୍ତୁତ କରିଥିବା ଦାବି କରିଛନ୍ତି । ଏହାର ନାମ 'ଦିବ୍ୟ କରୋନାନିଲ' ରଖାଯାଇଛି । ରାମଦେବ ମଙ୍ଗଳବାର ଏହି ଔଷଧର ଶୁଭାରମ୍ଭ କରିଛନ୍ତି । ଅପରପକ୍ଷରେ କରୋନା ପ୍ରତିରୋଧୀ ଔଷଧ ନେଇ ପତଞ୍ଜଳି ପକ୍ଷରୁ ପ୍ରସ୍ତୁର ପ୍ରସଙ୍ଗରେ ସବିଶେଷ ତଥ୍ୟ ମାଗିଛି କେନ୍ଦ୍ର ଆୟୁଷ ମନ୍ତ୍ରାଳୟ । ସଂପୃକ୍ତ ଔଷଧ ସଂପର୍କରେ ସବିଶେଷ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷା ନିରୀକ୍ଷା ସରିବା ଯାଏ ଔଷଧର ବିଜ୍ଞାପନ ବନ୍ଦ ପାଇଁ ବି ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି । ଯୋଗ ଗୁରୁ ସ୍ୱାମୀ ରାମଦେବ ମଙ୍ଗଳବାର ହରିଦ୍ୱାରସ୍ଥିତ ପତଞ୍ଜଳୀ ଯୋଗପୀଠ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କରୋନା ଜୀବାଣୁ ଔଷଧ ତିଆରି କରଥିବା ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଆୟୁର୍ବେଦ ପଦ୍ଧତିରୁ ଔଷଧୀୟ ଗବେଷଣା ଏବଂ ଅନୁସନ୍ଧାନ ପରେ କରୋନା ମହାମାରୀର ପ୍ରମାଣିତ ଔଷଧ ସହିତ ବଜାରକୁ ଆଥିବାରେ ପତଞ୍ଜଳୀ ହେଉଛି ବିଶ୍ୱର ପ୍ରଥମ ଆୟୁର୍ବେଦିକ ଅନୁଷ୍ଠାନ । ଏହି ଔଷଧ ଶତପ୍ରତିଶତ ରୋଗୀଙ୍କୁ ଉପକୃତ କରୁଛି ବୋଲି ସେ ଦାବି କରିଛନ୍ତି । ୩ରୁ ୧୫ ଦିନ ମଧ୍ୟରେ ଏହି ଆୟୁର୍ବେଦ ଟ୍ୟାବଲେଟ ଜଣେ ବ୍ୟକ୍ତଙ୍କ ଶରୀରରୁ କରୋନାକୁ ଶେଷ କରିଦେବ ବୋଲି ସେ ଦାବି କରିଛନ୍ତି । ପତଞ୍ଜଳୀ କହିଛି ଯେ ଟ୍ୟାବଲେଟ ଯୋଗୁ ୩ ଦିନରେ ୬୯% ଓ ୭ ଦିନରେ ୧୦୦% ରୋଗୀ ଠିକ ହୋଇଛନ୍ତି । ଯଦି ଏହି ଔଷଧ ଠିକ ଭାବେ କାମ କରେ, ତା'ହେଲେ ଆୟୁର୍ବେଦିକ କ୍ଷେତ୍ରରେ ଏହା ଏକ ବଡ଼ ଉପଲବ୍ଧି ଭାବେ ବିବେଚନା କରାଯିବ । ଏହି କରୋନା କିଟ୍ ର ମୂଲ୍ୟ ୫୪୫ ଟଙ୍କା ରହିଛି । ଜଣେ ଏହାକୁ ୩୦ ଦିନ ଯାଏ ବ୍ୟବହାର କରିପାରିବେ । ପତଞ୍ଜଳୀ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ହିଁ ▶▶ପୃଷ୍ଠା ୭

# ରଥଯାତ୍ରା ପାଇଁ ପ୍ରଧାନମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା



ନୂଆଦିଲ୍ଲୀ,୨୩।୬ (ନି.ପ୍ର): ପବିତ୍ର ରଥ ଯାତ୍ରା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତିଯେ ଭଗବାନ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅବସରରେ ଆପଣ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭକାମନା । ମୋର ଏହି କାମନା ଯେ ଶ୍ରଦ୍ଧା ଏବଂ ଭକ୍ତିରେ ପରିପୂର୍ଣ୍ଣ ଏହି ଯାତ୍ରା ଦେଶବାସୀଙ୍କ ଜୀବନରେ ସୁଖ, ସମୃଦ୍ଧି, ସୌଭାଗ୍ୟ ଏବଂ ଆରୋଗ୍ୟ ନେଇ ଆସୁ । ଜୟ ଜଗନ୍ନାଥ !

# ରାଜ୍ୟରେ ଆଉ ୨ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

ଭୁବନେଶ୍ୱର ୨,୨୩।୬ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ଆଉ ୨ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଏହା ସହିତ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭ରେ ପହଂଚିଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ୨ ମୃତକ କଟକର । ଉଭୟଙ୍କର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଉଭୟ ପୁରୁଷ ହୋଇଥିବା ବେଳେ ଜଣଙ୍କୁ ୭୧ ବର୍ଷ ଓ ଅନ୍ୟ ଜଣଙ୍କୁ ୫୩ ବର୍ଷ ହୋଇଥିଲା । ୭୧ ବର୍ଷୀୟ ବୃଦ୍ଧ ଜଣଙ୍କ ଡାଇବେଟିସ୍ ଓ କୀଡ୍ନୀ ଜନିତ ରୋଗରେ ମଧ ପୀଡ଼ିତ ଥିଲେ । ସେହିପରି ୫୩ ବର୍ଷୀୟ ବ୍ୟକ୍ତି ଜଣଙ୍କ ଡାଇବେଟିସ୍ ରେ ପୀଡ଼ିତ ଥିଲେ । କଟକରେ ଆଉ ଜଣେ କରୋନା ଆକ୍ରାନ୍ତଙ୍କର ମଧ ମୃତ୍ୟୁ ଘଟିଛି । ୮୦ ବର୍ଷୀୟ ବ୍ୟକ୍ତି ଜଣକ କରୋନା ଛଡ଼ା ଅନ୍ତନଳୀରେ ସମସ୍ୟା ଥିଲା । ତାଙ୍କ ମୃତ୍ୟୁ ପଛରର କାରଣ କରୋନା ନୁହେଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭ରେ ପହଂଚିଥିବା ବେଳେ ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ▶▶ପୃଷ୍ଠା ୭

# ଭାରତ- ଚୀନ୍ ଆଲୋଚନା ସଫଳ : ଲଦାଖରୁ ହଟିବେ ସୈନ୍ୟ ବାହିନୀ




ନୂଆଦିଲ୍ଲୀ,୨୩।୬ (ନି.ପ୍ର): ଭାରତ ଓ ଚୀନ୍ ମଧ୍ୟରେ ଦୀର୍ଘ ୧୧ ଘଂଟା ଧରି ଚାଲିଥିବା ବୈଠକ ଶେଷରେ ସଫଳତାର ସହ ଶେଷ ହୋଇଛି । ସୋମବାର ଉଭୟ ଦେଶ ମଧ୍ୟରେ କର୍ପସ କମାଣ୍ଡର ସ୍ତରୀୟ ଆଲୋଚନା ହୋଇଥିଲା । ଏହା ସକାରାତ୍ମ ରହିଛି ଓ ଲଦାଖ ସୀମାରୁ ଦୁଇ ଦେଶ ପକ୍ଷରୁ ନିଜ ନିଜ ସେନାରୁ ପଛକୁ ଘୁଂଚାଇବେ ବୋଲି ନିଷ୍ପତି ନେଇଛନ୍ତି । ଜୁନ୍ ୨୨ରେ ଚାଇନା ସୀମାନ୍ତ ମୋଲଡୋ ଠାରେ ଉଭୟ ଦେଶର କର୍ପସ କମାଣ୍ଡରମାନେ ଦିନ ୧୧.୩୦ରୁ ବୈଠକ ଆରମ୍ଭ କରିଥିଲେ । ଏହା ରାତି ପ୍ରାୟ ୧୦.୩୦ ଯାଏ ଚାଲିଥିଲା । ଏହି ସମୟରେ ହିଁ କେମିତି ଉତେଜନା ହ୍ରାସ ପାଇପାରିବ, ତା' ଉପରେ ବିସ୍ତୃତ ଭାବେ ▶▶ପୃଷ୍ଠା ୭

# ଶୃଙ୍ଖଳିତ ରଥଯାତ୍ରା ପାଇଁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩ ଜୁନ୍ - ମହାପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ଆଜି ଶୃଙ୍ଖଳାର ସହ ଠିକ ସମୟରେ ଶେଷ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ବିଶେଷକରି ସେବାୟତ, ପୁରୀ ଜିଲ୍ଲା ପଶାସନ, ଶ୍ରୀମନ୍ଦିର ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ପୁଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ଏହା ସହିତ ପୁରୀର ଜନସାଧାରଣଙ୍କୁ ସେମାନଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଛନ୍ତି ।

# ସମଗ୍ର ବିଶ୍ୱ କୋଭିଡ୍-୧୯ ମହାମାରୀରୁ ମୁକ୍ତ ହେଉ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୬ (ନି.ପ୍ର): ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି । ସମଗ୍ର ବିଶ୍ୱ କୋଭିଡ୍-୧୯ ମହାମାରୀରୁ ମୁକ୍ତ ହେଉ ବୋଲି ପ୍ରାର୍ଥନା କରିବା ସହ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ସୁଖସମୃଦ୍ଧି ଏବଂ କଲ୍ୟାଣ କାମନା କରିଛନ୍ତି । ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବଡ଼ଦାଣ୍ଡରେ ଗଡ଼ିବା ମାତ୍ରେ ମୁଖ୍ୟମନ୍ତ୍ରୀ ପ୍ରଭୁଙ୍କୁ ପ୍ରାର୍ଥନା ଜଣାଇଥିଲେ । ଶ୍ରୀଜୀଉମାନଙ୍କ ରଥଯାତ୍ରାର ଏହି ଦିବ୍ୟଦୃଶ୍ୟ ଦେଖି ଭକ୍ତି ଭାବରେ ହୃଦୟ ପୁଲକିତ ହେଉଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏ କଠିନ ସମୟ ମଧ ଅତିକ୍ରମ କରିଯିବ ଏବଂ ଲୋକମାନଙ୍କ ଜୀବନ ▶▶ପୃଷ୍ଠା ୭

# କଂଗ୍ରେସ ଭବନରେ ଗୋଷ୍ଠୀ ସଂଘର୍ଷ : ୪ ଜଣିଆ ଅନୁଧ୍ୟାନ କମିଟି ଗଠିତ



ଭୁବନେଶ୍ୱର,୨୩।୬ (ନି.ପ୍ର): ନୂତନ ଯୁବ କଂଗ୍ରେସ ସଭାପତି ନିଯୁକ୍ତି ନେଇ କଂଗ୍ରେସ ଭବନରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି । ଯୁବ କଂଗ୍ରେସ ସଭାପତିଙ୍କ ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି । ଏହାପରେ କଂଗ୍ରେସ ଭବନରେ ପୋଲିସ୍ ମୁତୟନ କରାଯାଇଛି । ଏହି ଘଟଣାରେ ପୋଲିସ୍ ଜଣଙ୍କୁ ଅଟକ ରଖିଛି । ସମ୍ପୃକ୍ତ ଗଣ୍ଡଗୋଳ ସମ୍ପର୍କରେ ଅନୁଧାନ କରିବା ପାଇଁ ପିସିସି ସଭାପତି ପୂର୍ବତନ ସାଂସଦ ରଂଜୀବ ବିଶ୍ୱାଳଙ୍କ ଅଧକ୍ଷତାରେ ଏକ ୪ ଜଣିଆ କମିଟି ଗଠନ କରିଛନ୍ତି । ଏହି କମିଟିରେ ଅଛନ୍ତି ମାନସ ଚୌଧୁରୀ, ବିଶ୍ୱ ଦାସ ଏବଂ ସଂଗ୍ରାମ ଜେନା । ୪ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ କୁହାଯାଇଛି । ରିପର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଗଣ୍ଡଗୋଳ ଘଟଣାରେ ପୋଲିସ ଜଣକୁ ଅଟକ ରଖିଥିବାର ଜଣାପଡ଼ିଛି । ସୂଚନା ଅନୁଯାୟୀ ନୂତନ ଯୁବ କଂଗ୍ରେସ ସଭାପତି ସ୍ମୃତି ଲେଙ୍କା ଦାୟିତ୍ୱ ଗ୍ରହଣ କରିବା ପାଇଁ ମଙ୍ଗଳବାର କଂଗ୍ରେସ ଭବନକୁ ନିଜ ସମର୍ଥକ ମାନଙ୍କ ସହ ଆସିଥିଲେ । ▶▶ପୃଷ୍ଠା ୭

## ଜାମ୍ମୁ-କାଶ୍ମୀର ଜନସମ୍ବାଦ ରାଲିରେ କେନ୍ଦ୍ରମନ୍ତ୍ରୀଙ୍କ ଉଦବୋଧନ

# କରୋନା ସମୟରେ ଉଜ୍ଜଳା ଯୋଜନାର ଶତପ୍ରତିଶତ ସଫଳ କ୍ରିୟାନ୍ୱୟନ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୩।୬ (ନି.ପ୍ର): କରୋନା ମହାମାରୀ ସଂକଟ ସମୟରେ ଦେଶରେ ଉଜ୍ଜଳା ଯୋଜନାର ଶତ ପ୍ରତିଶତ ସଫଳ କ୍ରିୟାନ୍ୱୟନ କରାଯାଇଛି ବୋଲି ମଙ୍ଗଳବାର ଜାମ୍ମୁ-କାଶ୍ମିର ଜନସମ୍ବାଦ ରାଲି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଯୋଗେ ଯୋଡିହୋଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୋଦି ସରକାର ୨.୦ର ପ୍ରଥମ ବର୍ଷ ପୂର୍ତି ଅବସରରେ ବିଜେପି ପକ୍ଷରୁ ଆୟୋଜିତ ଏହି ଭର୍ଚୁଆଲ ରାଲିରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତବର୍ଷରେ ପ୍ରତିବର୍ଷ ଧୂଆଁ କାରଣରୁ ୫ ଲକ୍ଷ ମହିଳା ମୃତ୍ୟୁବରଣ କରୁଥିଲେ । ମାତ୍ର ଗରିବ ପରିବାରରୁ ଆସିଥିବା ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମେ ମା ଓ ଭଉଣୀମାନଙ୍କ ଏହି ସମସ୍ୟାର ସମାଧାନ କରିବା କଥା ଚିନ୍ତା କଲେ । ପ୍ରଧାନମନ୍ତ୍ରୀ ମୋଦି ଉଜ୍ଜଳା ଯୋଜନାର ଆରମ୍ଭ କରି ମହିଳା ମାନଙ୍କ ଆଖିରୁ ଲୁହ ପୋଛିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ▶▶ପୃଷ୍ଠା ୭

# ଦିଲ୍ଲୀ ଦଙ୍ଗା ମାଷ୍ଟରମାଇଣ୍ଡ ତାହିର ହୁସେନ୍‌ର ୬ ଟି ଠିକଣାରେ ଇଡିର ଚଢାଉ

ନୂଆଦିଲ୍ଲୀ,୨୩।୬ (ନି.ପ୍ର): ରାଜଧାନୀ ଦିଲ୍ଲୀରେ ଘଟିଥିବା ଦଙ୍ଗାର ମୁଖ୍ୟ ଅଭିଯୁକ୍ତ ତାହିର ହୁସେନ୍ ର ୬ ଟି ଠିକଣାରେ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଚଢାଉ କରିଛି । ମଙ୍ଗଳବାର ହୋଇଥିବା ଏହି ଚଢାଉରେ ଉତର ପୂର୍ବ ଦିଲ୍ଲୀର ଚାରୋଟି ସ୍ଥାନ ରହିଛି । ଅବଶିଷ୍ଟ ଦୁଇଟି ସ୍ଥାନ ନୋଏଡାରେ ଅଛି । ଏହି ଦଙ୍ଗାରେ ତାହିର ବିପୁଳ ଅର୍ଥ ପ୍ରଦାନ କରିଥିବା ଅଭିଯୋଗ ହୋଇଛି ଏବଂ ଏହି ମାମଲାରେ ଇଡି ତା ବିରୋଧରେ ଟଙ୍କା ହେରଫେର ମାମଲା ରୁଜୁ କରିଛି । ଅଭିଯୋଗ ଅନୁଯାୟୀ ଯେ ତାହିରର ଅନେକ ସେଲ୍ କମ୍ପାନୀ ଅଛି । ପ୍ରାୟ ଦେଢ ମାସ ପୂର୍ବରୁ ଇଡି ପିଏମଏଲଏ ଅଧୀନରେ ଏକ ମାମଲା ରୁଜୁ କରିଥିଲା । ଅଭିଯୋଗ ହୋଇଛି ଯେ ତାହିର ନକଲି କମ୍ପାନୀ ବ୍ୟବହାର କରି ଦଙ୍ଗା ପାଇଁ ପ୍ରାୟ ୧ କୋଟି ୧୬ ଲକ୍ଷ ଟଙ୍କା ଅର୍ଥ ପ୍ରଦାନ କରିଛନ୍ତି । ମନି ଲଣ୍ଡରିଂ ଯାଂଚ ମାମଲାରେ ଇଡି ମଙ୍ଗଳବାର ଦିନ ନିଲମ୍ବିତ ଆମ୍ ଆଦମୀ ପାର୍ଟି କାଉନସିଲର ତାହିର ହୁସେନ୍ ଙ୍କ ଦିଲ୍ଲୀ ଏବଂ ନୋଏଡା ସମେତ ୬ ଟି ଠିକଣା ଚଢାଉ କରିଛି । ସୂଚନାଯୋଗ୍ୟ ଯେ ଦିଲ୍ଲୀରେ ସିଏଏ ବିରୋଧରେ ହୋଇଥିବା ହିଂସାକାଣ୍ଡରେ ମୋଟ ୫୩ ଜଣଙ୍କର ମୃତ୍ୟୁ ଘଟିଥିଲା । ମାର୍ଚ୍ଚରେ ଦିଲ୍ଲୀ ଦଙ୍ଗାରେ ହୋଇଥିବା ଅର୍ଥର ଯାଂଚ ପାଇଁ ଇଡି ଦୁଇଟି ମାମଲା ରୁଜୁ କରିଥିଲା ଯେଉଁଥିରେ ପ୍ରଥମ ମାମଲା ତାହିର ହୁସେନ୍ ବିରୋଧରେ ଏବଂ ଦ୍ୱିତୀୟ ମାମଲା ପିଏଫଆଇ ବିରୋଧରେ ପଞ୍ଜିକୃତ ହୋଇଥିଲା ।

# ପାରାଦ୍ୱୀପ ମଦ ବ୍ୟବସାୟୀଙ୍କର ସନ୍ଦେହଜନକ ମୃତ୍ୟୁ

ପାରାଦ୍ୱୀପ,୨୩।୬ (ନି.ପ୍ର): ପାରାଦ୍ୱୀପ ନେହେରୁ ବଙ୍ଗଳା ମାର୍କେଟ କମ୍ପଲେକ୍ସରେ ଥିବା ଏକ ମଦ ଦୋକନର ମାଲିକଙ୍କର ମୃତଦେହ ପାରାଦ୍ୱୀପ ମେରାଇନ୍ ପୋଲିସ ସୋମବାର ଦିନ ଉଦ୍ଧାର କରିଛି । ଘଟଣାରୁ ପ୍ରକାଶ ଯେ, ପାରାଦ୍ୱୀପ ନେହେରୁ ବଙ୍ଗଳା ମାର୍କେଟ କମ୍ପଲେକ୍ସରେ ତୀର୍ଥବାସୀ ସାହୁ ନାମକ ଜୈନିକ ବ୍ୟବସାୟୀ ଦୀର୍ଘ ଦିନ ହେବ ମଦ ଦୋକାନ କରିଆସୁଥିଲେ । ତେବେ ଶୁକ୍ରବାର ଠାରୁ ଦୀର୍ଥବାସୀ କେଉଁଆଡେ ନିଖୋଜ ହୋଇଯାଇଥିଲେ । ଶନିବାର ଓ ରବିବାର ଦୁଇଦନ ସଟ୍‌ଡାଉନ୍ ଥିବାବେଳେ ସୋମବାର ଦିନ ମଦଦୋକନ ଠାରୁ ପ୍ରାୟ ୧୦ ମିଟର ଦୂରରେ ଏକ ଚାଳଘରେ ତୀର୍ଥବାସୀଙ୍କର ଗଳିତ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ପାରାଦ୍ୱୀପ ମେରାଇନ୍ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ବେହେରା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବାସହ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି । ବ୍ୟବସାୟୀକ ଦ୍ୱନ୍ଦ କିମ୍ବା ଅର୍ଥ କାରବାରକୁ ନେଇ କେହି ଦୀର୍ଥଙ୍କର ହତ୍ୟା କରିଥାଇପାରେ ବୋଲି ପରିବାର ଲୋକେ ସନ୍ଦେହ କରିଛନ୍ତି । ତେବେ ପୋଷ୍ଟମଟମ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ଥାନା ଅଧିକାରୀ କହିଛନ୍ତି । ପାରାଦ୍ୱୀପ ମେରାଇନ୍ ଥାନାରେ ୪/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଅଧିକାରୀ ଶ୍ରୀ ବେହେରା କହିଛନ୍ତି । ମୃତ ତୀର୍ଥବାସୀଙ୍କର ଘର କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଆଶ୍ରମ ବାଲିକୁଦା ଗ୍ରାମରେ ବୋଲି ଜଣାପଡିଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କଲା ମାନବ ସୁରକ୍ଷା ସଂଗଠନ

କେନ୍ଦ୍ରାପଡ଼ା,୨୩।୬ (ନି.ପ୍ର): ମାନବ ସୁରକ୍ଷାଜନ ଜାଗରଣ ସଂଗଠନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସଂଗଠନର ସଦସ୍ୟ ମାନେ ସୋମବାର ଦିନ ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟରେ ପହଁଚି କରୋନା ମହାମାରୀ ସଂକ୍ରମଣ ନିୟନ୍ତ୍ରଣରେ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ କରୋନା ଯୋଦ୍ଧା ଭାବେ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ରାଜ୍ୟ ସାଧାରଣ ସଂପାଦକ ରତୀ ରଞ୍ଜନ ପଟ୍ଟନାୟକ ସଂପାଦକ ପ୍ରସାଦ ସାମନ୍ତରାୟ, ଜିଲ୍ଲା ସଂପାଦକ ଅଲେଖ ନାଥ ଶର୍ମା, ହିମାଂଶୁ ମହାନ୍ତି, ଆଜାଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଭଦ୍ରକରେ ଏଆଇସିସିଟିୟୁ ଓ ଏଆଇସିଡବ୍ଲ୍ୟୁଏଫ୍ ପକ୍ଷରୁ ଶ୍ରମିକଙ୍କ ସାତଦଫାଦାବୀ ନେଇ ବିକ୍ଷୋଭ

ଭଦ୍ରକ, ୨୩/୬ (ହି.ସ.) - ଭଦ୍ରକରେ ନିର୍ମାଣ ଶ୍ରମିକ ଓ ପ୍ରବାସୀ ଶ୍ରମିକମାନଙ୍କର ସାତଦଫା ଦାବୀ ନେଇ ଏଆଇସିସିଟିୟୁ ଓ ଏଆଇସିଡବ୍ଲ୍ୟୁଏଫ୍ ପକ୍ଷରୁ ସର୍ବଭାରତୀୟ ପ୍ରତିବାଦ ଦିବସରେ ମଣ୍ଡଳ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଅଛି । ଶ୍ରମିକନେତା ସମର ବଳଙ୍କ ନେତୃତ୍ୱରେ ଶତାଧିକ ନିର୍ମାଣ ଶ୍ରମିକମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ପ୍ରତ୍ୟେକ ପଞ୍ଜୀକୃତ ଓ ଅଣପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କୁ କରୋନା ମହାମାରୀ ସମୟରେ ମାସିକ ଦଶହଜାର ଟଙ୍କା ସହୟତା ଦିଆଯାଉ । ସେହିପରି ସମସ୍ତ ପଞ୍ଜୀକୃତ ଓ ଅଣପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କୁ ମାଗଣରେ ରାସନ୍ ସାମଗ୍ରୀ ଯୋଗାଇ ଦିଆଯାଉ। ପ୍ରବାସୀ ଶ୍ରମିକମାନଙ୍କୁ ନିଜ ଅଂଚଳରେ ତୁରନ୍ତ କାମ ଯୋଗାଇ ଦିଆଯିବା ସହ ବାହାର ରାଜ୍ୟରେ ସେମାନଙ୍କର ପୂର୍ବନିଯୁକ୍ତିକୁ ସୁନିର୍ଶ୍ଚିତ କରାଯାଉ। ବାକୀ ପଡିଥିବା ଶ୍ରମ କାର୍ଯ୍ୟାଳୟମାନଙ୍କରେ ନବୀକରଣକୁ ତୁରନ୍ତ ସମାପ୍ତ କରାଯାଉ। କରୋନା ସହାୟତା ପନ୍ଦରଶହ ଟଙ୍କାରୁ ବଂଚିତ ହୋଇଥିବା ନିର୍ମାଣ ଶ୍ରମିକକୁ ତୁରନ୍ତ ପ୍ରଦାନ କରାଯାଉ। ନୂତନ କାର୍ଡ ଓ କାର୍ଯ୍ୟାଳୟରେ ପଡି ରହିଥିବା ଦରଖାସ୍ତକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ତୁରନ୍ତ କାର୍ଡପ୍ରଦାନ କରାଯାଉ ।ଏମଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ ଦୈନିକ ମଜୁରୀ ପାଁଚଶହ ଟଙ୍କା ପ୍ରଦାନ କରାଯାଉ ବୋଲି ଶ୍ରମିକ ସଂଗଠନ ପକ୍ଷରୁ ସାତଜଣ ପ୍ରତିନିଧିଦଳ ସାତଦଫା ଦାବୀ ନେଇ ମଣ୍ଡଳ ଶ୍ରମ ଆୟୁକ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଅଛି ।ସେହିପରି ରଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ କରୋନା ମହାମାରୀ ସମୟରେ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ସମ୍ବାଦ ପରିବେଷଣ କ୍ଷେତ୍ରରେ ସୁରକ୍ଷା ଯୋଗାଇ ଦିଆଯିବାକୁ ଏଆଇସିସିଟିୟୁ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଦୃଢ ଦାବୀକରାଯାଇଛି । ତୁରନ୍ତ ରାଜ୍ୟ ସରକାର ଏ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବାକୁ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ବିକ୍ଷୋଭ ପ୍ରଦର୍ଶନ ପୂର୍ବରୁ ସଂଗଠନ ପକ୍ଷରୁ ଭାରତ-ଚୀନ ସୀମାନ୍ତରେ ସଂଘର୍ଷଘଟି କୋଡିଏ ଜଣ ଭାରତୀୟ ସୈନିକ ସହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ସରକାରଙ୍କ କୋଭିଡ୍ ନିୟମାନୁଯାଇ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।ଏହି ବିକ୍ଷୋଭରେ ଶ୍ରମିକନେତା ସମର ବଳ, ଗୟାଧର ସେଣ, ପୂର୍ଣ୍ଣଚନ୍ଦ୍ର ଦାସ, ବିଶ୍ୱରଂଜନ ବେହେରା, କଳ୍ପନା ସ୍ୱାଇଁ, ସାନିରାଣୀ ମାରଣ୍ଡି, ରମାକାନ୍ତ ଦାସ, ସଂଗ୍ରାମ ବଳ, ଜୟନ୍ତି ବିଶ୍ୱାଳ, ମିଥୁନ୍ ପାତ୍ର, ସୁକୁରା ପାତ୍ର, ସରସ୍ୱତୀ ଜେନା, କୁନ୍ତଳା ପାତ୍ର, ମଲ୍ଲୀ ପାଣ୍ଡବ, କାଳନ୍ଦୀ ସ୍ୱାଇଁ, ଅଭିମନ୍ୟୁ ବାରିକ୍, ଗଣେଷ ବାରିକ୍, ଚିତ୍ତରଂଜନ ବେହରା, ସେବତୀ ଓଝା, ଜଗନ୍ନାଥ ରଥ, ଗଜେନ୍ଦ୍ର ରାଉତ, ହେମ ବେହେରା, ଗାୟତ୍ରୀ ବେହେରା, ରଂଜିତ ଜେନା ପ୍ରମୁଖ ଶତାଧିକ ନିର୍ମାଣ ଶ୍ରମିକମାନେ ନିଜର ନ୍ୟାର୍ଯ୍ୟ ଅଧିକାରୀ ପାଇଁ ଆନ୍ଦୋଳନରେ ଯୋଗେଦେଇଥିଲେ।

# କୋଭିଡ୍-୧୯ ପରିସ୍ଥିତିରେ ଖାଦ୍ୟ ସୁରକ୍ଷାକୁ ସୁନିର୍ଶ୍ଚିତ କରାଯାଇଛି : ଯୋଗାଣ ମନ୍ତ୍ରୀ ଶ୍ରୀ ସ୍ୱାଇଁ

## ୧୧ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟ ଶସ୍ୟ ବଣ୍ଟନ : ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩,୮୪, ୯୫୯ ଜଣ ନୂତନ ହିତାଧିକାରୀ ସାମିଲ

ଭୁବନେଶ୍ୱର,୨୩।୬ (ନି.ପ୍ର): କୋଭିଡ୍-୧୯ ଯୋଗୁଁ ସାରା ବିଶ୍ୱରେ ସୃଷ୍ଟି ହୋଇଥିବା ଏକ ଅସ୍ୱାଭାବିକ ପରିସ୍ଥିତିରେ ଜନସାଧାରଣଙ୍କ ଖାଦ୍ୟ ନିରାପତାକୁ ପ୍ରାଥମିକତା ପ୍ରଦାନ ପୂର୍ବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏପ୍ରିଲ-ମେ-ଜୁନ ମାସର ଆଗୁଆ ରାସନ ସାମଗ୍ରୀ ଏକକାଳୀନ ରାସନ କାର୍ଡଧାରୀମାନଙ୍କୁ ଯୋଗାଇ ଦିଆଯାଇ ସେମାନଙ୍କର ଖାଦ୍ୟ ସୁରକ୍ଷାକୁ ନିର୍ଶ୍ଚିତ କରାଯାଇଥିଲା ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ମୋଟ ୧୧ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟ ଶସ୍ୟ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କ ୩ ମାସର ଏକ କାଳୀନ ଆଗୁଆ ରାସନ ପ୍ରଦାନ କାର୍ଯ୍ୟ ଶେଷ ହୋଇଛି । ଏ ବାବଦରେ ୯୨ ଲକ୍ଷ ୯୬ ହଜାର ୩୨୩ ଜଣ କାର୍ଡଧାରୀ ପରିବାରକୁ ମୋଟ ୫.୬୪ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟ ଶସ୍ୟ ବଣ୍ଟନ କରାଯାଇଛି । ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀଙ୍କୁ ଏପ୍ରିଲ, ମେ ଓ ଜୁନ୍ ୩ ମାସର ଏକକାଳୀନ ଚାଉଳ ଓ ଡାଲି ବିନା ମୂଲ୍ୟରେ ଯୋଗାଇ ଦିଆଯାଇଛି । ଅଦ୍ୟାବଧି ମୋଟ ୮୯ ଲକ୍ଷ ୯୦ହଜାର ୫୮୩ କାର୍ଡଧାରୀଙ୍କୁ ବିନା ମୂଲ୍ୟରେ ୪.୮୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଏବଂ ୨୭ ହଜାର ୯୬୬ ମେଟ୍ରିକ୍ ଟନ୍ ଡାଲି ଯୋଗାଇ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କୋଭିଡ୍-୧୯ ପରିପ୍ରେକ୍ଷୀରେ ଅଦ୍ୟାବଧି ୯୨.୩୭ ଲକ୍ଷ କାର୍ଡଧାରୀ ପରିବାରଙ୍କୁ କାର୍ଡ ପିଛା ୧୦୦୦ ଟଙ୍କା ନଗଦ ରିଲିଫ୍ ଆକାରରେ ୯୨୩ କୋଟି ୭୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ହିତାଧିକାରୀଙ୍କୁ ସାମିଲ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଅଦ୍ୟାବଧି ୧ ଲକ୍ଷ ୫୩ ହଜାର ୮୪୭ଟି ପରିବାରର ୩ ଲକ୍ଷ ୮୪ ହଜାର ୯୫୯ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ରାସନ ସାମଗ୍ରୀ ଯୋଗାଇ ଦିଆଯାଇଛି । ଏହି ପ୍ରକ୍ରିୟା ଚାଲୁ ରହିଛି । ଏତଦ୍ ବ୍ୟତୀତ ଭାରତ ସରକାରଙ୍କ ଆତ୍ମ ନିର୍ଭର ଭାରତ ଅର୍ଥନୈତିକ କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକ ପରିବାରଙ୍କୁ ମୁଣ୍ଡ ପିଛା ୫ କେଜି ଚାଉଳ ହିସାବରେ ୨ ମାସ ପାଇଁ ୧୦ କେଜି ଚାଉଳ ଓ ପରିବାର ପିଛା ୧ କେଜି ଚଣା ହିସାବରେ ୨ ମାସ ପାଇଁ ୨ କେଜି ଚଣା ବିନା ମୂଲ୍ୟରେ ଯୋଗାଇଦିଆଯାଇଛି ।

# ବଜରଙ୍ଗ ଦଳ ନେତା ଗିରଫ ମାମଲା, ପୁଲିସ ପ୍ରତିଶୋଧ ପରାୟଣ ହୋଇଥିବା ଅଭିଯୋଗ ଆଣିଲେ କର୍ମୀ

ରାଉରକେଲା,୨୩।୬ (ନି.ପ୍ର): ରାଉରକେଲା ର ବଜରଙ୍ଗ ଦଳ ନେତା ରାଜେଶ ସିଂ ଙ୍କୁ ଗତକାଲି ରାଉରକେଲା ପୁଲିସ ଏକ ଚୋରା ବନ୍ଧୁକ ସହ ଗିରଫ କରିବା ମାମଲାରେ ବଜରଙ୍ଗଦଳ କର୍ମୀ ମାନେ ଉତ୍ୟକ୍ତ ହୋଇ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୁଲିସ ପ୍ରତିଶୋଧ ପରାୟଣ ହୋଇ ଏଭଳି କରିଛି ବୋଲି ଅଭିଯୋଗ ଆଣିଛନ୍ତି । ଗତକାଲି ଏନେଇ ପୁଲିସ ରାଜେଶଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଏକ ଚୋରା ବନ୍ଧୁକ ଜବତ କରିଥିଲା ।ପରେ ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଥିଲା । ପରେ ସଂଧ୍ୟାରେ ଶତାଧିକ ବଜରଙ୍ଗ ଦଳ କର୍ମୀ ଏକତ୍ରିତ ହୋଇ ଛେଣ୍ଡ ଓ ଉଦିତନଗର ଥାନା ସମ୍ମୁଖରେ ବିକ୍ଷୋଭ କରିବା ସହ ରାଜେଶ ବାବୁଙ୍କୁ ଛାଡିଦେବାକୁ ଦାବି ଜଣାଇଥିଲେ ।ଏତିକି ବେଳେ ଉପସ୍ଥିତ କର୍ମୀ ମାନେ ପୁଲିସ ବିରୋଧରେ ଅଭିଯୋଗ ଆଣିଥିଲେ । ଏଥିରେ କର୍ମୀ ପବିତ୍ର ମହାନ୍ତି ଓ ରଶ୍ମି ରଂଜନ ବେହେରା କହଛନ୍ତି ଯେ,ନାଳା ରୋଡ ଅଂଚଳର ଏକ ମୃତ ଦେହକୁ ନେଇ ହୋଇଥିବା ଶୋଭାଯାତ୍ରା ଭିଡିଓ ସହ ରାଜୁ ଭାଇ ସୋସିଆଲ ମିଡିଆରେ ପ୍ରଥମେ ପୋଷ୍ଟ କରିବା ପରେ ବିଭିନ୍ନ ମିଡିଆ ରେ ଏହି ଖବର ଆସିବା ଆରମ୍ଭ ହୋଇଥିଲା ଓ ଏନେଇ ଅନେକ ପ୍ରଶ୍ନ ଠିଆ ହୋଇଥିଲା । ଏଥିରେ କ୍ରୋଧାନ୍ୱିତ ହୋଇ ପୁଲିସ ରାଜେଶଙ୍କୁ ମିଥ୍ୟା ମାମଲାରେ ଗିରଫ କରିଛି ବୋଲି ଦଳର କର୍ମୀମାନେ ଅଭିଯୋଗ କରିଛନ୍ତି । ଅନ୍ୟ ପଟେ ଏହି ଭିଡିଓ ରାଜୁ ବାବୁ ସୋସିଆଲ ମିଡିଆରେ ଛାଡିବା ପୁର୍ବରୁ ଏକ ଜାତୀୟ ଚାନେଲ ଏହିଖବର ଦେବାସହ ଏହି ଭିଡିଓ କୁ ଦେଖାଇ ସାରିଥିଲା । ତା ଛଡା ଅନ୍ୟ କେତେକ ସୋସିଆଲ ମିଡିଆ ପୃଷ୍ଠାରେ ମଧ ଏହା ଆସି ସାରିଥିଲା ତେଣୁ ଏହି ଅଭିଯୋଗ କୁ ନେଇ ସହରରେ ତର୍କ ବିତର୍କ ବିଭିନ୍ନ ମହଲରେ ଜାରୀ ରହିଛି । ଅନ୍ୟ ପକ୍ଷରେ ରାଜୁ ବାବୁଙ୍କର ପୁର୍ବ ରେକର୍ଡକୁ ନେଇ କିଛି ଲୋକ ନାନା କଥା ପ୍ରଚାର କରୁଥିବା ବେଳେ ସେ ପୁର୍ବରୁ ଛନ୍ଦି ହୋଇଥିବା ମାମଲା ଗୁଡିକରେ ଦୋଷ ମୁକ୍ତ ହୋଇଥିବା କୁହାଯାଇଛି । ଏହି ସବୁ କଥାକୁ ଦୃଷ୍ଟିରେ ରଖି ହଠାତ ଏଭଳି ଚଢଉକୁ ନେଇ ଏବେ ବିଭିନ୍ନ ମହଲରେ ନାନା କଥା ଆଲୋଚନା ହେବା ସହ ଅନେକ ପ୍ରଶ୍ନ ଉଠିଛି । ଯଦି ରାଜୁ ସିଂ ଯଦି ନିୟମିତ ବନ୍ଧୁକ ସହ ରହୁଥିଲେ ତେବେ ପୁଲିସ ଏକଥା ଜାଣିବା ଲାଗି ଏତେଦିନ କେମିତି ଲାଗିଲା ? ସେକ୍ଟର-୩ ଥାନା ପଛ ପଟେ ରାଜୁଙ୍କର ବଜରଙ୍ଗ ଦଳ ଅଫିସ ,ସେ ସବୁ ବେଳେ,ସେଠାରେ ରହିବା ସହ ଆଖ ପାଖରେ ବୁଲା ଚଲା କରୁଥିଲେ, ଆଜି ଯାଏ ତାଙ୍କୁ ଧରିବାରେ ସମସ୍ୟା କଣ ରହିଥିଲା ବୋଲି ପ୍ରଶ୍ନ ହେଉଛି । ଯଦି ଧରାଯାଇଛି ତେବେ ସେ ଏହି ବନ୍ଧୁକ କେଉଁଠୁ ଆଣିଲେ ,କିଏ ଦେଲା ଓ ଏହା ପଛର ରାକେଟ ମଧ୍ୟ ପୁଲିସ ବାହାର କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି । ରାଜୁ ବାବୁଙ୍କ ମାମଲା ରେ ଆଗାମୀ ଦିନରେ ପୁଣି ଆନ୍ଦୋଳନ ହେବ ବୋଲି ଚେତା ବନୀ ଦିଆଯଘାଇଛି ।ରାଉରକେଲା ସହର ଝାଡଖଣ୍ଡ ବିହାର ସିମାନ୍ତରେ ଥିବାରୁ ସେ ସବୁ ଅଂଚଳରୁ ବହୁଳ ପରିମାଣର ଚୋରା ବନ୍ଧୁକ ସହର ଓ ଜିଲ୍ଲାକୁ ପ୍ରବେଶ କରୁଥିବା ନେଇ ଅନେକ ଖବର ଅତିତରେ ଗଣମାଧ୍ମରେ ପ୍ରକାଶ ପାଇଛି । ଅନେକ ଚୋରା ବନ୍ଧୁକ ମଧ ପୁଲିସ ଅତିତରେ ଜବତ କରିଛି । ହେଲେ ଆଜି ଯାଏ ଏହାର ମୁଳ ଯାଗାରେ ପୁଲିସ ପହଁଚି ପାରିନାହିଁ ।

# ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଏବଂ ଅସମର୍ଥ ମାନଙ୍କ ପାଇଁ ଦୁଆର ମୁହଁରେ ବ୍ୟାଙ୍କି ସେବା ପ୍ରଦାନ

ଭୁବନେଶ୍ୱର,୨୩।୬ (ନି.ପ୍ର): କରୋନା ମହାମାରୀ ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ଏବଂ ବୟସ୍କ ଭିନ୍ନକ୍ଷମମାନେ ଘରେ ରହିବାକୁ ପରାମର୍ଶ ଦିଆଯାଇଥିବା ବେଳେ ସେମାନେ ନିଜ ନିଜର ଜରୁରୀ ବ୍ୟାଙ୍କ ସମ୍ବନ୍ଧିତ କାର୍ଯ୍ୟ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ଉଚିତ୍ ବ୍ୟାଙ୍କ ସେବା ଯୋଗାଇ ଦିଆଯାଉ ନଥିବାରୁ ପ୍ରତ୍ୟେକଙ୍କ ଦୁଆର ମୁହଁରେ ଉପଯୁକ୍ତ ବ୍ୟାଙ୍କ ସେବା ଯୋଗାଇଦେବାକୁ ୨୦୧୭ ମସିହାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ମାର୍ଗଦର୍ଶିକା ଜାରି କରିଛନ୍ତି । ଏହି ନିର୍ଦ୍ଦେଶାବଳୀ ବ୍ୟାଙ୍କ ମାନଙ୍କ ଦ୍ୱାରା ଠିକ୍ ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ଅର୍ଥ ସଚିବ ରାଜ୍ୟର ବ୍ୟାଙ୍କ ମୁଖ୍ୟମାନଙ୍କୁ ତଥା ରିଜର୍ଭ ବ୍ୟାଙ୍କକୁ ତଦାରଖ କରିବା ପାଇଁ କହିଛନ୍ତି । ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ ବୟସ୍କ ବ୍ୟକ୍ତିମାନେ ଆକାଉଂଟରୁ ନଗଦ ଉଠାଣ, ଜମା, ଡିମାଣ୍ଡ ଡ୍ରାଫ୍ଟ ପ୍ରଦାନ, କେଓ୍ୱାଇସି ତଥ୍ୟ ଉପସ୍ଥାପନ ଇତ୍ୟାଦି ନିଜ ନିଜର ଘର ଦୁଆର ମୁହଁରେ ବ୍ୟାଙ୍କ ସେବା ପାଇପାରିବେ । ଏ ବାବଦରେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ସଚିବ ଗୁରୁତ୍ୱାରୋପ କରିଛନ୍ତି ।

# ଟାଟାସୁମୋ ସହ ୩୦ କେଜି ଗଞ୍ଜେଇ ଓ ୧ ଲକ୍ଷ ୧୩ ହଜାର ଜାଲ ନୋଟ୍ ଜବତ

## ପୁଲିସ୍ କନେଷ୍ଟବଲ ସମେତ ୩ ଗିରଫ,ଚାଲିଛି ଜାଲ ନୋଟ୍ ରାକେଟର ସନ୍ଧାନ

କନ୍ଧମାଳ,୨୩।୬ (ନି.ପ୍ର): ଆଜି ଜାଲ ନୋଟରେ ଗଞ୍ଜେଇ କାରବାର କରୁଥିବା ଏକ ରାକେଟ୍‌କୁ ଧରିବାରେ ଫିରିଙ୍ଗିଆ ଥାନା ପୁଲିସ୍ ସଫଳ ହୋଇଛି । ଏହି ମାମଲାରେ ଜଣେ ପୁଲିସ କନେଷ୍ଟବଲ୍ ସମେତ ୩ ଜଣଙ୍କୁ ଗିରଫ କରିଛି ପୁଲିସ୍ । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ପୁଲିସ୍ ଫିରିଙ୍ଗିଆ ଥାନା ଅନ୍ତର୍ଗତ ସିମିଲି ସାହି- ଡିମିରିଗୁଡା ରାସ୍ତାରେ ପେଟ୍ରୋଲିଂ କରୁଥିବା ବେଳେ ଏକ ଟାଟା ସୁମୋ ନଂ- ଓଆର୦୨ଏଟି-୯୩୬୯କୁ ସନ୍ଦେହଜନକ ଭାବେ ଯାଉଥିବା ଦେଖି ଚଢାଉ କରିଥିଲା । ଚଢାଉ ବେଳେ ଗାଡିରୁ ୩୦ କେଜି ଗଞ୍ଜେଇ ଏବଂ ୧ ଲକ୍ଷ ୧୩ ହଜାର ଟଙ୍କାର ଜାଲ ନୋଟ ବାହାରିଥିଲା । ପୁଲିସ୍ ଉକ୍ତ ଟାଟାସୁମୋ ଗାଡି ସହ ଗଞ୍ଜେଇ ଓ ଜାଲ ନୋଟ୍ ଜବତ କରିବା ସହ ସୁମୋର ଥିବା ୩ ଜଣଙ୍କୁ ଗିରଫ କରି କରିଥିଲା । ଗିରଫ ୩ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ପୁଲିସ କନେଷ୍ଟବଲ ରହିଛନ୍ତି । ତାଙ୍କ ନାମ ବସନ୍ତ ନାହକ ଓ ସେ ବ୍ରାହ୍ମଣୀ ଗାଁ ଥାନାରେ କନେଷ୍ଟବଲ ଭାବେ କାର୍ଯ୍ୟରତ ଥିଲେ । ଗତ ୧୫ ତାରିଖରେ ଜଣେ ବ୍ୟକ୍ତିଙ୍କୁ ଧମକ ଚମକ ଦେଇ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଏସପି ତାଙ୍କୁ ଗତ ୧୬ ତାରିଖରେ କାର୍ଯ୍ୟରୁ ନିଲମ୍ବିତ କରବାସହିତ ଫୁଲବାଣୀ ରିଜର୍ଭ ପୁଲିସ୍ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗିରଫ ହୋଇଥିବା ଆଉ ଦୁଇ ଜଣ ବ୍ୟକ୍ତି ଫୁଲବାଣୀର ମଧୁସୁଦନ ଦିଗାଲ ଓ ବଳଭଦ୍ର ସାହଣୀ ଅଟନ୍ତି । ଏହି ୩ ଜଣଙ୍କ ନାମରେ ୪୮/୨୦୨୦ ମାମଲା ରୁଜୁ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି । ଜାଲନୋଟ୍ କାରବାର ରାକେଟକୁ ଧରିବାକୁ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ଏହାର ଲିଙ୍କ୍ କେଉଁଠି ସେ ନେଇ ତଦନ୍ତ ଚାଲିଛି ଏବଂ ଖୁବ ଶିଘ୍ର ଏହାର ପର୍ଦାଫାଶ ହେବ ବୋଲି ଥାନାଧିକାରୀ ଶ୍ୟାମ ସୁନ୍ଦର ରାଓ ସୂଚନା ଦେଇଛନ୍ତି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବେ ପାଲଟିଛି ଡେଞ୍ଜର ଜୋନ : କର୍ମଚାରୀ କରୋନା ଆକ୍ରାନ୍ତ ହେବା ପରେ ଆତଙ୍କରେ ଡାକ୍ତର, ନର୍ସ, ରୋଗୀ

## ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟଶୈଳୀ ପାଇଁ ସାଧାଣରେ ତୀବ୍ର ଅସନ୍ତୋଷ

ଭଦ୍ରକ, ୨୩/୬ (ହି.ସ.) - କରୋନା ମହାମାରୀକୁ ନେଇ ସବୁଠି ଆତଙ୍କ। ସରକାର କରୋନାର ମୁକାବିଲା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବା ସହ ସତର୍କତା ଅବଲମ୍ବନ କରିବା ସହିତ ଏଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିଚାଲିଛନ୍ତି। ସପ୍ତାହରେ ଶନିବାର ଓ ରବିବାର ରେଡ ଜୋନ୍ ଭାବେ ପରିଗଣିତ ଭଦ୍ରକ ଜିଲ୍ଲା ସମ୍ପୂର୍ଣ୍ଣ ସର୍ଟଡାଉନ୍ ରହୁଛି। ସମସ୍ତ ଧର୍ମାନୁଷ୍ଠାନ ବନ୍ଦ। ସମସ୍ତ ପ୍ରକାର ସମାଜିକ, ରାଜନୈତିକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ଉପରେ ମଧ ରୋକ ଲାଗିଛି। ମାସ୍କ ଓ ସାମାଜିକ ଦୂରତ୍ୱ ରକ୍ଷା ଭଳି ପ୍ରସଙ୍ଗରେ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି। ଏପରିପ୍ରେକ୍ଷୀରେ ଜନୈକ କରୋନା ଆକ୍ରାନ୍ତଙ୍କୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଯେପରି ଦାୟୀତ୍ୱହୀନ ଆଚରଣ ପ୍ରଦର୍ଶନ କରିଛି ତାହା ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ସାଢ଼େ ତିନି ମାସ ଧରି ଲକଡାଉନ୍, ସଟ୍‌ଡାଉନ୍ ଓ ଅନ୍‌ଲକ୍‌ର କଠୋର ନିୟମ ମଧ୍ୟରେ ଅଣନିଶ୍ୱାସୀ ହୋଇପଡ଼ିଥିବା ଜିଲ୍ଲାବାସୀଙ୍କୁ ଏହା ଯେତିକି ଆତଙ୍କିତ କରିଛି, ତା'ଠାରୁ ଅଧିକ ଉତ୍‌କ୍ଷିପ୍ତ କରିଛି। ପ୍ରଶାସନିକ ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲାରୁ ଗତକାଲି ନୂଆ ୧୧ କରୋନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧରୁ ୧୦ଜଣ କ୍ୱାରେଣ୍ଟାଇନ କେନ୍ଦ୍ରର ହୋଇଥିବାବେଳେ, ଅନ୍ୟଜଣେ ସ୍ଥାନୀୟ ଯୁବକ। ସଂପୃକ୍ତ ଯୁବକ ବାସୁଦେବପୁର ବ୍ଲକ କମାରଗାଁ ଅଞ୍ଚଳର ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ କମାରଗାଁ ଅଞ୍ଚଳର ଏହି ଯୁବକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବୋଲି ଜଣାପଡ଼ିଛି। ଗତକାଲି ସକାଳେ ତାଙ୍କୁ କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। କୋଭିଡ ହସପିଟାଲକୁ ସ୍ଥାନାନ୍ତର ପରେ ସେ କାର୍ଯ୍ୟ କରୁଥିବା ହସପିଟାଲ ମେଡିସିନ ଗୋଦାମକୁ ବିଶୋଧନ କରି ଓ ଏଥିରେ ତାଲା ପକାଇ ଚୁପ୍ ବସିଛି ସ୍ୱାସ୍ଥ୍ୟ ବିଭାଗ। ଗୋଟିଏ ଅଞ୍ଚଳରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ସଂପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ କରିବା ସହ କଣ୍ଟାକ୍ଟ ଟ୍ରେସିଂ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିର ଗ୍ରହଣ କରାଯାଇଥାଏ। ବିଶେଷକରି ଗୋଷ୍ଠି ସଂକ୍ରମଣ ଆଶଙ୍କାକୁ ଦୂର କରିବାକୁ ଏପରି ପଦକ୍ଷେପ ନିଆଯାଇଥାଏ। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ସେପରି କିଛି ନକରି ଜିଲ୍ଲା ଚିକିତ୍ସାଳୟର ଶତାଧିକ କର୍ମଚାରୀଙ୍କ ସମେତ ଏଠାକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ବିପଦ ମୁହଁକୁ ଠେଲି ଦେଇଛି ବୋଲି ଅଭିଯୋଗ ହୋଇଛି। ତଥ୍ୟ ଅନୁଯାୟୀ ସଂପୃକ୍ତ ଆକ୍ରାନ୍ତ ରଜ ପର୍ବ ପାଇଁ ନିଜ ଗାଁକୁ ଯାଇ ୧୪ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିଥିଲେ। ୧୭ତାରିଖ କାର୍ଯ୍ୟରେ ଯୋଗଦେଲେ। ଷ୍ଟକ୍ ରେଜିଷ୍ଟରରେ ତଥ୍ୟ ଦେଇ ବିଭିନ୍ନ ଓ୍ୱାର୍ଡ଼କୁ ଔଷଧ ଯୋଗାଇବା ତାଙ୍କର କାମ। ଏହାବ୍ୟତୀତ ମେଡିକାଲକୁ କୁକୁର, ବିଲୁଆ କାମୁଡ଼ିଥିବା ରୋଗୀଙ୍କ ସମେତ ଇନସୁଲିନ୍ ପରି ଇଂଜେକସନ୍ ନିୟମିତ ଦେଇଥାନ୍ତି। ତେବେ ମେଡିସିନ ଷ୍ଟୋର ଥିବା ବିଲଡିଂର ତଳ ମହଲାରେ ଏକ୍ସ-ରେ, ଏଡ଼ିଏମଓଙ୍କ କାର୍ଯ୍ୟାଳୟ, ଚର୍ମ ବିଭାଗ, ଦନ୍ତବିଭାଗ ସହିତ ନିଦାନ ବିଭାଗ ଓ ଆଉ କିଛି କାର୍ଯ୍ୟାଳୟ ରହିଛି। ତେଣୁ ସ୍ୱାଭାବିକ୍ ଭାବରେ ଏହି ବିଲଡିଂକୁ ସିଲ୍ କରିବା କଥା ଓ ଯେଉଁମାନଙ୍କ ସଂସ୍ପର୍ଶରେ ସେ ଆସିଥିବେ ସେମାନଙ୍କୁ କ୍ୱାରାଣ୍ଟାଇନ୍ ପଠାଯିବା କଥା। କିନ୍ତୁ ୧୭ ତାରିଖରୁ ୨୦ତାରିଖ ସକାଳ ପର୍ଯ୍ୟନ୍ତ ଏହି ଆକ୍ରାନ୍ତ କେତେ ଜଣଙ୍କ ସହିତ ସଂସ୍ପର୍ଶରେ ଆସିଛନ୍ତି ତାହାର କୌଣସି ବିବରଣୀ ଏପର୍ଯ୍ୟନ୍ତ ସଂଗ୍ରହ କରାଯାଇନାହିଁ। କେବଳ ଉକ୍ତ ମେଡିସିନ ଷ୍ଟୋରରେ ତାଲା ପକାଇ ନୀରବ ବସିଛି ପ୍ରଶାସନ। ଫଳରେ ଏହି ବିଭାଗରେ କାର୍ଯ୍ୟରତ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ଡ଼ାକ୍ତର, ନର୍ସ, ଟେକନିସିଆନ, ଅନ୍ୟାନ୍ୟ କର୍ମଚାରୀ, ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଭୟଭୀତ ଅବସ୍ଥାରେ ରହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ଅଧିକାରୀଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟ ପାଇଁ ସେମାନେ ଏବେ ବିପଦରେ ଅଛନ୍ତି ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ ବହୁ ଭୟାତୁର ସ୍ୱାସ୍ଥ୍ୟ କର୍ମଚାରୀ କହିଛନ୍ତି। ଏହାବ୍ୟତୀତ ବିଭାଗୀୟ ଅଧିକାରୀଙ୍କ ଏପରି କାର୍ଯ୍ୟ ଗୋଷ୍ଠି ସଂକ୍ରମଣ ପାଇଁ ବାଟ ଫିଟାଇବ ବୋଲି ମତପ୍ରକାଶ ପାଇଛି। ତେବେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ାକ୍ତର ପ୍ରଦୀପ ଖୁଣ୍ଟିଆ ଏହି କଥାକୁ ବେଶ ହାଲୁକା ଭାବେ ନେଇଛନ୍ତି। ଆମେ ମେଡିସିନ ଷ୍ଟୋର ସିଲ କରିଛୁ। ଉକ୍ତ ବିଲଡିଂକୁ ବିଶୋଧନ କରାଯାଇଛି। ଏମିତିରେ କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷା ହେଉଛି। ତଥାପି ଆକ୍ରାନ୍ତ ଯେଉଁମାନଙ୍କ ସହ ମିଶିଛନ୍ତି ସେମାନଙ୍କ ତଥ୍ୟ ସଂଗ୍ରହ କରି ଆବଶ୍ୟକ ପଡ଼ିଲେ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ଡ଼ାକ୍ତର ଖୁଣ୍ଟିଆ କହିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗର ଏପରି କାର୍ଯ୍ୟକୁ ନେଇ ସହରବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କରୋନା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକାଂଶ ରୋଗୀ ଡରରେ ଆସୁନଥିବାରୁ ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଥିବାବେଳେ, ଏହି ଘଟଣା ସହରରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିଗାଡ଼ିଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଗାଁରେ ବୁଲି ଶିକ୍ଷକ ପାଠ ପଢାଉଛନ୍ତି

ଭଦ୍ରକ, ୨୩/୬ (ହି.ସ.) - କରୋନା ବଦଳାଇ ଦେଇଛି ପାଠପଢା। ବିଦ୍ୟାଳୟର ଚାରିକାନ୍ଥ ମଧ୍ୟରେ ପାଠ ପଢୁଥିବା ପିଲାମାନେ ଏବେ ସ୍କୁଲ ଛାଡି ଗାଁ ଦାଣ୍ଡ, ମନ୍ଦିର ପିଣ୍ଡା ନଚେତ୍ ଗଛମୂଳରେ ବସି ପାଠ ପଢୁଥିବା ବେଳେ ଶିକ୍ଷକମାନେ ଗାଁ ଗାଁ ବୁଲି ସେମାନଙ୍କୁ ପାଠ ପଢାଉଛନ୍ତି। କରୋନା ମହାମାରୀ ଯୋଗୁଁ ସରକାର ସମସ୍ତ ଶିକ୍ଷାନୁଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିଦେଇଥିବାବେଳେ ପିଲାମାନଙ୍କୁ ପାଠ ପଢାଇବା ଲାଗି ଆଶ୍ରମ ସ୍କୁଲ ଗୁଡିକ ପକ୍ଷରୁ ଏହି ବ୍ୟବସ୍ଥା ଆପଣେଇ ନିଆଯାଇଛି। ଭଦ୍ରକ ଜିଲା ତିହିଡି ବ୍ଲକ୍‌ରେ ଥିବା ଦହପାଣିଆ ହାଇସ୍କୁଲ ଏବଂ କାନପୁର ଆଶ୍ରମ ସ୍କୁଲରେ ଏହି ଘଟଣା ଦେଖିବାକୁ ମିଳିଛି। କରୋନା ଯୋଗୁଁ ସରକାର ସ୍କୁଲ ଗୁଡିକୁ ବନ୍ଦ କରିଦେବା ପରେ ଆଶ୍ରମ ସ୍କୁଲର ଶିକ୍ଷକମାନେ ଆଶ୍ରମ ସ୍କୁଲ ସଂଲଗ୍ନ ଗାଁ ବୁଲି ବୁଲି ପିଲାଙ୍କୁ ପାଠ ପଢାଉଛନ୍ତି। ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା କେନ୍ଦ୍ରୀୟ ଲର୍ଣ୍ଣିଂ ମେଟେରିଆଲକୁ ବିଭିନ୍ନ ହ୍ୱାଟସଫ ଗ୍ରୁପ୍ ଜରିଆରେ ଛାତ୍ର ଛାତ୍ରୀଙ୍କୁ ଯୋଗାଇ ଦିଆଯାଇଥିବା ବେଳେ ପିଲାଙ୍କୁ ମୋବାଇଲ୍ ଅଡିଓ ଭିଜୁଆଲ ମାଧ୍ୟମରେ ଶିକ୍ଷକମାନେ ଗାଁ ଗାଁ ବୁଲି ପାଠ ପଢାଉଛନ୍ତି। ସରକାରଙ୍କ ଆଦିବାସୀ / ହରିଜନ ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ ଆରମ୍ଭ ହୋଇଛି ଏହି ପାଠ୍ୟକ୍ରମ। କାନପୁର ଆଶ୍ରମ ସ୍କୁଲରେ ପ୍ରାୟ ୩ ଶହ ଛାତ୍ରଛାତ୍ରୀ ଥିବାବେଳେ ୪ ଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି। ତେବେ କରୋନା କଟକଣା ଯୋଗୁଁ ସରକାର ଗତ ଅପ୍ରେଲ ମାସ ୨୬ ତାରିଖ ଠାରୁ ଏହି ଆଶ୍ରମ ସ୍କୁଲ ଗୁଡିକ ବନ୍ଦ କରିଦେଇ ପିଲାଙ୍କୁ ସେମାନଙ୍କ ଘରକୁ ପଠାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାଫଳରେ ପିଲାମାନଙ୍କ ପାଠପଢା ଗୁରୁତର ଭାବେ ପ୍ରଭାବିତ ହେବାରୁ ବିଭାଗ ପକ୍ଷରୁ ହ୍ୱାଟସଫ ଗ୍ରୁପ୍ ଜରିଆରେ ଅଡିଓ-ଭିଜୁଆଲ ମାଧ୍ୟମରେ ପାଠ ପଢାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପିଲାମାନଙ୍କୁ ଏହି ପାଠ୍ୟକ୍ରମ ବିଷୟରେ ଅଧିକ ଜ୍ଞାନ କୌଶଳ ଯୋଗାଇ ଦେବାକୁ ଶିକ୍ଷକମାନଙ୍କୁ ଗାଁ ଗାଁ ବୁଲି ଏଥିପାଇଁ ପିଲାମାନଙ୍କୁ ପାଠ ପଢାଇବାକୁ କୁହାଯାଇଛି। କାନପୁର ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ସରୋଜ ବିଶ୍ୱାଳଙ୍କ କହିବା ଅନୁଯାୟୀ ସ୍କୁଲରେ ପାଠ ପଢାଉଥିବା ୪ ଜଣ ଶିକ୍ଷକ ଏବେ ପାଖଆଖ ୫ଟି ଗାଁରେ ଦିନକୁ ଅନ୍ତତପକ୍ଷେ ୨/୩ ଟି କ୍ଲାସ୍ ସହିତ ସପ୍ତାହକୁ ନିହାତି ଭାବେ ୭ଟି କ୍ଲାସ ନେଇ ପିଲାମାନଙ୍କୁ ପାଠ ପଢାଉଛନ୍ତି। ପାଠ୍ୟକ୍ରମର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀମାନେ ନିୟମିତ ଭାବେ ଗାଁ ଗାଁ ବୁଲି ଉଭୟ ଛାତ୍ର ଏବଂ ଅଭିଭାବକଙ୍କ ସହ ମତ ବିନିମୟ କରୁଛନ୍ତି। ଯାହାକି ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ମଧରେ ଏକ ଉତ୍ତମ ଶିକ୍ଷା ବାତାବରଣ ସୃଷ୍ଟି କରିଥିବା କଥା ପ୍ରଧାନ ଶିକ୍ଷକ କହିଛନ୍ତି। ପିଲାମାନଙ୍କୁ ଅନଲାଇନ୍ ପାଠପଢା ସହିତ କରୋନା ସଚେତନତା କରାଯାଇ ପାରୁଛି ବୋଲି ସହକାରୀ ଶିକ୍ଷୟିତ୍ରୀ ସୁସ୍ମିତା ମଲ୍ଲିକ ଏବଂ ଶିକ୍ଷୟିତ୍ରୀ ବନିତା ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ସ୍କୁଲ ବନ୍ଦ ସମୟରେ ଆଦିବାସୀ ଏବଂ ହରିଜନ ବର୍ଗର ପିଲାଙ୍କ ପାଠପଢା ସକାଶେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଏହି ମେଟରସିଫ ପାଠ୍ୟକ୍ରମ ପରିସ୍ଥିତି ସ୍ୱାଭାବିକ ନହେବା ଯାଏ ଚାଲୁରହିବ ବୋଲି ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ କହିଛନ୍ତି।

## କୁକୁରକୁ ଅବସରକାଳୀନ ସରପ୍ରାଇଜ୍



କୁକୁରଙ୍କ ମଜାଦଦାର କାର୍ଯ୍ୟକଳାପ ସବୁବେଳେ ଇଣ୍ଟରନେଟ୍‌ରେ ଚର୍ଚ୍ଚାରେ ରହିଆସିଛି । ଆମେରିକୀୟ ବାସ୍କେଟ୍‌ବଲ ଖେଳାଳୀ ରେକ୍ସ ଚାପ୍‌ମ୍ୟାନ୍ ଏଭଳି ଏକ ଭିଡିଓ ଶେୟାର କରିଛନ୍ତି, ଯାହା ୟୁଜର୍‌ଙ୍କ ମନୋରଞ୍ଜନର ଖୋରାକ ହୋଇପାରିବ । ବୋମା ଚିହ୍ନଟକାରୀ କୁକୁରର ଏକ ଭିଡିଓ ରେକ୍ସ ଶେୟାର କରିଛନ୍ତି, ଯାହା ତା'ର ଚାକିରିକାଳର ଶେଷ ଦିନ ଥିଲା । ଅବସର ନେବା ଦିନ ଏକ ସୁନ୍ଦର ସରପ୍ରାଇଜ୍ ସେ ପାଇଲା, ଯାହା ଇଣ୍ଟରନେଟ୍‌ରେ ଭାଇରାଲ୍ ହେଉଛି । 'ଅବସର ପୂର୍ବରୁ କୁକୁରଟି ନିଜର ଶେଷ ସନ୍ଧାନ ପରେ ପୁରସ୍କାର ପାଇଛି' ବୋଲି ରେକ୍ସ କ୍ୟାପ୍‌ସନରେ ଲେଖିଛନ୍ତି । ଭିଡିଓରେ ଦେଖାଯାଇଛି, କୁକୁରଟି ଏକ ବଖରା ମଧ୍ୟରେ ପ୍ରବେଶ କରୁଛି । ଲାଲ୍, ଧଳା, କଳା, ନୀଳ ବେଲୁନ୍‌ରେ ବଖରାର କାନ୍ଥ ସଜ୍ଜିତ ହୋଇଛି । ଚଟାଣରେ ଏକ ଲାଲ୍ ରଙ୍ଗର ବ୍ୟାଗ୍ ପଡ଼ିଥିବା ଦେଖି କୁକୁରଟି ସିଧା ବ୍ୟାଗ୍ ପାଖକୁ ଦୌଡ଼ିଯାଉଛି ଏବଂ ତାକୁ ଶୁଙ୍ଘିବା ଆରମ୍ଭ କରିଦେଉଛି । ଏପରି କରିବା ପରେ ତା'ର ଶେଷ ସନ୍ଧାନର ଉତ୍ସବ ପାଳନପୂର୍ବକ ମେଞ୍ଚାଏ ଟେନିସ୍ ବଲ୍ ଚଟାଣରେ ଗଦା ହୋଇପଡୁଛି । ଏହା ପରେ ଉପସ୍ଥିତ ଲୋକମାନେ କୁକୁର ପାଇଁ ସରସ୍ପର ମଧ୍ୟରେ ଖୁସିର ଆଦାନପ୍ରଦାନ କରୁଛନ୍ତି । କୁକୁରଟି ଖୁବ୍ ଉତ୍ସାହର ସହ ସେମାନଙ୍କ ପାଖରେ ଖେଳୁଛି । ଏହି ବୋମା ସନ୍ଧାନକାରୀ କୁକୁରର ନାଁ 'ଟିରେଡୋ' । ୯/୧୧ ଆକ୍ରମଣରେ ପ୍ରାଣ ହରାଇଥିବା ଅଗ୍ନିସମ ଯୋଦ୍ଧା ହେକ୍ଟର ଲୁଇସ୍ ଟିରେଡୋଙ୍କ ନାମ ଅନୁସାରେ ତା'ର ନାମକରଣ ହୋଇଛି । ଟିରେଡୋର ଅବସରକାଳୀନ ସରପ୍ରାଇଜ୍ ଭିଡିଓ ଶେୟାର ହେବା ପରେ ସଙ୍ଗେ ସଙ୍ଗେ ଭାଇରାଲ୍ ହେଲା । ୧୬ ଲକ୍ଷରୁ ଅଧିକ ୟୁଜର୍ ଏହାକୁ ଦେଖିସାରିଲେଣି । ଲକ୍ଷାଧିକ କମେଣ୍ଟ ମଧ୍ୟ ମିଳିଛି ।

## ନାପ୍ ପଡସ୍

ବ୍ୟସ୍ତ ବହୁଳ ଜୀବନରେ ଶାନ୍ତିରେର ଶୋଇବା ପାଇଁ କାହା ପାଖରେ ପର୍ଯ୍ୟାପ୍ତ ସମୟ ନଥାଏ । ନିଦ୍ରା ପୂରଣ ନହେବା ଯୋଗୁଁ ଅବସାଦ ସହିତ ଅନିଦ୍ରା ଭଳି ରୋଗ ହୋଇଥାଏ । ଏହାକୁ ଧ୍ୟାନରେର ରଖି ନ୍ୟୁୟର୍କରର ଏକ କମ୍ପାନୀ 'ନାପ୍ ପଡସ୍' ନାମକ ଏକ ଚୌକି ତିଆରି କରିଛନ୍ତି । ଯେଉଁଥିରେ ବିଶ୍ରାମ କରାଯାଇପାରିବ । ଏଠାରେ ୨୦ ମିନିଟ୍ ଶୋଇବା ପାଇଁ ଅର୍ଥ ଦେବାକୁ ପଡ଼ିଥାଏ । କମ୍ପାନୀ ରିପୋର୍ଟ ଅନୁସାରେ, ନାପ୍ ପଡସ୍‌ରେ ୪୫ ମିନିଟ୍ ବିଶ୍ରାମ ନେବା ପାଇଁ ୨୫ ଡଲାର ଦେବାକୁ ପଡ଼ିଥାଏ । ୪୫ ମିନିଟ୍ ନିଦ ଆପଣଙ୍କ ଦିନସାରା ଥକ୍କାପଣର ଦୂର କରିବାରେର ସାହାଯ୍ୟ କରିଥାଏ । ତେବେ ଏହାର କଣ୍ଟେରିୟର୍ ମଧ୍ୟ ଖୁବ୍ ଆରାମ ଦାୟକ । ନରମ ଗଦି ଓ ତକିଆ, ନାପ୍ ପଡସ୍‌ରେର ପଡ଼ିଥାଏ । ଏଥିରେ ଶୋଉଥିବା ବ୍ୟକ୍ତିଙ୍କ ମୁହଁରେ ଆଲୋକ ପଡ଼ିବା ପାଇଁ ମୁଣ୍ଡ ପଟେ ଏକ ଛତା ଭଳି ଗୋଲାକାର ଢାଙ୍କୁଣି ରହିଥାଏ । ଏଠାରେ ଏକ ଇଅରଫୋନ୍ ମଧ୍ୟ ରହିଥାଏ ।




## ପୃଥିବୀର ନିର୍ଜନତମ ସ୍ଥାନ

ଗବେଷକମାନେ ପୃଥିବୀରେ ଏକ ଜଳଭାଗ ଠାବ କରିଛନ୍ତି, ଯେଉଁଠି କୌଣସି ପ୍ରକାର ଜୀବଜଗତରର ସଙ୍କେତ ନାହିଁ । ବସବାସର ସୀମା ସମ୍ପର୍କରେ ସେମାନେ ଅଧିକ ତଥ୍ୟ ଦେଇପାରିବେ ବୋଲି ଆଶାବାଦୀ । ନେଚର ଇକୋଲୋଜି ଆଣ୍ଡ୍ ଇଭୋଲ୍ୟୁସନ୍ ନାମକ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ଅନୁସାରେ, ଇଥିଓପିୟାର ଡଲୋଲ ଭୂତାପକ କ୍ଷେତ୍ରର ଉତ୍ତପ୍ତ, ଲୁଣିଆ ଓ ଉଚ୍ଚମାତ୍ରାର ଅମ୍ଳ ପୋଖରୀରେ କୌଣସି ପ୍ରକାର ସୂକ୍ଷ୍ମ ଜୀବର ଉପସ୍ଥିତି ନାହିଁ ବୋଲି ଗବେଷକମାନେ ଜାରିବାକୁ ପାଇଛନ୍ତି । ସ୍ପାନିଶ୍ ଫାଉଣ୍ଡେସନ୍ ଫର ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ଗବେଷକଙ୍କ ଅନୁସାରେ, ଏହା ନିରନ୍ତର ବିଷାକ୍ତ ଗ୍ୟାସ୍ ଉତ୍ପନ୍ନ କରୁଛି ଓ ତୀବ୍ର ଜଳତାପୀୟ ଗତିବିଧି ମଧ୍ୟରେ ଏହାର ପାଣି ଫୁଟୁଛି । ଗବେଷକଙ୍କ ଅନୁସାରେ, ଏହା ଆମ ଗ୍ରହର ଅନ୍ୟତମ ଉଷ୍ମ ପରିବେଶ ଯାହା ଶୀତଦିନେ ଦୈନିକ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ । ସେଥିପାଇଁ ଏହାକୁ ସେମାନେ ନିର୍ଜନତମ ସ୍ଥାନ ବୋଲି କହିଛନ୍ତି ।



## ଦୋକାନୀ ବିନା ଚାଲୁଛି ଦୋକାନ

ମିଜୋରାମର ଏକ ମଜାଦାର ପରମ୍ପରାକୁ ନେଇ ଇଣ୍ଟରନେଟ୍‌ରେ ଏବେ ଜୋରଦାର ଚର୍ଚ୍ଚାର ହେଉଛି । ବିଶ୍ୱବାସୀଠାରୁ ଅଧିକ ଶକ୍ତିଶାଳୀ ଏ ବିଶ୍ୱରେ କିଛି ନାହିଁ ବୋଲି ସ୍ପଷ୍ଟ କରିଛି । 'ମାଇଁ ହୋମ୍ ଇଣ୍ଡିଆ' ନିଜ ଔପଚାରିକ ଟ୍ୱିଟର୍ ଆକାଉଣ୍ଟରେ ମିଜୋରାମର 'ଦୋକାନୀବାହୀନ ଦୋକାନ' ବିଷୟରେ ଏକ ପୋଷ୍ଟ ଶେୟାର କରିଛି । ମିଜୋରାମର ସେଲିଂ ରାଜପଥ କଡ଼ରେ ଅନେକ ଦୋକାନ ରହିଛି, କିନ୍ତୁ ସେଠାରେ ଜଣେ ବି ଦୋକାନୀ ଆପଣଙ୍କୁ ନଜର ଆସିବେ ନାହିଁ । ଏହା ବଦଳରେ ପ୍ରତ୍ୟେକ ଦୋକାନ ନିକଟରେ ଏକ ଜମା ବାକ୍ସ ରଖାଯାଇଛି । ଆପଣଙ୍କର ଯାହା ଆବଶ୍ୟକ, ଦୋକାନରୁ ତାହା ନେଇପାରିବେ ଏବଂ ଜମା ବାକ୍ସରେ ଟଙ୍କା ପକାଇବେ । ଏଠାରେ କେବଳ ବିଶ୍ୱାସ ହିଁ ସବୁକିଛି । ଏହା ଆଧାରରେ ଦୋକାନ ସବୁ ଦୋକାନୀଙ୍କ ବିନା ଚାଲୁଛି । ଏହାକୁ 'ନଗା ଲୋ ଡ୍ୱାର କଲ୍‌ଚର ଅଫ୍ ମିଜୋରାମ' ବୋଲି କୁହାଯାଏ, ଯାହାର ଅର୍ଥ 'ଦୋକାନୀ ବିନା ଦୋକାନ' । 'ଯାହା ଇଚ୍ଛା ନେଇଯାଆନ୍ତୁ ଏବଂ ଟଙ୍କା ଜମା ବାକ୍ସରେ ରଖନ୍ତୁ । ଏସବୁ ଦୋକାନ 'ବିଶ୍ୱାସ'ର ସିଦ୍ଧାନ୍ତ ଉପରେ କାର୍ଯ୍ୟରତ' ବୋଲି ମାଇଁ ହୋମ୍ ଇଣ୍ଡିଆ କ୍ୟାପ୍‌ସନ ଲେଖିଛି । ଏହି ପରମ୍ପରା ଇଣ୍ଟରନେଟ୍‌ରେ ପ୍ରସାର ହେବା ପରଠୁ



ଟ୍ରେଣ୍ଡରେ ଅଛି । ଅନେକ ୟୁଜର୍ ଏହା ଉପରେ ନିଜ ନିଜ ପ୍ରତିକ୍ରିୟା ଦେଇଛନ୍ତି । ଏଭଳି ଦୋକାନ ସ୍ୱିଜରଲ୍ୟାଣ୍ଡ ଓ ଜର୍ମାନୀରେ ରହିଛି ବୋଲି ଅନେକ ଲେଖିଥିବା ବେଳେ ଭାରତରେ ଏଭଳି ଦୋକାନ ଥିବା ବିଷୟରେ ଜାଣି ଗର୍ବିତ ବୋଲି କିଛି ୟୁଜର୍ ଉଲ୍ଲେଖ କରିଛନ୍ତି ।

## ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ ।

-କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ ଅନେକାଂଶରେର ହ୍ରାସ ପାଇଥଏ ।

-ଲଣ୍ଡନର ଗବେଷକ ଦଳଙ୍କ ମତରେ ଯୋଗ କଲେ ଆମ ମସ୍ତିଷ୍କକୁ ଆବଶ୍ୟକ ପରିମାଣରେ ଅମ୍ଳଜାନ ମିଳେ, ଯାହା କାରଣରୁ ମନ ଶାନ୍ତ ରହୁଥିବାର ପରୀକ୍ଷାରୁ ଜଣାପଡ଼ିଛି ।

-ଯୋଗ ଗୁରୁଙ୍କ ତାମିଲରେ ୧୦ଦିନ କ୍ରମାଗତ ଯୋଗାଭ୍ୟାସ କଲେ ଏହାର ଉତ୍ତମ ପ୍ରଭାବ ଜାଣିହୋଇଥାଏ । ଯୋଗ ଆରମ୍ଭ ପୂର୍ବରୁ କିଛି ସମୟ ଆଖି ବନ୍ଦ କରି ଧ୍ୟାନ କରନ୍ତୁ ।



## ସୁନ୍ଦର ଅଥଚ ବିଷାକ୍ତ

ରୁଷ୍‌ର ସାଇବେରିଆସ୍ଥିତ ଏକ ଛୋଟ ହ୍ରଦରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ । ଗାଢ଼ ନୀଳ ରଙ୍ଗର ଏହି ହ୍ରଦ କୂଳରେ ବସି ସମୟ କାଟିବାର ଅଭିଜ୍ଞତା ଅଭୁଲା । ତଥାପି ହ୍ରଦଟି ପାଖକୁ ନ ଯିବା ପାଇଁ ନିଷେଧ ଜାରି କରାଯାଇଛି । କାରଣ ଏହା ହ୍ରଦ ଭଳି ଦୃଶ୍ୟମାନ ହେଉଥିଲେ ମଧ୍ୟ ପ୍ରକୃତରେ ବିଷାକ୍ତ ପାଣିରର ଏକ ବିଶାଳ ଜଳାଶୟ । ଏହି ହ୍ରଦ ପାଖରେ ଲୋକେ ଫଟୋ ଉଠାନ୍ତି । ହ୍ରଦର ବିଷାକ୍ତ ପାଣି ବିଷୟରେ ଜଣେ ଯୁବତୀ ସୂଚନା ଦେଇଥିଲେ । ସେ ଏକ ଫଟୋସୁଟ୍ ପାଇଁ ପାରି ମଧ୍ୟକୁ ପ୍ରବେଶ କରିଥିଲେ । ପାଣିରୁ ବାହାରିବା ପରେ ତାଙ୍କ ଦେହରୁ ଲାଲ୍ ଦାଗ ସୃଷ୍ଟି ହୋଇଥିଲା ଓ ଶ୍ୱାସପ୍ରଶ୍ୱାସ ନେବାରେର କଷ୍ଟ ଅନୁଭବ ହୋଇଥିଲା । ନିକଟସ୍ଥ ଏକ ପାଓ୍ୱାର୍ ପ୍ଲାଣ୍ଟ୍‌ରୁ ନିର୍ଗତ ତରଳ ରାସାୟନିକ ବର୍ଜ୍ୟବସ୍ତୁ ଜମା ହୋଇ ଏକ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି । ସହରରର ଲୋକମାନେ ଏହାର ନାମ ଦେଇଛନ୍ତି 'ସାଇବେରିଆନ୍ ମାଲଦୀଭ୍‌ସ' । ଏହାର ପାଣରରି ଏତେ ବିଷାକ୍ତ ଯେ ଏଥିରେ କୌଣସି ଜଳଚର ପ୍ରାଣୀ ଜୀବିତ ରହି ପାରନ୍ତି ନାହିଁ? କିନ୍ତୁ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ କହିବା ହେଲା ଏହି ହ୍ରଦର ପାଣି ବିଷାକ୍ତ ନୁହେଁ, ଅତ୍ୟଧିକ କ୍ଷାରୀୟ ଯୋଗୁ ଏପରି ହୋଇଛି ।



## ଜିମ୍‌କୁ ମିସ୍ କରୁଛନ୍ତି ସିଦ୍ଧାର୍ଥ

ରିଆଲିଟି ସୋ' ବିଗ୍ ବସ୍ ସିଜନ୍-୧୩ର ବିଜେତା ଅଭିନେତା ସିଦ୍ଧାର୍ଥ ଶୁକ୍ଲା ସବୁବେଳେ କିଛି ନା କିଛି କାରଣରୁ ଚର୍ଚ୍ଚାରେ ରହିଥାନ୍ତି । ଲକଡାଉନ୍‌ର ଏହି ପର୍ଯ୍ୟାୟରେ ସେ ନିଜ ପରିବାର ସହିତ ସମୟ ଅତିବାହିତ କରୁଛନ୍ତି । ତେବେ ଏହି ସମୟରେ ସିଦ୍ଧାର୍ଥ ଜିମ୍‌ରେ ଓ୍ୱାର୍କଆଉଟ୍‌କୁ ବହୁତ ମିସ୍ କରୁଛନ୍ତି । ଇନଷ୍ଟାଗ୍ରାମ ହ୍ୟାଣ୍ଡଲରେ ନିଜର ଏକ ସାର୍ଟଲେସ ଫଟୋ ପୋଷ୍ଟ କରି ସେ ଲେଖିଛନ୍ତି, ଜିମ୍‌କୁ ବହୁତ ମିସ୍ କରୁଛି । ଫଟୋରେ ସିଦ୍ଧାର୍ଥଙ୍କରର ୬ ପ୍ୟାକ୍ ବଡି ଦେଖାଯାଉଥିବା ବେଳେ ପ୍ରଶଂସକମାନେ ତାକୁ ଖୁବ୍ ପସନ୍ଦ କରୁଛନ୍ତି । ଏପର୍ଯ୍ୟନ୍ତ ତାକୁ ପ୍ରାୟ ୬ ଲକ୍ଷରୁ ଅଧିକ ଲାଇକ୍ ମିଳିଛି । ଓ୍ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ଗତ ମାର୍ଚ୍ଚ ମାସରେ ସିଦ୍ଧାର୍ଥ ପଞ୍ଜାବୀ ଅଭିନେତ୍ରୀ ଏବଂ ଗାୟିକା ଶେହନାଜ ଗିଲ୍‌ଙ୍କ ସହିତ ଏକ ଭିଡିଓ ଆଲବମ୍ 'ଭୁଲା ଦୁଙ୍ଗା'ରେ ନଜର ଆସିଥିଲେ । ସେଥିରେ ସିଦ୍ଧାର୍ଥ ଓ ଶେହନାଜଙ୍କ କେମିଷ୍ଟ୍ରିକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଥିଲେ ।

## କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟର ଆବଶ୍ୟକତା




ହୃଦ୍‌ରୋଗ, ରକ୍ତଚାପରୁ ବର୍ତ୍ତିବାକୁ ଚାହୁଁଥିଲେ ତଥା ନିଜ ମାଂସପେଶୀକୁ ଶକ୍ତ କରିବାକୁ ଚାହୁଁଥିଲେ ନିଜ ଖାଦ୍ୟପାନୀୟ ପ୍ରତି ସତର୍କ ହେବା ଜରୁରୀ । ପିଲାଙ୍କ ଭୋଜନ ନିମନ୍ତେ ମା' ମାନେ ପୋଷକତତ୍ତ୍ୱ ଭରପୂର ଖାଦ୍ୟତାଲିକା ପ୍ରସ୍ତୁତ କରିବା ଉଚିତ ।



♦ ଆମେରିକା ଲାଇବ୍ରେରୀ ଅଫ୍ ମେଡିସିନ୍‌ର ତଥ୍ୟ ଅନୁସାରେ, କ୍ୟାଲସିୟମ୍ ଉଚ୍ଚରକ୍ତଚାପ ସହିତ ଅଷ୍ଟିଓପୋରୋସିସ୍ ଜନିତ ରୋଗରୁର ରକ୍ଷା କରେ । କୋଲେଷ୍ଟେରଲ୍ ସ୍ତରକୁ ନିୟନ୍ତ୍ରଣରେର ରଖିବାକୁ ଚାହୁଁଥିଲେ ନିୟମିତ ୧୦୦୦ ମିଲିଗ୍ରାମ୍ ଯୁକ୍ତ କ୍ୟାଲସିୟମ୍ ଭରପୂର ଖାଦ୍ୟପାନୀୟ ସେବନ କରିବା ଉଚିତ ।

♦ ବଜାରରରେ ଓ ଅନ୍-ଲାଇନ୍ ସାଇଟ୍‌ରେ ଏବେ ଚିଆ ସିଡ୍ସ ମିଳୁଛି । ଭଲ କମ୍ପାନୀର ଦେଖି ଏହି ସିଡ୍ସ ଆଣନ୍ତୁ । ଜଳଖିଆରେ ଖିର କିମ୍ବା ଦହି ସହ ଚିଆ ସିଡ୍ସ ମିଶାଇ ଖାଇପାରିବେ । କ୍ୟାଲସିୟମ୍‌ର ଅନ୍ୟତମ ଉତ୍ତମ ସ୍ରୋତ ଭାବେ ଜଣାଯାଉଥିବା ଏଇ ସିଡ୍ସରେ କ୍ୟାଲସିୟମ୍ ଓ ଓମେଗା ଥ୍ରୀ ଏସିଡ୍ ଭରପୂର ରହିଛି ।

♦ ବିଭିନ୍ନ ପ୍ରକାରର ଡ୍ରାଏଫ୍ରୁଟସ୍ ମଧ କ୍ୟାଲସିୟସ୍ ଭରପୂର । ପେସ୍ତାବାଦାମ୍, ବାଦାମ, କିସ୍‌ମିସ୍ ଇତ୍ୟାଦି ଖାଇଲେ ମଧ ଶରୀରକୁ ଆବଶ୍ୟକ ପରିମାଣରେ ପୋଷକତତ୍ତ୍ୱ ମିଳିଥାଏ ।

♦ କମଳା ଫଳ ଖାଇବା ସହ ଏହାର ରସ ପ୍ରତିଦିନ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ବିଶେଷଜ୍ଞଙ୍କ ମତରେ ତ୍ୱଚା ଓ କେଶ ଉପରେରର ଉତ୍ତମ ପ୍ରଭାବ ପକାଉଥିବା କମଳା ରସ ଶରୀରକୁ ଆବଶ୍ୟକ ପରିମାଣରେର କ୍ୟାଲସିୟମ୍ ତତ୍ତ୍ୱ ଯୋଗାଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଲୀଳାମୟଙ୍କ ଲୀଳା...

ଲୀଳାମୟଙ୍କ ଲୀଳା ବିଚିତ୍ର । ଶ୍ରୀକ୍ଷେତ୍ର ପୁରୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସାମ୍ବତ୍ସରିକ ରଥଯାତ୍ରା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି । ତଦନୁସାରେ , କେବଳ ପୁରୀରେ ହିଁ ଘୋଷଯାତ୍ରା ଅନୁଷ୍ଠିତ ହେବ । ରାଜ୍ୟର ଅନ୍ୟତ୍ର ନୁହେଁ । ମହାମାରୀ କରୋନା ଯୋଗୁଁ ରଥଯାତ୍ରା ଉପରେ ମାତ୍ର କେଇଦିନ ତଳେ ରୋକ୍ ଲଗାଇଥିବା ରାୟକୁ ବଦଳାଇ ଏଭଳି ଅନୁମତି ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ସିଦ୍ଧାନ୍ତ କେବଳ ଜଗନ୍ନାଥପ୍ରେମୀ ଓଡ଼ିଆଙ୍କୁ ନୁହେଁ, ବିଶ୍ୱର କୋଟି କୋଟି ଶ୍ରଦ୍ଧାଳୁଙ୍କ ଶୁଷ୍କ ପ୍ରାଣକୁ ଯେଭଳି ଉଚ୍ଛାଟିତ କରିଦେଇଛି । ଏହାକୁ ସେଇ ଲୀଳାମୟଙ୍କ ଲୀଳା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପୁରୀ ସମେତ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହେବନାହିଁ ବୋଲି ଇତିପୂର୍ବରୁ ପ୍ରଧାନ ବିଚାରପତି ଏସ.ଏ. ବୋବଡେଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ରଥଯାତ୍ରା ବନ୍ଦ୍ ପାଇଁ ଦେଇଥିବା ନିର୍ଦ୍ଦେଶରେ କହିଥିଲେ ଯେ, ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ସେମାନେ ଏଭଳି ନିର୍ଦ୍ଦେଶ ଦେଉଛନ୍ତି । ଅନ୍ୟଥା ଜଗନ୍ନାଥ ମହାପ୍ରଭୁ ସେମାନଙ୍କୁ କ୍ଷମା ଦେବେନାହିଁ । କାରଣ ସାମାଜିକ ଦୂରତା ରକ୍ଷା ବିନା କରୋନା ସଂକ୍ରମଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି । କିନ୍ତୁ ଶ୍ରୀଜିଉମାନଙ୍କ ସାମ୍ବତ୍ସରିକ ରଥଯାତ୍ରା ଏଭଳି ଏକ ଉତ୍ସବ, ଯାହା ସହିତ ଶହ ଶହ ବର୍ଷର ଧର୍ମୀୟ ପରମ୍ପରା ଜଡ଼ିତ । ଏହାର ପ୍ରଭାବ ମନ୍ଦିରର ଅନ୍ୟ ନୀତିକାନ୍ତି ଉପରେ ମଧ ପଡ଼ିବାର ଆଶଙ୍କା ରହିଛି । ତେଣୁ ସମସ୍ତ ସାବଧାନତା ଓ କଟକଣା ପାଳନପୂର୍ବକ ରଥାଯାତ୍ରା ପାଇଁ ଅନୁମତି ଦେବା ସକାଶେ ସୁପ୍ରିମକୋର୍ଟଙ୍କ ନିକଟରେ ପୁନଃବିଚାର ଯାଚିକା ଦାଏର ହେବା, ତାହା ପଞ୍ଜୀକୃତ ହୋଇ ଏଭଳି ରାୟଅ ପ୍ରକାଶ ପାଇବା ଆଲୌକିକ ପରି ମନେହୁଏ । ରଥଯାତ୍ରା ଅନୁଷ୍ଠିତ କରାଇବାକୁ କେବଳ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ନୁହଁନ୍ତି, ଅବା ଗଜପତି ମହାରାଜ ଦିବ୍ୟସିଂହ ଦେବ ନୁହଁନ୍ତି, ଅଖିଳ ଭାରତୀୟ ସନ୍ଥ ସମିତିର ସ୍ୱାମୀ ଶଙ୍କରାନନ୍ଦ ଗିରି କୋଟି କୋଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ମନରେ ଉଠିଥିବା ଉଦ୍‌ବେଳନ ଓ ଆକାଂକ୍ଷାର ଏହା ପ୍ରତିଫଳନ ବୋଲି କୁହାଯାଇପାରେ । ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ଅନୁଷ୍ଠିତ ହେଉ, ଉତ୍ପନ୍ନ ପରିସ୍ଥିତି ଦୃଷ୍ଟିରୁ ଭକ୍ତ ସମାଗମ ଉପରେ କଠୋର କଟକଣା ଲଗାଯାଉ, ବିନା ଭକ୍ତରେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ବଡ଼ଦାଣ୍ଡରେ ଗଡୁ । କିନ୍ତୁ ପରମ୍ପରା ନଭାଙ୍ଗୁ । କାଳିଆ ସାଆନ୍ତ ନିଜ ଭାଇ ଭଉଣୀଙ୍କୁ ଧରି ନିଜ ଜନ୍ମବେଦିକୁ ଯାତ୍ରା କରନ୍ତୁ । ଏହା ହିଁ କୋଟି କୋଟି ଓଡ଼ିଆଙ୍କ ଅନ୍ତରର ସ୍ୱର ଥିଲା, ଯାହା ସାକାର ହେବାକୁ ଯାଉଛି । ଅତୀତରେ ରଥଯାତ୍ରା ବେଳେ ହଇଜା ଭଳି ମହାମାରୀକୁ ଓଡ଼ିଶାବାସୀ ସାମ୍ନା କରିଛନ୍ତି । ଏବେ ତ ସେ ଭୟ ନାହିଁ । ପରିସ୍ଥିତି ବଦଳିଛି । କରୋନା ଭୂତାଣୁ ସଂକ୍ରମଣ ଦୃଷ୍ଟିରୁ ବଡ଼ଦାଣ୍ଡ ଭକ୍ତଶୂନ୍ୟ ରଖାଯାଉ । କେବଳ ସୀମିତ ସେବାୟତ ଓ ପୁଲିସଙ୍କ ଦ୍ୱାରା ରଥ ଟଣାଯାଉ । ସମସ୍ତେ ପତିତପାବନଙ୍କ କରୁଣାରୁ ସୁରକ୍ଷିତ ରୁହନ୍ତୁ । ରାଜ୍ୟବ୍ୟାପୀ ଗତ ଚାରି ପାଞ୍ଚ ଦିନ ଧରି ଯେଉଁ ସ୍ୱର ଉଠିଥିଲା, ତାହାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ସର୍ତ୍ତମୂଳକ ଭାବେ ରଥଯାତ୍ରା ପାଇଁ ଅନୁମତି ପ୍ରଦାନ କରିବା ଏକ ସ୍ୱାଗତଯୋଗ୍ୟ ଓ ଅଭିନନ୍ଦନୀୟ ରାୟ । ତେବେ ଏହାକୁ ପାଳନ କରିବା ଏବେ ସରକାର ଓ ସେବାୟତ ତଥା ପୁଲିସ କର୍ମଚାରୀଙ୍କ ଦାୟିତ୍ୱ । ପହଣ୍ଡି ବିଜେଠାରୁ ଘୋଷଯାତ୍ରା, ଜନ୍ମବେଦି ବିଜେ, ପୁଣି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ, ସୁନାବେଶ ଇତ୍ୟାଦି ଭଳି ଯେଉଁ ରୀତିନୀତି ରହିଛି, ଶୃଙ୍ଖଳିତ ଓ ସଚେତନ ସେବାୟତମାନେ ତାହା ସଂପାଦନ କରନ୍ତୁ । ଏହାଦ୍ୱାରା ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ପରମ୍ପରା ବିଶ୍ୱକୁ ଏକ ଅନନ୍ୟ ବାର୍ତ୍ତା ଦେବ । ଘରେ ବସି ଟେଲିଭିଜନ ପର୍ଦ୍ଦାରେର ଶ୍ରଦ୍ଧାଳୁମାନେ ବଡ଼ଠାକୁରଙ୍କୁ ଦେଖିପାରିବେ । ଆଖି ବୁଜିଦେଲେ ଯେଉଁ ଦିଅଁ ସମ୍ମୁଖରେ ଉଭା ହୁଅନ୍ତି, ତାଙ୍କୁ ନଛୁଇଁଲେ ନାଇଁ, କଳ୍ପନାରେ ତ ଦେଖିହେବ, ହୃଦକନ୍ଦରରେ ଧାରଣ କରିହେବ । ପ୍ରଣିପାତ କରିହେବ । ତେଣୁ ଶେଷ ମୁହୂର୍ତ୍ତରେର ହେଲେ ସୁଦ୍ଧା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ସର୍ତ୍ତମୂଳକ ଅନୁମତି ଏକ ମହାନ୍ ପରମ୍ପରା ଓ ଜନତାଙ୍କ ଭାବାବେଗକୁ ଅତୁଟ ରଖିପାରିଛି ।




## ଅପେକ୍ଷା କରିଛି

ଶରତ ଚନ୍ଦ୍ର ଜାଲି

ଅପେକ୍ଷା କରିଛି ଆସିବେ ମୋର
ପ୍ରାଣଈଶ୍ୱର
ସଜେଇ କୁସୁମ ଗୁନ୍ଥିଛି ମାଳ ନାନା ପ୍ରକାର ।
ହୃଦୟ ବେଦୀରେ ବସାଇ ଧୋଇ ଦେବି
ପୟର
ମନ ମାନସିକ ପୂରଣ ତେବେ ହେବ
ମୋହର ।।

ଯେଉଁ ରୂପେ ତୁମେ ଆସିବ ମନମୋହନ ହରି
ଚିହ୍ନି ନପାରିଲେ ଚିହ୍ନାଇ ଦେବ ହେ
ଚକ୍ରଧାରୀ ।
ଘରରୁ ବାରବାର ଧାଉଁଛି ତରତର ବାହାରି
କାଳେ ତୁମେ ବୋଧେ ଆସୁଛ ଏଇ ଭାବନା
ଧରି ।।

ଆଖିନୀର ଝର ଝରୁଛି ତୁମ ଭାବେ ନିମଜ୍ଜି
ତୁମ ପଥ ଚାହିଁ ବସିଛି ମନ ଚାତକୀ
ସାଜି ।
ଯେତେ ହେଉପଛେ ବିଳମ୍ବ ଆସ ମୋଘର
ଖୋଜି
ଯାହା ତୁମେ ମତେ କହିବ ସେଇ କଥାରେ
ରାଜି ।।

ଯତନେ ରଖିଛି ନବୀନ ନବଭକତି ରସ
ପୂଜାର ସମ୍ଭାରେ ଅଭାବ ମୁଁତ ହୀନ
ମଣରିଷ ।
ନାହିଁ ପାରିଜାତ, ଆଗୁରରୁ ନାହିଁ ଚନ୍ଦନ
ବାସ
ମୋ ଭଙ୍ଗାକୁଡ଼ିଆ ଡାକୁଛି ଆସ ଆସ
ମୋ ପାଶ ।।

ଯାହାକୁ ଦେଖୁଛି ପଚାରେ ତୁମେ ରହିଛ
କାହିଁ
ଶୁଷ୍କ ହେଲା କଣ୍ଠ, ଅଧର ଜପି ମାଧବ
ସାଇଁ ।
ବେଳେବେଳେ ମନ କହୁଛି ତୁମେ ଆସିବ
ନାହିଁ
ମନକୁ ବୁଝାଇ ଦେଉଛି ନିତ୍ୟ ଅନ୍ତରରେ
ଚାହୁଁ ।।

ଯେତେ ଦୂରେ ତୁମେ ରହିଛ ନାହିଁ
ମୋମନେ ଦୁଃଖ
ଦିନ ହେଲେ ମତେ ଖୋଜିବ ଆହେ
ପଙ୍କଜମୁଖ ।
ତୁମକୁ ମୁଁ ଭୁଲିନାହିଁ ହେ ତୁମେ ପରମସୁଖ
ଢଳିଢଳି ଆସେ ମାଧୋଇ ନେତ୍ରେ
ଦେଖଲୋ ଦେଖ ।।

ପଥରା ଖଲ୍ଲିକୋଟ, ଗଂଜାମ
ମୋ: ୭୮୭୩୯୧୭୬୫୧


ଡାକ୍ତର ସୁରେନ୍ଦ୍ରନାଥ ଦାଶ


# ବିରତ୍ୱର ଅମଳିନ ଜ୍ୟୋତି: ପ୍ରତାପ ରାଓ ଗୁଜର



ଭାରତ ଇତିହାସରେ ମହାବୀର(ଦି ଗ୍ରେଟ) ନାମରେ ଖ୍ୟାତ ଛତ୍ରପତି ଶିବାଜୀଙ୍କର ପ୍ରଧାନ ସେନାପତି ରୂପେ ପ୍ରତାପ ରାଓ ପ୍ରଥମ ଥର ପାଇଁ ଆଉରଙ୍ଗଜେବଙ୍କର ଦୁର୍ଦ୍ଧର୍ଶ ମୋଗଲ ବାହିନୀକୁ ସାହାଲେରି ସମ୍ମୁଖ ରଣକ୍ଷେତ୍ରରେ ପରାସ୍ତ କରି ମରାଠା ସାମ୍ରାଜ୍ୟର ମୂଳଦୁଆ ପକାଇବା ସଙ୍ଗେ ଶିବାଜୀଙ୍କର ଅଭିଷେକ ପାଇଁ ପଥ ପରିଷ୍କାର କରିଥିଲେ । ପ୍ରତାପ ରାଓ ଶିବାଜୀଙ୍କର ତୃତୀୟ ପ୍ରଧାନ ସେନାପତି ଥିଲେ । ପୁରନ୍ଦର ଯୁଦ୍ଧ (୧୬୬୫)ରେ ଜୟସିଂ ଠାରୁ ପରାସ୍ତ ହୋଇ ଶିବାଜୀ ମୋଗଲ ଆଧିପତ୍ୟ ସ୍ୱିକାର କରିବାରୁ ପ୍ରଧାନ ସେନାପତି ନେତାଜି ପାଲେକର ଶିବାଜୀ ଙ୍କ ପକ୍ଷ ତ୍ୟାଗ କରି ମୋଗଲ ମାନଙ୍କ ସହ ମିଶିଲେ ଓ କୁଡଟଜୀ ଗୁଜର, ପ୍ରତାପ ରାଓ ନାମ ଧାରଣ କରି ପ୍ରଧାନ ସେନାପତି ହେଲେ । ପୁରନ୍ଦର ଯୁଦ୍ଧ ରେ ପରାସ୍ତ ହୋଇ ଶିବାଜୀ ଦିଲ୍ଲୀ ଗଲେ । ସେଠାରେ କୁଚକ୍ରୀ ଆଉରଙ୍ଗଜେବ ତାଙ୍କୁ ବନ୍ଦୀ କଲେ । ପରେ ଶିବାଜୀ କୌଶଳରେ ବନ୍ଦୀଶାଳାରୁ ପଳାୟନ କରି ନିଜ ରାଜଧାନୀ ରାୟଗଡରେ ପହଂଚିଗଲେ ।

ତାଙ୍କର ପଳାୟନରେ କାଶି ବିଶ୍ୱନାଥ ମନ୍ଦିରର ପୂଜକ ମାନଙ୍କ ହାତ ଥିବାର ସନ୍ଦେହ କରି ଆଉରଙ୍ଗଜେବ ଆକ୍ରମଣ କରି କାଶିର ପ୍ରସିଦ୍ଧ ବିଶ୍ୱନାଥ ମନ୍ଦିରକୁ ଭାଙ୍ଗି ଦେଲେ । ଏଥିରେ ଉତକ୍ଷିପ୍ତ ହୋଇ ଶିବାଜୀ ମୋଗଲ ସାମ୍ରାଜ୍ୟ ଉପରେ ଆକ୍ରମଣ କରି ସେମାନଙ୍କର ଅନେକ ଦୁର୍ଗ ଅଧିକାର କରିନେଲେ । ସେହି ଦୁର୍ଗ ମଧ୍ୟରୁ ନାସିକ ନିକଟରେ ଥିବା ସାଲେହର ଓ ମୁଲହେର ଦିଓଟି । ଦକ୍ଷିଣ କୁ ଯିବାର ପଥରେ ଅବସ୍ଥିତ ଥିବାରୁ ତାହାର ପୁନଃଉଦ୍ଧାର ମୋଗଲ ମାନଙ୍କ ପାଇଁ ଜରୁରୀ ଥିଲା । ସେହି ଦୁର୍ଗମାନଙ୍କୁ ଅବରୋଧ ପାଇଁ ସେନାପତି ଦିଲାର ଖାଁ, ଡେକାନର ସୁବାଦାର ଓ ବାହାଦୁର ଖାଁ ଗୁଜୁରାଟର ସୁବାଦାରଙ୍କୁ ଆଉରେଙ୍ଗଜେବ ଆଦେଶ ଦେଲେ । ସେମାନେ ଛଅ ମାସ ଦୁର୍ଗ ଅବରୋଧ କଲେ । ସେମାନଙ୍କୁ ଘଉଡାଇବା ପାଇଁ ଶିବାଜୀ ନିଜର ସେନାପତି ପ୍ରତାପ ରାଓ, ମୋରପନ୍ତ ପିଙ୍ଗଲେ,ସୂର୍ଯ୍ୟ ରାଓ କାକଡେଙ୍କୁ ପଠାଇଲେ । ଉଭୟ ପକ୍ଷ ମଧ୍ୟରେ ୧୬୭୨ ମସିହାରେ ମୁହାଁ ମୁହିଁ ଯୁଦ୍ଧ ହେଲା । ଏପର୍ଯ୍ୟନ୍ତ ମରାଠା ମାନେ ଗରିଲା ଯୁଦ୍ଧ କରୁଥିଲେ ।ଏହି ପ୍ରଥମ ଥର ପାଇଁ ସମତଳ ଭୂମିରେ ମୁହାଁ ମୁହିଁ ଲଢାଇ କଲେ । ଭୟଙ୍କର ଯୁଦ୍ଧରେ ଦଶ ହଜାର ସୈନ୍ୟ ନିହତ ହେଲେ । ଅସଂଖ୍ୟ ହାତିଘୋଡା ମଲେ । ରକ୍ତରେ ମାଟି ଓଦା ହୋଇଗଲା । ଅନେକ ମୋଗଲ ସେନାପତି ଓ ମରାଠା ସୂର୍ଯ୍ୟ କାକଡେ ନିହତ ହେଲେ । ମୋଗଲ ମାନେ ସଂପୂର୍ଣ୍ଣ ପରାସ୍ତ ହୋଇ ପଳାୟନ କଲେ । ୧୧୯୧ ର ପ୍ରଥମ ତିରୋରୀ ଯୁଦ୍ଧ ପରେ ଏହା ହିନ୍ଦୁ ମାନଙ୍କର ମୁସଲମାନଙ୍କ ଉପରେ ଦ୍ୱିତୀୟ ବିଜୟ । ଏହି ବିଜୟ ପରେ ନିଜକୁ ଛତ୍ରପତି ଘୋଷଣା କରି ଅଭିଷେକ ହେବା ପାଇଁ ଶିବାଜୀ ସାହାସ ପାଇଲେ ।

୧୬୭୪ ମସିହା ରେ ଅଭିଷେକର ଅଳ୍ପ ଦିନ ପୂର୍ବରୁ ବିଜାପୁରର ସେନାପତି ବାହେଲ ଖାଁ ମରାଠା ରାଜ୍ୟ ଆକ୍ରମଣ କଲା । ତାକୁ ଶାସ୍ତି ଦେବା ପାଇଁ ଶିବାଜୀ ପ୍ରତାପ ରାଓ ଙ୍କୁ ଆଦେଶ ଦେଲେ । ସେତେବେଳେ ବାହେଲ ଖାଁ ନାସେର ଠାରେ ଛାଉଣି ପକାଇଥିଲା । ପ୍ରତାପ ରାଓ ନିକଟରେ ଥିବା ଜଳଉତ୍ସ କୁ ଅବରୋଧ କରି ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କଲେ । ବାହେଲ ଖାଁ ନିଜଭୂଲ ସ୍ୱିକାର କରି ସୈନ୍ୟ ସହ ମୁକ୍ତ ହୋଇ ଫେରିଗଲା । ଆଉ ମରାଠା ରାଜ୍ୟ ଆକ୍ରମଣ କରିବ ନାହିଁ ବୋଲି ପ୍ରତିଜ୍ଞା କଲା । ବାହେଲ ଖାଁ କୁ ହତ୍ୟା କରିବାକୁ ଶିବାଜୀ ଆଦେଶ ଦେଇଥିଲେ । ତାକୁ ଛାଡି ଦେବାରୁ ଭୀଷଣ ଅସନ୍ତୁଷ୍ଟ ହୋଇ ଆଦେଶ ଦେଲେ, "ଯେ ପର୍ଯ୍ୟନ୍ତ ବାହେଲ ଖାଁ ଧରାନପଡିଛି ମୁଁ ପ୍ରତାପ ରାଓଙ୍କୁ ସାକ୍ଷାତ ଦେବି ନାହିଁ ।" ଶିବାଜୀ ଙ୍କର ଚରମ ବାଣୀ ପ୍ରତାପରାଓ ଙ୍କୁ ମାନସିକ ଆଘାତ ଦେଲା । ଠିକ ସେତିକି ବେଳେ ନିଜର ପ୍ରତିଜ୍ଞାଭୁଲି ବାହଲେ ଖାଁ ଏକ ବିଶାଳ ସୈନ୍ୟ ବାହିନୀ ଧରି ସିମାନ୍ତରେ ପହଂଚିଗଲା । ତା ସହିତ ୧୨ ହଜାର ସୈନ୍ୟ ଥାଆନ୍ତି । ପ୍ରତାପରାଓ ଙ୍କ ପାଖରେ ମାତ୍ର ବାରଶ ସୈନ୍ୟ ଥିଲେ । ହଟାତ ସେ ସ୍ଥିର କଲେ ଯେହେତୁ ତାଙ୍କର ଭୁଲ ଯୋଗୁ ଏ ଅବସ୍ଥା ହୋଇଛି ସେ ଏକୁଟିଆ ପ୍ରାୟଶ୍ଚିତ କରିବେ । ତାଙ୍କ ଭୁଲ ପାଇ ସୈନ୍ୟ ମାନେ କାହିଁକି ପ୍ରାଣପାତ କରିବେ ? ହଟାତ ନିଜେ ଏକୁଟିଆ ଅଶ୍ୱ ଆରୋହଣ କରି ବେହାଲ ଖାଁର ଶିବିର ଆଡକୁ ଅଗ୍ରସର ହେଲେ । ତା ଦେଖି ଆଉ ଛଅଜଣ ସେନାପତି ତାଙ୍କୁ ଅନୁସରଣ କଲେ ଓ ଶିବିରରେ ପହଂଚି ଆକ୍ରମଣ ଆରମ୍ଭ କଲେ । ଆଶ୍ଚର୍ଯ୍ୟ ହୋଇ ବାହେଲ ଖାଁ ଏ ଦୃଶ୍ୟ ଦେଖିଲେ । ଅଳ୍ପ ସମୟ ଯୁଦ୍ଧପରେ ସମସ୍ତ ମରାଠା ବୀରଙ୍କର ମୃତ୍ୟୁ ଘଟିଲା । ଏ ସମ୍ବାଦ ପାଇ ଶିବାଜୀ କାନ୍ଦି ପକାଇଲେ । ତାଙ୍କ ଭତ୍ସନାର ଫଳ ଯେ ଏପରି ଦୁଃଖଦାୟକ ହେବ ସେ ସ୍ୱପ୍ନ ରେ ଭାବିନଥିଲେ । ପ୍ରତାପ ରାଓ ଙ୍କ କନ୍ୟାକୁ ସେ ନିଜର ସାନପୁଅ ରାଜାରାମ ସହ ବିବାହ ଦେଇଥିଲେ । ମହାରାଣୀ ତାରା ବାଇ ନାମରେ ଖ୍ୟାତ ଏହି ମହିଳା ଶମ୍ଭୁଜୀ ଓ ରାଜାରାମଙ୍କ ମୃତ୍ୟୁ ପରେ ମରାଠା ସାମ୍ରାଜ୍ୟକୁ ରକ୍ଷା କରିଥିଲେ । ତାଙ୍କ ଆଦେଶରେ ମରାଠା ବାହିନୀ ନର୍ମଦା ନଦୀ ଅତିକ୍ରମ କରି ମୋଗଲ ସାମ୍ରାଜ୍ୟକୁ ଲୁଣ୍ଠନ କରିଥିଲେ । ପ୍ରତାପ ରାଓଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ତାଙ୍କର ସହକାରୀ ଆନନ୍ଦ ରାଓ ଓ ହମ୍ବିର ରାଓ ମୋହିତ ବାହେଲ ଖାଁକୁ ପରାସ୍ତ କରି ତା ରାଜ୍ୟକୁ ଧ୍ୱଂସ କରିଦେଲେ । ସାତ ନାମକ ଏକ ହିନ୍ଦି ଚଳଚିତ୍ର ଏହି ଘଟଣା ଆଧାରରେ ପ୍ରସ୍ତୁତ ହୋଇଛି ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬



ଶରତ କୁମାର ରାଉତ


# ବିଜେପି ରାଜନୀତିର ଗତି କୁଆଡ଼େ



ଦେଶର ପ୍ରାୟ ୩୦ ଭାଗ ଖଣିଜ ସଂପଦ ଓଡ଼ିଶାରେ ରହିଛି। ଖଣିଜ ସଂପଦ ପାଇଁ ଆମ ଦେଶ ଓ ବିଦେଶ ଆମ ରାଜ୍ୟ ଉପରେ ନିର୍ଭର କରନ୍ତି। ଓଡ଼ିଶାରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବ ବୃହତ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱ ବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ୍‌ଲେ କଇଁଛ ମାନଙ୍କ ଏନ୍ତୁଡ଼ିଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ସେହିପରି ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଦାରିଦ୍ର୍ୟର ଉତ୍ପାତ ବେଶୀ। ଅଧିକାଂଶ ଶିଶୁ ପୃଷ୍ଟିହୀନତାର ଶିକାର। ଶିଶୁ ଓ ମାତୃ ମୃତ୍ୟୁହାର ସର୍ବାଧିକ ଇତ୍ୟାଦି। ନବୀନ ବାବୁ ୫ ଥର ମୁଖ୍ୟମନ୍ତ୍ରୀ ଆସନରେ ବସି ଲଗାତାର ୨୦ ବର୍ଷ ଧରି ଓଡ଼ିଶା ଶାସନ କରି ଆସୁଛନ୍ତି। ହେଲେ ଏହି ଲମ୍ବା ସମୟ ମଧ୍ୟରେ ଓଡ଼ିଶାରେ ସେଭଳି କିଛି ବିକାଶ ହୋଇନଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

ବାସ୍ତବରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବା ରାଜ୍ୟ ନେତୃତ୍ୱର ଅପାରଗତା ଯୋଗୁ ରାଜ୍ୟର ବିକାଶ ଆଗେଇ ପାରୁନାହିଁ। ଓଡ଼ିଶାର ଗରିବ ଲୋକମାନଙ୍କର ଜୀବନ ଯନ୍ତ୍ରଣାକୁ ପ୍ରଶାସନ ହୁଏତ ବୁଝି ପାରୁନାହିଁ। ଗରିବ ଲୋକର ଉନ୍ନତି ପାଇଁ ସେମିତି କିଛି ସଶକ୍ତ ଯୋଜନା କରାଯାଉ ନାହିଁ କି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ଠିକ୍ ଭାବେ ଲୋକଙ୍କ ପାଖରେ ପହଂଚାଉ ନଥିବା ବାରମ୍ବାର ଅଭିଯୋଗ ହେଉଛି। ଖଣି, ପାଣି, କୋଇଲା ମହାଦୁର୍ନୀତି ଓ ଚିଟଫଣ୍ଡ ଠକେଇ, ଦାନ ମାଝୀ, ନଗଡ଼ା, ମାଲକାନଗିରି ଓ କଟକ ଶିଶୁ ମୃତ୍ୟୁ ଘଟଣା ଓଡ଼ିଶାର ଭାବମୂର୍ତ୍ତିରେ ଆଂଚ ଆଣିଥିବା କୁହାଯାଇପାରେ। ଓଡ଼ିଶାର ବିକାଶ କେମିତି ଚାଲିଛି, ଏସବୁ ତା'ର ଉଦାହରଣ ମାତ୍ର। ଛଅ ବର୍ଷ ତଳେ ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରୀୟ ଶାସନ ଦାୟିତ୍ୱ ନେବା ପରଠାରୁ ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଦୃଷ୍ଟି ଦେବା ଆରମ୍ଭ କରିଥିଲେ। ଉପା ସରକାର ତୁଳନାରେ ମୋଦିଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଅନେକ ଗୁଣ ଅନୁଦାନ ଦେଉଛନ୍ତି ଓଡ଼ିଶାକୁ। ମୋଦି ସରକାର ଆସିବା ପରେ ଓଡ଼ିଶାର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଆସୁଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦୀନ ଦୟାଲ୍ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା, ମନରେଗା ଯୋଜନା, ଶ୍ୟାମା ପ୍ରସାଦ ମୁଖାର୍ଜୀ ମିସନ୍, ଉଜ୍ଜ୍ୱଳ ଯୋଜନା, ଗ୍ରାମାଂଚଳରେ ବିଜୁଳି ସଂଯୋଗ, ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଆଦିରେ ପର୍ଯ୍ୟାପ୍ତ ଅନୁଦାନ ଆସିଛି। ୬୦% ରୁ ଅଧିକ ଗାଁରେ ଶୌଚାଳୟ ନିର୍ମିତ ହୋଇଛି। କୋଇଲା ବଂଟନ କ୍ଷେତ୍ରରେ ନିୟମ ପରିବର୍ତ୍ତନ ଯୋଗୁ ରାଜ୍ୟକୁ ବହୁ ଅଧିକ ରାଜସ୍ୱ ମିଳିବାର ସୁଯୋଗ ସୃଷ୍ଟି ହୋଇଛି। ବ୍ରହ୍ମପୁରରେ ଆଇଜର ଓ ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠା ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏମ୍‌ସିଏଲ୍ ଦ୍ୱାରା ତାଳଚେର ଓ ଏନ୍‌ଟିପିସି ଦ୍ୱାରା ସୁନ୍ଦରଗଡ଼ରେ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ହେବ। ସେହିପରି ୬୦% ରୁ ଉର୍ଦ୍ଧ୍ୱ ଘରେ ରୋଷେଇ ଗ୍ୟାସ୍ ପହଂଚା ଯାଇଛି।

ଓଡ଼ିଶାରୁ ବିଜେପିର ୮ଜଣ ଲୋକସଭାକୁ ଯାଇଛନ୍ତି। ୨ଜଣ ଓଡ଼ିଆ କେନ୍ଦ୍ରୀୟ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନ(ମଧ୍ୟ ପ୍ରଦେଶରୁ ରାଜ୍ୟସଭା ସଦସ୍ୟ) କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଥିବାବେଳେ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରମନ୍ତ୍ରୀ ପଦ ପାଇଛନ୍ତି। ଏହା ମଧ୍ୟ ଓଡ଼ିଶାରେ ଭାଜପାର ସ୍ଥିତିକୁ ମଜଭୁତ କରିବାରେ ସହାୟକ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦେଶବାସୀଙ୍କୁ ମୁଗ୍ଧ କରିଛି। ବାସ୍ତବତା ଦେଖାଗଲେ, ଓଡ଼ିଶାର ଅର୍ଦ୍ଧାଧିକ ମତଦାତା ଭିତିରିଆ ବିଜେପି ସମର୍ଥକ। କିନ୍ତୁ ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେପି ସଫଳ ହୋଇପାରୁ ନାହିଁ। ମୋଦିଙ୍କ ହାୱା ସତ୍ତ୍ୱେ ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି କାହିଁକି ବିଫଳ ହେଲା, ସେଥିନେଇ ବିଜେପି ସମର୍ଥକ ମାନଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଜେପି କ୍ଷମତା ଦଖଲ ପାଇଁ କ'ଣ ସେଭଳି ଉଦ୍ୟମ କଲାନାହିଁ ? ବିଜେପି ଅନେକ ବିକାଶ ମୂଳକ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତା ମାନେ ପ୍ରତ୍ୟାଖାନ କରୁଛନ୍ତି କାହିଁକି ? ତେବେ ଭୋଟ୍ ପରିଚାଳନାଗତ ତୃଟି ଯୋଗୁ ଯୁବ ଗୋଷ୍ଠୀର ଭୋଟ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା ବୋଲି ରାଜନୀତିକ ସମୀକ୍ଷକ ମାନେ ମତ ଦେଇଥିଲେ। ଅନ୍ୟ ପକ୍ଷରେ ଦଳର କିଛି ଖାସ୍ ସମର୍ଥକ ଓ ଶୁଭେଚ୍ଛୁଙ୍କୁ ଗୁରୁତ୍ୱ ଦିଆଯିବାର ଥିଲା। ବିଜେଡ଼ି ବିରୋଧରେ ଗଦା ଗଦା ଅଭିଯୋଗ ଥାଇ ମଧ୍ୟ ବିଜେପି ଫେଲ୍ ମାରିବା ଆଶ୍ଚର୍ଯ୍ୟର କଥା। ନିର୍ବାଚନ ପୂର୍ବରୁ ବିଜେପି ଦଳ ଓ ବିଜେପି ସରକାରଙ୍କ ଦ୍ୱାରା କୋଟିକୋଟି ଟଙ୍କାର ବିଜ୍ଞାପନ ଦିଆଯାଇ ମତଦାତାଙ୍କୁ ବିଜେପି ପ୍ରତି ଆକର୍ଷିତ ପାଇଁ ଚେଷ୍ଟା କରାଯାଇଥିଲା। ଅନ୍ୟପକ୍ଷରେ ଉଦ୍ଦେଶ୍ୟ ମୂଳକ ଭାବେ କିଛି ଗଣମାଧ୍ୟମକୁ ବିଜ୍ଞାପନ ଦିଆଯାଇନଥିବା ଅଭିଯୋଗ ହୋଇଥିଲା। ସେ ଯାହାହେଉ ଓଡ଼ିଶାରେ ବିଜେପିର ନିର୍ବାଚନ ନେତୃତ୍ୱ ନେଉଥିବା ନେତାମାନେ ସଫଳ ହୋଇ ପାରିନଥିଲେ। ରାଜନୀତିକ ଜ୍ଞାନରେ ନିପୁଣ ଓ ଲୋକପ୍ରିୟ ନେତାମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବାର ଆବଶ୍ୟକତା ଥିଲା ବୋଲି ରାଜନୀତିକ ବିଶେଷଜ୍ଞ ମାନେ ମତ ଦେଇଥିଲେ।

୨୦୧୯ ମସିହା ମଇ ୩୦ ତାରିଖରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସଂସଦର ପ୍ରଥମ ଅଧିବେସନ ବେଳେ ଧନ୍ୟବାଦ୍ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କେତେକ ବିଜୟୀ ସାଂସଦ ଧନ୍ୟବାଦ୍ ପ୍ରସ୍ତାବ ଉପରେ ନିଜର ଭାଷଣ ଦେଲେ। ଯେତେବେଳେ ଓଡ଼ିଶାର ନବ ନିର୍ବାଚିତ ସାଂସଦ ପ୍ରତାପ ଷଡ଼ଙ୍ଗୀ(ନନା) ନିଜର ଅଭିଭାଷଣ ପାଇଁ ମଂଚକୁ ଆସିଲେ, ଉପସ୍ଥିତ ନେତାମାନେ ଏପରିକି ଓଡ଼ିଶାର ଅଧିକାଂଶ ଲୋକେ ମଧ୍ୟ ତାଙ୍କର ଭାଷଣ ପ୍ରତିଭା ସଂପର୍କରେ ଜାଣିନଥିଲେ। ମାତ୍ର ତାଙ୍କର ଇଂରାଜୀ, ହିନ୍ଦି, ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ଭଳି ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ସମସ୍ତଙ୍କୁ ଅଭିଭୂତ କରି ଦେଇଥିଲା। ସେ ନିଜ ଭାଷଣରେ ଏପରି ପ୍ରସଙ୍ଗ ଉଠାଇଥିଲେ, ଯାହା ଶୁଣି ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଉପସ୍ଥିତ ସମସ୍ତେ ଅତ୍ୟନ୍ତ ଖୁସି ହୋଇଥିଲେ। ବାସ୍ତବରେ କେବଳ ସେ ଜଣେ ସଫଳ ରାଜନେତା କି ସୁସଂଗଠକ ନୁହନ୍ତି, ବରଂ ସେ ପ୍ରବଚନ ଜଗତ ପାଇଁ ଜଣେ ଜ୍ଞାନୀ ଓ ଧୂରୀଣ ବ୍ୟକ୍ତି ବୋଲି ଜଣାପଡ଼ିଥିଲା। ସବୁବେଳେ ନନା ଲାଗନ୍ତି ନିର୍ଲିପ୍ତ ସନ୍ୟାସୀଟିଏ ଭଳି! ଈଶ୍ୱରୀୟତାର ପ୍ରଲେପ ସ୍ୱଷ୍ଟ ବାରି ହୋଇଯାଏ ତାଙ୍କ ଭିତରେ! ହୁଏତ ସେ ଜୀବନର ଆରମ୍ଭରୁ ବୁଝିଛନ୍ତି ମଣିଷ ଜନ୍ମ ଓ ଜୀବନର ବାସ୍ତବ ଉଦ୍ଦେଶ୍ୟ, ମଣିଷ ଭିତରର ଭାବଅଭାବ ଏବଂ ଆବଶ୍ୟକତାକୁ! ଜଣାପଡ଼ନ୍ତି ଯେମିତ ସେ ଲୋଭ, ମୋହ, ମାୟା, ବିଳାସର ବହୁ ଉର୍ଦ୍ଧ୍ୱରେ! ସ୍ଥିତପ୍ରଜ୍ଞ ସାଧୁଟିଏ ଭଳି! ତାଙ୍କ ଠାରେ ଦେଖାଯାଏ ନାହିଁ କୌଣସି ସ୍ୱତନ୍ତ୍ର ବେଶପୋଷାକ, ଚାଲିଚଳନୀ କି ଆଭିଜାତ୍ୟ! ତାଙ୍କର ସାଧାରଣ ପୋଷାକ, ଚାଲିଚଳନୀ ଓ କଥାବାର୍ତ୍ତା ଭିତରେ ଲୁକ୍‌କାୟୀତ ମାନବୀୟ ଭାବ ଓ ଗୁଣ ଆକର୍ଷିତ କରେ ସାଧାରଣ ଲୋକଙ୍କୁ ଏବଂ ଅଭିଭୂତ ହୋଇଯାଆନ୍ତି ସମସ୍ତେ। ସାଧାରଣ ଲୋକଙ୍କ ସହିତ ନନାଙ୍କର ମିଳନ ସମୟର ଦୃଶ୍ୟ ସ୍ୱଚକ୍ଷୁରେ ଦେଖିଲେ, ଜାଣି ହେବ ଜଣେ ନେତା ଓ ସାଧାରଣ ମଣିଷ ଭିତରର ବାସ୍ତବ ସଂପର୍କର ରହସ୍ୟକୁ!

ଓଡ଼ିଶାରେ ବିଜେପି ଶାସନ ଗାଦିକୁ ଆସିବାକୁ ହେଲେ, ପ୍ରତାପ ଷଡ଼ଙ୍ଗୀଙ୍କ ଭଳି ରାଜନୀତିକ ଜ୍ଞନରେ ନିପୁଣ ତଥା ଦୃଢ ନେତୃତ୍ୱର ଆବଶ୍ୟକତା ରହିଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଉଛି। ଅନ୍ୟଥା ଓଡ଼ିଶାରେ ବିଜେପି ଡ଼ଙ୍ଗା ବୁଡ଼ି ନଯାଉ ବୋଲି ଚର୍ଚ୍ଚା ହୋଇ ଆସୁଛି। ଓଡ଼ିଶାରେ ବିଜେପି ଧୀରେ ଧୀରେ ଆଗକୁ ମାଡ଼ି ଚାଲିଥିଲେ ମଧ୍ୟ ଦୃଢ ନେତୃତ୍ୱ ଅଭାବରୁ ଦଳ ମଜଭୁତ ହୋଇ ପାରୁନାହିଁ। ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରତାପ ବାବୁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନେଲେଣି। ହୁଏତ ଆଜି ପର୍ଯ୍ୟନ୍ତ ଜାତୀୟ ରାଜନୀତିରେ ପରିଚିତ ଅଳ୍ପ କେତେଜଣ ଓଡ଼ିଆଙ୍କ ଭିତରେ ପ୍ରତାପ ବାବୁ ଅନ୍ୟତମ। ସେହିପରି ଦଳୀୟ ସଭାପତି ସମୀର ମହାନ୍ତିଙ୍କ ଭଳି ବିଜେପିର କେତେକ ଆଗ ଧାଡ଼ିର ତୁଙ୍ଗ ନେତା ମଧ୍ୟ ନିଜର ପ୍ରଚଣ୍ଡ ରାଜନୀତିକ କରିସ୍ମା ବଳରେ ସାଧାରଣ ଲୋକଙ୍କ ନିକଟତର ହେବାରେ ଲାଗିଛନ୍ତି। ଦଳୀୟ ନେତା ମାନଙ୍କର ନିଷ୍ଠାପର କାର୍ଯ୍ୟ ରାଜ୍ୟରେ ବିଜେପି ସଂଗଠନକୁ ମଜଭୁତ କରାଇବାରେ ନିଶ୍ଚୟ ସହାୟକ ହେବ। ହୁଏତ ଆସନ୍ତା ନିର୍ବାଚନରେ ସାରା ଓଡ଼ିଶାକୁ ପଦ୍ମରେ ସଜେଇ ଭାଜପା ଇତିହାସ ରଚିବା ଅସମ୍ଭବ ନୁହେଁ।


ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮



ମାୟାଧର ନାୟକ


# ସମାଜରୁ ଦୂରେଇଯାଉଛି ସଂସ୍କାର




ସଂସ୍କାର ଗୋଟିଏ ଦିନର କଥା ନୁହେଁ କି କେହି ବି ତାକୁ ଏକାଥରକେ ଆପଣେଇ ପାରିବ ନାହିଁ। ସଂସ୍କାର ମଣିଷ ଜୀବନକୁ ଧନ୍ୟ କରିଥାଏ। ଏହା ଏକ ସତତ ପ୍ରକ୍ରିୟା। ଶାସ୍ତ୍ର ଅନୁସାରେ ମଣିଷ ଜୀବନରେ ଶୋହଳ ସଂସ୍କାର ସହିତ ନୈତିକ ଏବଂ ଜୀବନର ମୂଲ୍ୟବୋଧ ସଂସ୍କାରର ମହତ୍ୱ ଅଧିକ। ବିଦ୍ୱାନମାନଙ୍କ ମତରେ ଶୈଶବ ଅବସ୍ଥାରେ ଯେଉଁ ଶିକ୍ଷା ମିଳିଥାଏ ତାହା ମୃତ୍ୟୁ ପର୍ଯ୍ୟନ୍ତ ମନ ମସ୍ତିଷ୍କର ପଟଳରେ ସର୍ବଦା ଆଙ୍କି ହୋଇରହିଥାଏ। ଶୈଶବ ବେଳେ ଯେଉଁ ଅକ୍ଷର ଜ୍ଞାନ ଶିଖାଯାଇଥାଏ ଓ ଯେଉଁ ଗଣିତର ଶିକ୍ଷା ଦିଆଯାଇଥାଏ ସେଇ ଜ୍ଞାନର ମୂଲ୍ୟାଙ୍କନ କରାଯାଇ ପାରିବନାହିଁ। ଠିକ୍ ସେହିଭଳି ସଂସ୍କାର ର ଶିକ୍ଷାକୁ ମଧ କେବେ ମଣିଷ ଭୁଲିପାରିନଥାଏ। ଏବେ ଭୌତିକବାଦୀ ପ୍ରଗତିଶୀଳ ଯୁଗରେ ପାଠ୍ୟକ୍ରମ ଅନୁରୁପ ଶିକ୍ଷକଙ୍କର ଚୟନ କରାଯାଇଥାଏ। ତୁରନ୍ତ ସଫଳତା ପାଇବା ଆଶାରେ ସଂସ୍କାର ଏବଂ ଜୀବନ ମୂଲ୍ୟର ଶିକ୍ଷା ଆଜିର ପିଢ଼ୀ କୁ ପ୍ରାୟତଃ ଦିଆଯାଉନାହିଁ କହିଲେ ଚଳେ। ପରିବାରରେ ଥିବା ବୟସ୍କମାନଙ୍କ ଭାଗବଣ୍ଟା, ପିତା-ମାତା ଚ଼ାକିରୀ କ୍ଷେତ୍ର ସହ ଯୋଡ଼ି ହେବା, ଟିଉସନ ବା କୋଚିଂ ଭରଷାରେ ପିଲାଙ୍କୁ ଛାଡ଼ିଦେବା, ସ୍କୁଲ କଲେଜରେ ନୈତିକ ଶିକ୍ଷା ଦିଆନଯିବା, ସାମାଜିକ କାର୍ଯ୍ୟରୁ ମାତା-ପିତା ଏବଂ ପିଲାମାନଙ୍କର ଦୂରେଇ ରହିବା, କଲ୍ୟାଣକାରୀ କାର୍ଯ୍ୟକ୍ରମ ରୁ ଦୂରେଇ ରହିବା କାରଣରୁ ଆଜିର ଯୁବପିଢ଼ୀଙ୍କ ପାଖରେ ସଂସ୍କାର ଏବଂ ଜୀବନ ମୂଲ୍ୟର ନୈତିକ ଶିକ୍ଷାର ଅଭାବ ସ୍ୱଷ୍ଟ ପରିଲକ୍ଷିତ ହେଉଛି। କୋରେନା ସଙ୍କଟକାଳରେ ସବୁକ୍ଷେତ୍ରରେ ମାନବିକତାର ଅଗ୍ନି ପରୀକ୍ଷା ହୋଇଛି। ବୟସ୍କଙ୍କ ସହାୟତା ହେଉ ବା ଗରୀବ ଅସହାୟ ଲୋକଙ୍କ ସେବା ହେଉ ସବୁଠି ମାନବିକତାର ପରୀକ୍ଷା ହୋଇଯାଇଛି। ଏଇ ସନ୍ଦର୍ଭରେ ମାନବୀୟ ସେବା କରିବା ପାଇଁ ଆମର ସଂସ୍କାର ଏବଂ ଜୀବନ ମୂଲ୍ୟବୋଧ ଆମକୁ ପ୍ରେରିତ କରିଛି ଯାହା ସମୟର ଆବଶ୍ୟକତା ମଧ ଥିଲା। ନିଜ ଜୀବନକୁ ବାଜି ଲଗାଇ ଏପରିକି ନିଜ ପରିଜନଙ୍କ କଥାକୁ ଏଡ଼ାଇ ଅନ୍ୟର ଜୀବନକୁ ସୁରକ୍ଷିତ ରଖିବା ଏବଂ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସଂସ୍କାର ପ୍ରାଜ୍ଞ ଡାକ୍ତର, ନର୍ସ, ଆମ୍ବୁଲାନ୍ସ ଚାଳକ, ପୋଲିସ୍ କର୍ମୀ, ସେନା ଜବାନ, ସ୍ୱେଚ୍ଛାସେବୀ, ସମାଜସେବୀ, ସାମ୍ବାଦିକ, କୃଷକ ଏବଂ ଏଭଳି ଅନେକ କୋରେନା ଯୋଦ୍ଧା ଲାଗିପଡ଼ିଛନ୍ତି। କିଛି କୋରେନା ଯୋଦ୍ଧା ମଧ ଅନ୍ୟମାନଙ୍କ ସେବା କରୁ କରୁ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଏହା ସେମାନଙ୍କର ପିଲାଦିନର ବା ଶୈଶବ ଅବସ୍ଥାର ନୈତିକ ଶିକ୍ଷାର ପ୍ରଭାବ ବୋଲି କୁହାଯାଇପାରେ। ଭାଷା, ଜାତି, ଧର୍ମ, ସଂପ୍ରଦାୟ ଏବଂ ଆଞ୍ଚଳିକ ରାଜନୀତି ର ସୀମା ସରହଦରୁ ଉପରକୁ ଉଠି କୋରେନା ଭଳି ମହାସଂକଟ କାଳରେ ଏହି ଯୋଦ୍ଧାମାନେ ମାନବିକତା ପ୍ରଦର୍ଶନ କରି ପରୋପକାର କରିଛନ୍ତି। ଏବେ ଏଭଳି ଶିକ୍ଷା ପରିବାର, ସମାଜ, ରାଜ୍ୟ ଏବଂ ରାଷ୍ଟ୍ର ପାଇଁ ଆବଶ୍ୟକ। ଏଭଳି ଶିକ୍ଷା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ଆମ ରାଜ୍ୟ ବା ଦେଶରେ ଥିବା ଲକ୍ଷ ଲକ୍ଷ ଶିକ୍ଷାକେନ୍ଦ୍ର, ସ୍କୁଲ ଓ କଲେଜରେ ସଂସ୍କାର ଏବଂ ଜୀବନ ମୂଲ୍ୟର ନୈତିକ ଚରିତ୍ର ଏବଂ ଆଦର୍ଶବାଦୀ ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରାଯାଇପାରିବ। ଏଭଳି ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇ ପିଲାମାନଙ୍କୁ ସଂସ୍କାରିତ କରାଯାଇପାରିଲେ ଏହି ପିଲାମାନେ ସମାଜକୁ, ରାଜ୍ୟକୁ ଓ ଦେଶକୁ ଉତ୍କର୍ଷର ଚରମସୀମାରେ ପହଞ୍ଚାଇପାରିବ। (କ୍ରମଶଃ)



+ ରାମଚନ୍ଦ୍ରପୁର, ରଣପୁର,
ମୋ.-୯୪୩୮୪୮୫୦୯୪

# ଗାନ୍ଧୀ ପର୍ଯ୍ୟଟନ ସ୍ଥଳୀ

ନୂଆଦିଲ୍ଲୀର ଗାନ୍ଧୀ ପର୍ଯ୍ୟଟନସ୍ଥଳକୁ ଦେଖିଲେ ମନେ ହୁଏ ନାହିଁ ଯେ ଦିନେ ଏହି ଦେଶ ଇଂରେଜମାନଙ୍କ ଅଧୀନରେ ଥିଲା । ୧୫ ଅଗଷ୍ଟ ୧୯୪୭ରେ ଆମକୁ ଯେଉଁ ସ୍ୱାଧୀନତା ମିଳିଥିଲା ସେଥିରେ ମହାତ୍ମା ଗାନ୍ଧୀଙ୍କ କେତେ ଯୋଗଦାନ ରହିଥିଲା ଏ ସମ୍ବନ୍ଧରେ ଆମେ ସମସ୍ତେ ବହିରୁ ପଢ଼ିଛୁ ଓ ଚଳଚିତ୍ରରୁ ମଧ୍ୟ ଦେଖିଛୁ, କିନ୍ତୁ ଗାନ୍ଧୀଙ୍କ ସଂଘର୍ଷମୟ ଜୀବନ ସହିତ ଭଲ ଭାବେ ପରିଚିତ ହେବାକୁ ଚାହୁଁଥିଲେ ଦିଲ୍ଲୀର ଏପରି କିଛି ପର୍ଯ୍ୟଟନସ୍ଥଳକୁ ଭ୍ରମଣରେ ଯାଆନ୍ତୁ ଯେଉଁଠାରେ ଜାତିର ପିତାଙ୍କ ସମସ୍ତ ସ୍ମୃତିକୁ ଅତି ଯତ୍ନରେ ସାଇତି ରଖାଯାଇଛି ।





### ରାଜଘାଟ




ଦିଲ୍ଲୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅନ୍ୟତମ ହେଉଛି ରାଜଘାଟ । ଯମୁନା ନଦୀର ପଶ୍ଚିମ ତଟରେ ଅବସ୍ଥିତ ଏହି ସ୍ଥାନ ଏଇଥିପାଇଁ ସ୍ୱତନ୍ତ୍ର ଯେ ଏଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳ ରହିଛି । କଳା ମୁଗୁନି ପଥରରେ ନିର୍ମିତ ଏହି ସମାଧି ଉପରେ ତାଙ୍କ ମୁଖରୁ ବାହାରିଥିବା ଶେଷ 'ହେ ରାମ' ଲିଖିତ ହୋଇଛି । ତାଙ୍କର ଏହି ଅନ୍ତିମ ବିଶ୍ରାମସ୍ଥଳ ସ୍ୱାଧୀନତା ପ୍ରାପ୍ତିରେ ତାଙ୍କର ମୂଲ୍ୟ ଯୋଗଦାନକୁ ବଖାଣୁଛି । ଦେଶ ବିଦେଶରୁ ଆସୁଥିବା ଉଚ୍ଚ ଅଧିକାରୀ ଏହି ସମାଧୀ ସ୍ଥଳରେ ମାଲ୍ୟାର୍ପଣ କରିବାକୁ ନିଶ୍ଚୟ ଆସିଥାନ୍ତି । ରାଜଘାଟର ଶାନ୍ତ ପରିବେଶକୁ ସୁନ୍ଦର ଓ କମନୀୟ କରି ତୋଳିଥାଏ ଏହାର ଚତୁଃପାର୍ଶ୍ୱରେ ଘେରି ରହିଥିବା ସବୁଜ ବୃକ୍ଷରାଜି ଓ କୃତ୍ରିମ ଝରଣା । ଏହି ସ୍ମାରକୀର ଏକ କୋଣରେ ସର୍ବଦା ଏକ ଜ୍ୟୋତି ପ୍ରଜ୍ୱଳିତ ହୋଉଥାଏ; ଯାହା ସମସ୍ତଙ୍କ ମନ ଜିଣିଛି ।




### ଗାନ୍ଧୀ ସଂଗ୍ରହାଳୟ

ରାଜଘାଟ ସାମ୍ନାରେ ନିର୍ମାଣ କରାଯାଇଛି ଗାନ୍ଧୀ ସଂଗ୍ରହାଳୟ । ଏଠାରେ ମହାତ୍ମା ଗାନ୍ଧୀଙ୍କ ସହ ଜଡିତ ସମସ୍ତ ଜିନିଷ ରହିଛି । ତାଙ୍କ ପ୍ରତିମୂର୍ତ୍ତି, ଫଟୋଗ୍ରାଫ୍, ପେଣ୍ଟିଂ ଆଦିକୁ ଅତି ଯତ୍ନରେ ରଖାଯାଇଛି । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନୀ, ତାଙ୍କ ସିଦ୍ଧାନ୍ତ, ପରାମର୍ଶ ଓ ଉପଦେଶ ଉପରେ ନିର୍ମିତ ଚଳଚ୍ଚିତ୍ର ଦେଖିବାକୁ ଦିଆଯାଏ । ଗୁରୁବାର ଏହି ଫିଲ୍ମ ପ୍ରଦର୍ଶନ ହୋଇ ନଥାଏ । ଶୁକ୍ରବାର ଏଠାରେ ତାଙ୍କ ସ୍ମୃତିରେ ପ୍ରାର୍ଥନା ସଭାର ଆୟୋଜନ ହୋଇଥାଏ । ଏହା ସହିତ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଓ ପୁଣ୍ୟତିଥିରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ବିପୁଳ ଜନ ସମାଗମ ହୋଇଥାଏ । ଏହି ସଂଗ୍ରହାଳୟକୁ ଜୋତା ପିନ୍ଧି ଆସିବାକୁ ବାରଣ କରାଯାଇଛି । ସଂଗ୍ରହାଳୟ ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ସାଢ଼େ ପାଂଚଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିଥାଏ । ତେବେ ମହାତ୍ମା ଗାନ୍ଧୀଙ୍କୁ ସମର୍ପିତ ଏହି ସ୍ଥାନ ପୂର୍ବରୁ ବିର୍ଲା ଭଜନ ନାମରେ ଜଣାଶୁଣା ଥିଲା । କାରଣ ଜି.ଡି ବିର୍ଲାଙ୍କ ବାସଭବନକୁ ହିଁ ଗାନ୍ଧୀ ସ୍ମୃତିର ରୂପ ଦିଆଯାଇଛି ।



# ପୋଟଳ

ବହୁ ପୋଷକ ତତ୍ତ୍ୱରେ ଭରପୁର ପୋଟଳ ଏକ ଉପାୟରେ ପରିବା । ସାଧାରଣ ପନିପରିବା ଅପେକ୍ଷା ଅଧିକ ସମୟ ପର୍ଯ୍ୟନ୍ତ ତାଜା ରୁହେ । ଶରୀର ପାଇଁ ଏହା ଅତ୍ୟନ୍ତ ଉପକାରୀ । ଏଥିରେ ଭିଟାମିନ୍-ଏ, ଭିଟାମିନ୍-ବି, ଭିଟାମିନ୍-ସି, ସହିତ କ୍ୟାଲ୍ସିଅମ, ମ୍ୟାଗନେସିଅମ ପ୍ରଭୃତି ପ୍ରଚୁର ପରିମାଣରେ ରହିଥାଏ । ବର୍ତ୍ତମାନ ପୋଟଳ ପ୍ରାୟ ସବୁ ଋତୁରେ ଉପଲବ୍ଧ ହେଉଥିଲେ ମଧ୍ୟ ଗ୍ରୀଷ୍ମଋତୁରେ ଏହାର ଉତ୍ପାଦନ ଅଧିକ ହୋଇଥାଏ ।

**ଫାଇଦା:**



୧. ପୋଟଳ ମଞ୍ଜି ରକ୍ତ ଶର୍କରା ଓ କୋଲେଷ୍ଟରଲ ସ୍ତରକୁ ପ୍ରାକୃତିକ ଉପାୟରେ ହ୍ରାସ କରେ । ଫଳରେ ରକ୍ତ ପ୍ରବାହ ସ୍ୱାଭାବିକ ରହିବା ସହ ହୃଦ୍‌ରୋଗ ଆଶଙ୍କା ଦୂର ହୁଏ ।
୨. ଏଥିରେ ଥିବା ଫାଇବର ଯକୃତ ଓ ପେଟକପୁ ସୁସ୍ଥ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ ।
୩. ଭୋକ ହ୍ରାସ କରେ, ଫଳରେ ଶରୀରରେ ଅନାବଶ୍ୟକ କ୍ୟାଲୋରି ଜମେ ନାହିଁ ।
୪. ଏହାର ଚୋପା ମଧ ଶରୀର ପାଇଁ ଉପକାରୀ । ଅନାବଶ୍ୟକ କ୍ୟାଲୋରି ଦୂରକରେ ।
୫. ପୋଟଳରେ ଥିବା ଆଣ୍ଟିଅକ୍ସିଡେଣ୍ଟ ତତ୍ତ୍ୱ ବାର୍ଦ୍ଧ୍ୟକ୍ୟ ପ୍ରଭାବ ହ୍ରାସ କରେ ।
୬. କାମଳ (ଜଣ୍ଡିସ) ପୀଡିତାଙ୍କ ପାଇଁ ପୋଟଳ ଏକ ଉତ୍ତମ ପଥ୍ୟ ।
୭. ପୋଟଳ ପତ୍ର ଓ ମଞ୍ଜିକୁ ପେନ୍ କିଲର ବା ବ୍ୟଥା ନିବାରକ ଭାବେ ବ୍ୟବହାର କରାଯାଇପାରେ । ଏହାକୁ ଏକତ୍ର ବାଟି ମୁଣ୍ଡ ବା ବ୍ୟଥା କରୁଥିବା ସ୍ଥାନରେ ଲଗାଇଲେ ଯନ୍ତ୍ରଣା କମ୍ ହୁଏ ।
୮. ପୋଟଳ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।
୯. ଏହା ବାତନାଶକ ଏବଂ ରକ୍ତଶୋଧକ । ଏହ ବାତଜନିତ ସମସ୍ୟା ଦୂର କରେ ।
୧୦. ବିଭିନ୍ନ ତ୍ୱଚାରୋଗ ସହ ପୋଟଳ ଜ୍ୱର, ଥଣ୍ଡା, ଫ୍ଲୁ, ସର୍ଦ୍ଦିରୁ ଶରୀରକୁ ରକ୍ଷା କରେ ।

# ସଂଗ୍ରହାଳୟ



ବଲିଭିଆରେ ଖୁବ୍ ଶୀଘ୍ର ଏକ ସଂଗ୍ରହାଳୟ ତିଆରି ହେବାକୁ ଯାଉଛି । ନୂଆ କଥା ହେଉଛି ଏ ସଂଗ୍ରହାଳୟ ପାଣି ତଳେ ନିର୍ମାଣ କରାଯିବ । ଏହାକୁ ବଲିଭିଆର ପବିତ୍ର ନଦୀ ଟିଟିକାକା ଭିତରେ ତିଆରି କରାଯିବ । ଉକ୍ତ ସଂଗ୍ରହାଳୟ ପର୍ଯ୍ୟଟନସ୍ଥଳୀ ହେବା ସହ ପ୍ରତ୍ନତତ୍ତ୍ୱ, ଭୂତତ୍ତ୍ୱ, ଜୈବ ଗବେଷଣା କେନ୍ଦ୍ର ଭାବେ ଗଢ଼ା ହେବ । ଏପରି ସଂଗ୍ରହାଳୟ ବିଶ୍ୱରେ ପ୍ରଥମ ବୋଲି ବଲିଭିଆର ସଂସ୍କୃତି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହାକୁ ନିର୍ମାଣ କରିବା ପାଇଁ ପାଖାପାଖି ୬୯ କୋଟି ଟଙ୍କା ଖର୍ଚ୍ଚ ହେବ । ଟିଟିକାକାକୁ ବଲିଭିଆର ଲୋକମାନେ ପବିତ୍ର ବୋଲି ମାନନ୍ତି । ସେଠାକାର କିମ୍ବଦନ୍ତୀ ଅନୁସାରେ ସୂର୍ଯ୍ୟଙ୍କ ପୁତ୍ର ମାନ୍‌କୋ କାପାକ୍ ଓ ତାଙ୍କ ପତ୍ନୀ ଏ ନଦୀରୁ ବାହାରିଥିଲେ । ଟିଟିକାକା ୮,୫୦୦ ବର୍ଗ କିଲୋମିଟର ଯାଏଁ ବିସ୍ତାରିତ ଯାହା ବଲିଭିଆ ଓ ପେରୁର ଦୁଇ ସୀମାକୁ ଲାଗି ବହିଯାଉଛି । ସମୁଦ୍ର ଠାରୁ ୧୨,୫୦୦ ଫୁଟ୍ ଉଚ୍ଚତାରେ ଥିବାରୁ ଏହା ହେଉଛି ବିଶ୍ୱର ସବୁଠାରୁ ଉଚ୍ଚ ମଧୁର ଜଳ ନଦୀ ।

# ଗଧ ପିଠିରେ ବାସ୍କେଟ୍‌ବଲ୍ !

ଯୁକ୍ତରାଷ୍ଟ ଆମେରିକାର 'ମିଡ୍‌ୱେଷ୍ଟ୍' ଅଂଚଳ କୁହାଯାଉଥିବା ଇଲ୍‌ନଏସ୍, ଇଣ୍ଡିଆନା, ଆଇଓୱା, କେନ୍‌ସାସ୍, ମିଚିଗାନ୍, ମିନେସୋଟା, ମିସୋରି, ନେବ୍ରାସ୍କା, ଉତ୍ତର ଓ ଦକ୍ଷିଣ ଡାକୋଟା, ଓଡିଓ ଏବଂ ୱିସ୍‌କନ୍‌ସିନ୍‌ରେ ଗଧ ଉପରେ ବସି ବାସ୍କେଟ୍‌ବଲ୍ ଖେଳିବା ଏକ ଲୋକପ୍ରିୟ କ୍ରୀଡା । ୧୯୩୦ ରେ ଏହି ବିଚିତ୍ର ଖେଳ ଆର୍ଭ ହୋଇଥିଲା । ତେବେ, ନିର୍ଦ୍ଦିଷ୍ଟ ଭାବେ କେଉଁ ଉଦ୍ଦେଶ୍ୟରେ ଏବଂ କାହା ଦ୍ୱାରା ଆରମ୍ଭ କରା ଯାଇଥିଲା ଅଜଣା । କେହି କେହି ଏହାକୁ ଅର୍ଥନୈତିକ ଅବପତନ କାଳର ଶସ୍ତା ମନୋରଂଜନ ବୋଲି କହନ୍ତି । ଖେଳାଳିମାନେ ଦୁଇ ଦଳରେ ବିଭକ୍ତ ହୋଇ ଏହା ଖେଳନ୍ତି । ପ୍ରତ୍ୟେକ ଦଳର ଖେଳାଳି ସଂଖ୍ୟା ଚାରି । ଅନ୍ୟ ନିୟମ ସାଧାରଣ ବାସ୍କେଟ୍‌ବଲ୍ ସହ ସମାନ । ସ୍କୁଲ୍‌ରେ ମଧ୍ୟ ଏହା ଖେଳାଯାଏ । ଗୋଟିଏ ହୃଷ୍ଟପୁଷ୍ଟ ଗଧ ସର୍ବାଧିକ ୬୮ କିଲୋଗ୍ରାମ୍ ଭାର ବହନ କରିପାରେ । ତେଣୁ, ଏଭଳି ଖେଳ ବେଳେ ଗଧ କେତେ କଷ୍ଟ ପାଉଥିବ ଅନୁମାନ କରନ୍ତୁ । 'ପେଟା' ର ବିରୋଧ ଯୋଗୁଁ ପୋର୍ଟ୍‌ଲାଣ୍ଡ, ଓରିଗନ୍, ଇଣ୍ଡିଆନା, ଓହିଓ ଏବଂ ପେନ୍‌ସିଲ୍‌ଭାନିଆରେ ଏହି ଖେଳକୁ କିଛି ଦିନ ତଳେ ନିଷିଦ୍ଧ କରାଯାଇଥିଲା । ଅନ୍ୟ ସ୍ଥାନଗୁଡିକରେ ଚାଲିଛି ।

# କମଳା ଭୋଗ



ରସଗୋଲା ଖାଇବାକୁ କିଏ ଅବା ଭଲ ନପାଏ । ଆଠରୁ ଅଶି ସମସ୍ତଙ୍କର ପ୍ରିୟ ମିଠା ରସଗୋଲା । ତେବେ ଆମେ ଏଥର ପାଠକମାନଙ୍କ ପାଇଁ ରସଗୋଲା ଭଳି ଦେଖାଯାଉଥିବା ଆଉ ଗୋଟିଏ ମିଠା ବିଷୟରେ ଉଲ୍ଲେଖ କରିବାକୁ ଯାଉଛୁ । କିନ୍ତୁ ସ୍ୱାଦ ସାଧାରଣ ରସଗୋଲାଠାରୁ ନିଶ୍ଚିତଭାବେ ଭିନ୍ନ । ଯଦିଓ ତିଆରି କରିବାର ପଦ୍ଧତି କିଛିଟା ସମାନ । ଏହି ମିଠାର ନାଁ କମଳା ଭୋଗ । ନାଁରୁ ଜାଣିପାରୁଥିବେ ଏଥିରେ କମଳାର ସ୍ୱାଦ ଭରି ରହିଥିବ । ହଁ, ଏଥିରେ କମଳାର ସ୍ୱାଦ ଓ ବାସ୍ନା ଆସିଥାଏ । ଆଜିକାଲି ଏହି ମିଠା ବିଶେଷ ହେଉନାହିଁ । କଟକର ପୁରୁଣା ମିଠା ଦୋକାନରେ କେହି କେହି ବରାଦ ଦେଲେ କରନ୍ତି । କୁହାଯାଏ ଆଗେ କଟକରେ ଦଶହରା ସମୟରେ କିଛି କିଛି ପରିବାରରେ ପ୍ରସାଦ ପାଇଁ କମଳାଭୋଗ ତିଆରି ହେଉଥିଲା । କିନ୍ତୁ ଧୀରେ ଏହି ପରମ୍ପରା ପ୍ରାୟ ବନ୍ଦ ହେବାକୁ ବସିଲାଣି । କ୍ୱଚିତ ଲୋକ ଏହାକୁ ତିଆରି କରୁଛନ୍ତି । ରସଗୋଲା ଭଳି ଦେଖିବାକୁ ଲାଗୁଥିଲେ ମଧ ଏହାକୁ କମଳାଭୋଗ କାହିଁକି କୁହାଯାଏ ସେ ନେଇ ଅନେକ କଥା ଶୁଣିବାକୁ ମିଳେ । ତେବେ ଅଧିକାଂଶ ଲୋକ କୁହନ୍ତି ଏହାକୁ ପ୍ରଥମେ ତିଆରି କରିଥିବା ଲୋକ ଭୁଲରେ କମଳା ରସ ସିରାରେ ପକାଇ ଦେଇଥିଲା । ସେହି ସିରାରେ ରସଗୋଲା ଗୋଳାଇ ଦେଲା ପରେ ଏହାର ସ୍ୱାଦ ଓ ବାସ୍ନା ଅଲଗା ହୋଇଥିଲା । ଯିଏ ବି ଖାଇଥିଲେ ପସନ୍ଦ କରିଥିଲେ । ତେବେ କାହାଣୀ ଯାହା ହେଉନା କାହିଁକି ଏହାର ସ୍ୱାଦ ନିଶ୍ଚିତ ଭାବେ ବଢ଼ିଆ । ତା' ହେଲେ ଆସନ୍ତୁ ଜାଣିବା ଏହି ମିଠାର ପ୍ରସ୍ତୁତି ସଂପର୍କରେ । ଏହାକୁ ତିଆରି କରିବା ପାଇଁ ଅତି କମ୍‌ରେ ଦେଢ଼ ଘଣ୍ଟା ସମୟ ଲାଗିଥାଏ । କମଳାଭୋଗ ତିଆରି କରିବା ପାଇଁ କ୍ଷୀର, ସୁଜି, ଲେମ୍ବୁ ରସ, କମଳା ରସ, କମଳା ଏସେନ୍ସ, ଚିନି, ପାଣି, ଅରେଞ୍ଜ ଫୁଡ୍ କଲର୍ ଆବଶ୍ୟକ । ତା' ହେଲେ ଆସନ୍ତୁ ଜାଣିବା ଉପରୋକ୍ତ ଜିନିଷରୁ କେତେ ପରିମାଣର ନେବା । କ୍ଷୀର ୨ ଲିଟର, ଲେମ୍ବୁ ରସ ୬-୮ ଟେବଲ ଚାମଚ, ସୁଜି ୨ ଚାମଚ, ଚିନି ୧ କପ୍, ପାଣି ୩ କପ୍, କମଳା ଲେମ୍ବୁ ରସ ୧ କପ୍ ଏବଂ ସାମାନ୍ୟ ଅରେଞ୍ଜ ଫୁଡ୍ କଲର୍ । ପ୍ରଥମେ ବଡ଼ ପାତ୍ରଷର ପାଣି, ଚିନି ଏବଂ କମଳା ଏସେନ୍ସ, କମଳା ରସ ନେଇ ସିରା ପ୍ରସ୍ତୁତ କରନ୍ତୁ ଯେମିତି ରସଗୋଲା ପାଇଁ ସିରା ପ୍ରସ୍ତୁତ ହୁଏ ଠିକ୍ ସେହିଭଳି କରିବାକୁ ହେବ । ଅଧିକ ଗାଢ଼ା ଯେମିତି ନ ହୁଏ ସେଥିପ୍ରତି ଖିଆଲ ରଖିଥିବେ । ଏହାପରେ ଏକ ବଡ଼ ପାତ୍ରରେ ସାମାନ୍ୟ ପାଣି ନେଇ ଗରମ କରି ସେଥିରେ କ୍ଷୀର ମିଶାଇ ଫୁଟାନ୍ତୁ । ପ୍ରଥମରୁ ପାତ୍ରରେ ପାଣି ଗରମ କଲେ କ୍ଷୀର ତଳେ ଲାଗି ପୋଡ଼ିଯିବ ନାହିଁ । କ୍ଷୀରକୁ ମଧ୍ୟମ ଆଞ୍ଚରେ ଫୁଟାଇବାକୁ ହେବ । କ୍ଷୀର ଫୁଟି ଆସିଲେ ଆଞ୍ଚ ପୂରା ଧିମା କରି ସେଥିରେ ଲେମ୍ବୁ ରସ ଟିକେ ଟିକେ କରି ମିଶାଇବାକୁ ହେବ । କ୍ଷୀରକୁ ଗୋଳାଇବା ଦରକାର ନାହିଁ । କ୍ଷୀର ଆପେ ଆପେ ଫାଟି ଛେନା ବାହାରିଯିବ । ଛେନା ହୋଇଗଲା ପରେ ଆଞ୍ଚ ବନ୍ଦ କରି ଦଶ ମିନିଟ ଥଣ୍ଡା କଲା ପରେ କପଡ଼ାରେ ଚିପୁଡ଼ି ପାଣି ଭଲ କରି ନିଗାଡ଼ିବାକୁ ହେବ । ଏଇଠି ଖିଆଲ ରଖିବାକୁ ହେବ ଯେ ଛେନାନ ଯେମିତି ଅଧିକ ଶୁଖିଲା ନ ହୁଏ କିମ୍ବା ସେଥିରେ ଯେପରି ଅତିରିକ୍ତ ପାଣି ରହି ନଯାଏ । ଏହାପରେ ଛେନାକୁ ଏକ ପାତ୍ରରେ ରଖି ସେଥିରେ ସୁଜି ଏବଂ ସାମାନ୍ୟ ଅରେଞ୍ଜ ଫୁଡ୍ କଲର୍ ମିଶାଇ ଚକଟିବାକୁ ପଡ଼ିବ । ୧୫ ମିନିଟ ଚକଟି ସାରିଲା ପରେ ଦେଖିବେ ଏକ ମସୃଣ ଗୋଳା ପ୍ରସ୍ତୁତ ହୋଇଯିବ । ସେଥିରୁ ଛୋଟ ଛୋଟ ସମାନ ଆକାରର ୧୫ଟି ଗୁଳା ପ୍ରସ୍ତୁତ କରିବେ । ଏଥର ସିରାକୁ ପୁଣି ଥରେ ଗରମ କରି ଫୁଟାଇବାକୁ ହେବ । ସିରା ଫୁଟି ଆସିଲେ ଛେନା ବଲ୍‌ଗୁଡ଼ିକୁ ସେଥିରେ ପକାଇ ମଧ୍ୟମ ଆଞ୍ଚରେ ୩୦ ମିନିଟ୍ ଯାଏ ଫୁଟାଇବାକୁ ହେବ । ଛେନା ବଲ୍‌ଗୁଡ଼ିକ ଫୁଟୁଥିଲା ବେଳେ ପାତ୍ରର ମୁହଁ ଢାଙ୍କିଦେବେ । ଅଧଘଣ୍ଟା ପରେ ଆଞ୍ଚ ବନ୍ଦ କରି ଥଣ୍ଡା କରିବାକୁ ଛାଡ଼ିଦେବେ । ଥଣ୍ଡା ହେଲା ପରେ ଏହାକୁ ଫ୍ରିଜରେ ୪ରୁ ୫ ଘଣ୍ଟା ରଖିଦେବେ । ଏଥର ଆପଣ ପରିବେଷଣ କରିପାରିବ ସୁସ୍ୱାଦୁ କମଳା ଭୋଗ ।

# ମହିଳାଙ୍କ ପାଇଁ ଆତ୍ମରକ୍ଷା କୌଶଳ



- ବାରରକୁ ଯିବା ପୂର୍ବରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ରଖନ୍ତୁ । ବାଟରେ କୌଣସି ଅଘଟଣ ଘଟିଲେ ସାମର୍ଥ୍ୟ ଅନୁସାରେ ମୁକାବିଲା କରନ୍ତୁ ।
- ଗହଣା ଚୋରି, ଅସଦାଚରଣରୁ ରକ୍ଷା ପାଇବା ପାଇଁ ଆଗ ପଛକୁ ନଜର ରଖନ୍ତୁ । ଅନୁସରଣକାରୀଙ୍କ ପ୍ରତି ସତର୍କ ରହନ୍ତୁ । ପୁଲିସ୍ ହେଲ୍‌ପ ଲାଇନ୍ ନମ୍ବର ପାଖରେ ରଖନ୍ତୁ । ମୋବାଇଲ୍‌ରେ ନିକଟସ୍ଥ ପୁଲିସ୍‌କୁ ସୂଚନା ଦିଅନ୍ତୁ ।
- ଆଜିକାଲି ମୋବାଇଲ୍‌ରେ କେତୋଟି ଆପ୍ ରହିଛି, ସେଗୁଡିକୁ ଡାଉନ୍‌ଲୋଡ୍ କରି ରଖନ୍ତୁ । ବିପଦର ଆଭାସ ପାଇବା ମାତ୍ରେ ଏହି ଆପ୍ ବ୍ୟବହାର କରନ୍ତୁ ।
- ଏପରି କିଛି ଆପ୍ ରହିଛି ଯାହାକୁ ଛୁଇଁବା ମାତ୍ରେ ସତର୍କ ଘଣ୍ଟି ବାଜିଥାଏ । ଏହା ଦ୍ୱାରା ଅନ୍ୟ ଲୋକମାନେ ସେଠାକୁ ଚାଲିଆସିବେ ଏବଂ ଆପଣଙ୍କୁ ସାହାର୍ଯ୍ୟ କରିପାରିବେ ।
- ଆକ୍ରମଣର ଶିକାର ହେବା ମାତ୍ରେ ନିଜସ୍ୱ ବୁଦ୍ଧି ଖଟାଇ ପ୍ରତିଆକ୍ରମଣ କରନ୍ତୁ ଏବଂ ଶତ୍ରୁର ଦୁର୍ବଳତା ଜାଣିବାକୁ ଚେଷ୍ଟା କରନ୍ତୁ ।
- ଆତ୍ମରକ୍ଷା କୌଶଳ ପାଇଁ ତାଲିମ ନିଅନ୍ତୁ । ହାତରେ ମୁଦି ପିନ୍ଧନ୍ତୁ । ଏହା ଆତ୍ମ ରକ୍ଷାରେ ସହାୟକ ହୋଇପାରିବ ।
- ରାସ୍ତାରେ ଯିବାବେଳେ ହଇରାଣର ସମ୍ମୁଖୀନ ହେଲେ ଗୋଟିଏ ସ୍ଥାନରେ ଧୀରସ୍ଥିର ଭାବେ ଛିଡା ହୁଅନ୍ତୁ ନାହିଁ । ନିର୍ଦ୍ଦିଷ୍ଟ ଦୂରତାରେ ସବୁବେଳେ ରହନ୍ତୁ ।

# ନିରୋଗ ଶରୀର ଓ ପ୍ରସନ୍ନ ମନ ପାଇଁ ପ୍ରାର୍ଥନା



ସମସ୍ତେ ଚାହାନ୍ତି ଅନେକ ଦିନ ବଞ୍ଚିରହିବାକୁ । କେବଳ ବଞ୍ଚିବାକୁ ନୁହେଁ, ସୁସ୍ଥ ଦେହ ଓ ସୁସ୍ଥ ମନରେ ବଞ୍ଚିବାକୁ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୋଟିଏ ସଂକ୍ଷିପ୍ତ ପ୍ରାର୍ଥନାରେ କୁହାଯାଇଛି - ଅରୋଗେ ମରଣଂ ଶତେ ମନସି ପ୍ରସନ୍ନଂ ସଦା । । ଅର୍ଥାତ୍, ହେ ପ୍ରଭୁ ! ଏହି ଜନ୍ମରେ ଆପଣଙ୍କ ପାଖରେ ମୋର ଏତିକି ମାଗୁଣି ଯେ ମୁଁ ଶହେବର୍ଷ ପର୍ଯ୍ୟନ୍ତ ବଞ୍ଚିବି, ମୋର ମନ ସବୁବେଳେ ପ୍ରସନ୍ନ ରହିବ ଏବଂ ବିନା ବ୍ୟାଧିରେ ଶହେବର୍ଷ ବିତାଇବା ପରେ ମୋର ମରଣ ହେବ । ଏହି ପ୍ରାର୍ଥନାରେ ସବୁକିଛି ସୂଚନାତ୍ମକ ଭାବରେ କୁହାଯାଇଛି । ମନୁଷ୍ୟ ସମାଜରେ ସାଧାରଣତଃ ତିନିଟି କାରଣରୁ ବ୍ୟାଧି ବା ବିପତ୍ତି ଦେଖାଯାଇଥାଏ ।
୧. ଆଧିଦୈବିକ, ୨. ଆଧିଭୌତିକ ଓ ୩. ଆଧ୍ୟାତ୍ମିକ । 'ଆଧିଦେହବିକ' ହେଉଛି ବାତ୍ୟା, ବନ୍ୟା ଓ ଭୂମିକମ୍ପ ଆଦି ବିପତ୍ତି- ଯାହା ଆମର ଆୟତ୍ତାଧୀନ ନୁହେଁ, ଦୈବର ଅଧୀନ । ତେଣୁ ସେଥିରୁ ରକ୍ଷା ପାଇବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । 'ଆଧିଭୌତିକ' ହେଉଛି ପଞ୍ଚଭୂତରୁ ଜାତ ବିପତ୍ତି । ଆମର ଶରୀର ପଞ୍ଚଭୂତରୁ ସୃଷ୍ଟି । ଆମର ଏହି ଶରୀର ବଧ୍ୟ ବ୍ୟାଧିର ଘର । ପଞ୍ଚଭୂତରୁ ସୃଷ୍ଟି ଅନ୍ୟ ଜୀବଜନ୍ତୁଙ୍କଠାରୁ ମଧ୍ୟ ଆମର ବିପତ୍ତି ଥାଏ ତେଣୁ ସେଥିରୁ ଉଦ୍ଧାର ପାଇବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । 'ଆଧ୍ୟାତ୍ମିକ' ଭାବ ମନକୁ ଆନନ୍ଦ ଦିଏ । ତାହାର ଅଭାବରେ ମନ ବ୍ୟାଧିଗ୍ରସ୍ତ ହୋଇପଡେ । ଉନ୍ମଦ, ଅପସ୍ମାର ଆଦି ରୋଗ ଦେଖାଯାଏ । ତେଣୁ ତାହାର ଉର୍ଦ୍ଧ୍ୱ ମନକୁ ପ୍ରସନ୍ନ ରଖିବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । ଏହିପରି ଭାବରେ, ଇହଲୋକରେ ଆଧିଦୈବିକ ଓ ଆଧିଫଭୌତିକ ବ୍ୟାଧି ନଥାଇ, ଆଧ୍ୟାତ୍ମିକ ଓ ଆନନ୍ଦମୟ ଜୀବନ ବିତାଇବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ ।

# ଭୁବନରେ କୃଷକଙ୍କୁ ସହାୟ ହେଉନି କୃଷକ ସହାୟତା କେନ୍ଦ୍ର, ଚାଷୀଙ୍କୁ ମିଳୁନି ଉନ୍ନତ କୃଷିନୀତି

ଭୁବନ,୨୩/୬ (ନି.ପ୍ର): କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାମାନ ପ୍ରଣୟନ କରି ଚାଷୀର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାକୁ ପଦକ୍ଷେପ ନେଉଥିବା ବେଳେ ଭୁବନ କୃଷି ବିଭାଗ ଏଥିପ୍ରତି ଆଦୌ ଯତ୍ନବାନ ହେଉନଥିବା ଅଭିଯୋଗ ହୋଇଛି । ଧାନ, ମୁଗ, ବିରି, ଚିନାବାଦାମ ଆଦି ବିହନ ଯୋଗାଣରେ ବିଭାଗ ବିଫଳ ହୋଇଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି । ଭୁବନ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ଏକ ବିସ୍ତୀର୍ଣ୍ଣ କୋଠାରେ ବ୍ଲକ କୃଷି ବିଭାଗ ତରଫରୁ କୃଷକ ସହାୟତା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି । ଏହି କାର୍ଯ୍ୟାଳୟରେ ପୂର୍ବରୁ ୧୪ ଜଣ ଭିଏଲଡବ୍ଲ୍ୟୁ କାମ କରୁଥିବା ବେଳେ ବର୍ତ୍ତମାନ ୫ ଜଣ କାର୍ଯ୍ୟ କରୁଛନ୍ତି । ପୂର୍ବରୁ ଧାନ, ବିରି, ମୁଗ, ବାଦାମ ଇତ୍ୟାଦି ବିହନ ଯୋଗାଣ ପାଇଁ ଦୁଇଟି ସେଲ ସେଂଟର(ଗୋଟିଏ ଭୁବନ ଓ ଅନ୍ୟଟି ମଠକରଗୋଳା) ଥିଲା ବେଳେ ସରକାର ଏହାକୁ ଉଠାଇ ଦେଇ ସେବା ସମବାୟ ସମିତି ଜରିଆରେ ଚାଷୀଙ୍କୁ ବିହନ ଯୋଗାଣ ଆରମ୍ଭ କଲେ । ଫଳରେ ସୁବିଧା ବଦଳରେ ଚାଷୀଙ୍କ ଅସୁବିଧା ବଢ଼ିଲା । ପୂର୍ବରୁ ୨ ଜଣ ଓଭରସିଅର ଥିଲା ବେଳେ ଏବେ ଜଣେ ଓଭରସିଅର କାର୍ଯ୍ୟ କରୁଛନ୍ତି । ଏହି କେନ୍ଦ୍ର ପରିଚାଳନାରେ ଦିଲ୍ଲୀପ କୁମାର ମିଶ୍ର ଓ ମଧୁସ୍ମିତା ସେନାପତି ୨ ଜଣ ବ୍ଲକ କୃଷି ଅଧିକାରୀ କାର୍ଯ୍ୟ କରୁଛନ୍ତି । ଭୁବନ ବ୍ଲକ୍ ରେ ଥିବା ୧୮ ଟି ପଂଚାୟତରେ ମୋଟ୍ ୧୮୫୦୦ ହେକ୍ଟର ଜମି ମଧ୍ୟରୁ ୯ ହଜାର ୯୦ ହେକ୍ଟର ଧାନଜମି ଓ ଅବଶିଷ୍ଟ ବିରି, ମୁଗ, ବାଦାମ ଜମି ରହିଛି । ଚଳିତ ଆର୍ଥିକ ବର୍ଷରେ ୯୦୯୦ ହେକ୍ଟର ଜମିରେ ଧାନଚାଷ କରାଯାଇଥିବା ଓ ଏଥିପାଇଁ ୮୫୦ କ୍ୱିଟାଂଲ ଧାନ ବିହନ ଯୋଗାଇ ଦିଆଯାଇଥିବା କୃଷି ବିଭାଗ କହିଛି । ଧାନ ବିହନ ଯୋଗାଇବା ପାଇଁ ବ୍ଲକରେ ଥିବା ୧୦ ଟି ସେବା ସମବାୟ ସମିତି ମାଧ୍ୟମରେ କୃଷି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା ବେଳେ ଚାଷୀମାନେ ସଠିକ୍ ବିହନ ପାଇବାରୁ ବଂଚିତ ହୋଇଛନ୍ତି । ସୁଲଭ ମୂଲ୍ୟରେ ସରକାରଙ୍କ ଦ୍ୱାରା ମିଳୁଥିବା ବିହନକୁ ସାଧାରଣ ଚାଷୀ ହାତଛଡା କରିବା ଫଳରେ ଫସଲ ଭଲ ହେବାନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପରପକ୍ଷରେ ସରକାରୀ ବିହନକୁ କେତେକ ବ୍ୟକ୍ତି ଖୋଲା ବଜାରରେ ବିକ୍ରି କରିଥିବା କେତେକ ଚାଷୀ ଅଭିଯୋଗ କରୁଛନ୍ତି । ଉନ୍ନତ ପ୍ରଣାଳୀରେ ଚାଷ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆସୁଥିବା ଯୋଜନା ଗୁଡିକ ଚାଷୀଙ୍କ ନିକଟରେ ପହଁଚି ନାହିଁ, ଏପରିକି ଏଥିପାଇଁ ସଚେତନତା ବାର୍ତ୍ତା ଦେବାର ବ୍ୟବସ୍ଥା ଥିଲେ ମଧ ତାହା ଭୁବନ କୃଷି ବିଭାଗ ପକ୍ଷରୁ କରାଯାଉନାହିଁ । କେବଳ ଏହାକୁ ମୋବାଇଲ ହ୍ୱାଟ୍ସଆପରେ ଚାଷୀ (ଜମିମାଲିକ)ଙ୍କୁ ନାମକୁ ମାତ୍ର ଅବଗତ କରାଯାଉଛି । ବ୍ଲକ କୃଷି ବିଭାଗ ଅଧିନରେ ଏକ ଆତ୍ମା କମିଟି ଗଠନ କରାଯାଇଛି, ଏଥିରେ ଜଣେ ଅଧକ୍ଷ ଏବଂ ୧୮ ଜଣ ସଭ୍ୟ ରହିଛନ୍ତି । ଏହି ବିଭାଗ ଭୁବନରେ କ'ଣ କାମ କରୁଛି ତାହା କେବଳ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଚାଷୀ ବା ବ୍ୟକ୍ତି ବିଶେଷ ଜାଣୁଥିବା ବେଳେ ସାଧାରଣ ଚାଷୀ ଜାଣିବା କଷ୍ଟକର ହୋଇପଡୁଛି । ତେବେ ଏହି କମିଟିର କାର୍ଯ୍ୟକାଳ ଇତି ମଧ୍ୟରେ ଶେଷ ହୋଇଯାଇଥରଲେ ହେଁ କରୋନାଜନିତ ଲକଡାଉନ ଯୋଗୁ ନୂତନ କମିଟି ଗଠନ କରାଯାଇନାହିଁ । ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହୋଇଛି ।

## ସଙ୍ଗୁଅ ଗଦେଇପୁର ମୁଖ୍ୟ ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ, ୨ ବର୍ଷ ଦାବିପରେ ମଧ୍ୟ ହେଉନି ମରାମତି କାର୍ଯ୍ୟ

ଧର୍ମଶାଳା,୨୩/୬ (ନି.ପ୍ର): ସାମାନ୍ୟ ବର୍ଷାରେ ଗାଁର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି । ଏହି ରାସ୍ତାରେ ଯାତାୟତ ପାଇଁ ସୁରକ୍ଷିତ ମଣୁ ନାହାନ୍ତି ଲୋକେ । ଏଭଳି ଶୋଚନୀୟ ଅବସ୍ଥା ଦେଖିବାକୁ ମିଳିଛି ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଅଁରା ପଂଚାୟତରେ । ସରକାର ଗ୍ରାମଚଂଳର ଗମନାଗମନକୁ ଦୃଷ୍ଟିରେ ମୁଖ୍ୟ ରାସ୍ତା ଓ ନଦୀ ବନ୍ଧ ସୁଦୃଢୀକରଣ ନିମନ୍ତେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦ କରୁଛନ୍ତି । କିନ୍ତୁ ବାସ୍ତବରେ ତାହା କାର୍ଯ୍ୟରେ ପରିଣତ ହେଉନଥିବା ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଅଁରା ପଂଚାୟତସ୍ଥ ସଙ୍ଗୁଅ ଗଦେଇପୁର ଅଂଚଳରେ । ଗଦେଇପୁରଠାରୁ ଡଅଁରକୂଳ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ହେଉଛି ତନ୍ତିଘାଇ ନଦୀ ବନ୍ଧ । ଏହି ନଦୀ ବନ୍ଧ ରାସ୍ତା ଦେଇ ଦୈନନ୍ଦିନ ଶହଶହ ଲୋକେ ବିଭିନ୍ନ କାର୍ଯ୍ୟପାଇଁ ବିଭିନ୍ନ ଅଂଚଳକୁ ଯାଇଥାନ୍ତି । ହେଲେ ଏବେ ସାମାନ୍ୟ ବର୍ଷା ଜଳରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଛି । ଫଳରେ ଖାଲଖମା ଜାଣି ନ ପାରି ଅନେକ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହି ରାସ୍ତା ୨ ବର୍ଷ ହେବ ସ୍ଥାୟୀ ମରାମତି ହେଉନ ଥିବା ବେଳେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଆନ୍ତରିକ ଅଭାବରୁ ଏହି ରାସ୍ତା ଶୋଚନୀୟ ହୋଇପଡିଛି । ଏନେଇ ୨ ବର୍ଷ ହେବ ଗ୍ରାମବାସୀ ବରୀ ଜଳସେଚନ ବିଭାଗ ଅଧିକାରୀଙ୍କ ନିକଟରେ ବାର୍ମବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଲଗାଣ ବର୍ଷା ପୂର୍ବରୁ ଏହି ରାସ୍ତା ତୁରନ୍ତ ସ୍ଥାୟୀ ମରାମତି ନ ହେଲେ ବିଭାଗୀୟ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏହାକୁ ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର

ଭୁବନେଶ୍ୱର,୨୩/୬ (ନି.ପ୍ର): ଖୁବ୍ ଶୀଘ୍ର ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଭୁବନେଶ୍ୱର ଠାରେ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି । ଏଥିପାଇଁ ବିଧିବଦ୍ଧ ଭାବେ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ସାହିତ୍ୟିକ ଓ ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ନିଯୁକ୍ତି ପାଇଛନ୍ତି । ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଅନୁମୋଦନ କ୍ରମେ ମହୀଶୂରସ୍ଥିତ କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କନ୍ଦ୍ରେ କାର୍ଯ୍ୟ କରିବ । ଏଥିପାଇଁ ଓଡ଼ିଶା ସରକାର ଭୁବନେଶ୍ୱରସ୍ଥିତ ସର୍ଦ୍ଦାର ପଟେଲ ଭବନ ପରିସରରେ କାର୍ଯ୍ୟାଳୟ ଗୃହ ଯୋଗାଇ ଦେଇଛନ୍ତି । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଏହି କେନ୍ଦ୍ର କାର୍ଯ୍ୟ କରିବା ଓଡ଼ିଆ ଭାଷା ଗବେଷଣା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଭାବେ ପ୍ରତିପାଦିତ ହେବ । ଏହି କେନ୍ଦ୍ରରେ ପ୍ରାଥମିକ ଭାବେ ଶାସ୍ତ୍ରୀୟ ଓଡ଼ିଆ ଭାଷା ବିଷୟରେ ଗବେଷଣା, ତଥ୍ୟ ସଂଗ୍ରହ, ପ୍ରଚାରପ୍ରସାର ଭଳି କାର୍ଯ୍ୟ ସମ୍ପାଦନ କରାଯିବ । ଏଥିରେ ୫ଜଣ ବରିଷ୍ଠ ଗବେଷକ, ୫ଜଣ ସହଯୋଗୀ ଗବେଷକ ଓ ୩ଜଣ କାର୍ଯ୍ୟାଳୟ ସହଯୋଗୀ କାର୍ଯ୍ୟ କରିବେ । ନିକଟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ତୁରନ୍ତ ଏହି କେନ୍ଦ୍ରର କାର୍ଯ୍ୟାରମ୍ଭ ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ । ପୂର୍ବରୁ ଏହି କେନ୍ଦ୍ର କାର୍ଯ୍ୟ ଆରମ୍ଭ କରିବାକୁ ନେଇ ସଂସ୍କୃତି ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ବାରମ୍ବାର କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୂର ଏବଂ ମାନବସମ୍ବଳ ବିକାଶ ମନ୍ତ୍ରାଳୟ, ନୂଆଦିଲ୍ଲୀ ସହ ଯୋଗାଯୋଗ କରି ଆସୁଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ୨୦୧୪ ମସିହାରେ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ଅନୁଯାୟୀ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିଲା ଓ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯାଇଥିଲା । ଏହି କେନ୍ଦ୍ର ଶାସ୍ତ୍ରୀୟ ଭାଷା ଉତ୍ପତିର ଉତ୍ସ ସମ୍ବନ୍ଧରେ ଗବେଷଣା ସହ ପାଣ୍ଡୁଲିପି ସଂଗ୍ରହ ଓ ତା'ର ଡିଜିଟାଇଜେସନ କରିବା, ଶାସ୍ତ୍ରୀୟ ଓଡ଼ିଆ ସମ୍ପର୍କିତ ପୁସ୍ତକ ପ୍ରକାଶନ କରିବା, ଜାତୀୟସ୍ତରର ଭାଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ଆଦି କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି ।

## ନିୟୁଜ୍ ଚ୍ୟାନେଲ ବିରୋଧରେ ମାମଲା ପାଇଁ ମୁସଲିମ ସଂଗଠନର ଦାବି

କେନ୍ଦ୍ରାପଡ଼ା,୨୩/୬ (ନି.ପ୍ର): ଜାତୀୟ ସ୍ତରର ଏକ ନିୟୁଜ୍ ଚ୍ୟାନେଲ ବିରୋଧରେ ମାମଲା ଦାୟର କରିବା ପାଇଁ ସୁନି ତନଜିମ-ଉଲ-ଓଲମାର ଦାବି କରିଛି । ଦାବି ମୁତାବକ ସନ୍ଥ ହଜରତ ଖ୍ୱାଜା ଗରିବ୍ ନୱାଜ ଙ୍କ ବିରୁଦ୍ଧରେ ଏକ ବିଭ୍ରାନ୍ତି ମୂଳକ ଓ ସାମ୍ପ୍ରଦାୟିକ ଉତେଜନା ସୃଷ୍ଟିକାରୀ ଖବର ନିୟୁଜ ୧୮ ଚ୍ୟାନେଲରେ ପ୍ରସାରଣ କରା ଯାଇଥିଲା । ସଂପୃକ୍ତ ଚ୍ୟାନେଲର ପରିଚାଳନା ସଂପାଦକ ଓ ଉପସ୍ଥାପକ ଙ୍କ ବିରୋଧରେ ଅପରାଧୀକ ମାମଲା ରୁଜ୍ଜୁ କରିବା ସହ ଆଇନ ଅନୁଯାୟୀ କାଯ୍ୟଚାନୁଷ୍ଠାନ ନେବାକୁ ସଂଗଠନର ସଂପାଦକ ଗୁଲାମ ମୁସ୍ତଫା, ମୌଲାନା ତବରେଜ ଆଲାମ, ସେକ ସାବୀର, ଏବଂ ସେକ ଜବିଉଲ୍ଲା (ନକିର୍) ପ୍ରମୁଖ ଦାବି କରିଛନ୍ତି ।

## ଇନ୍ଦ୍ରାବତୀରେ ୬୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ

ଜୟପାଟଣା,୨୩/୬ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ଜୟପାଟଣା ଅଂଚଳରେ ୧୫୫ ମି.ମି. ବର୍ଷା ଚାଷୀଙ୍କ ପାଇଁ ନୂତନ ସନ୍ଦେଶ ଆଣି ଦେଇଛି । ଇନ୍ଦ୍ରାବତୀ ଜଳ ସେଚନକୁ ଆହୁରି ୧୫ ଦିନ ବିଳମ୍ବ ଥିବା ବେଳେ ଏବେ ଜଳସେଚିତ ଓ ଅଣ ଜଳସେଚିତ ଅଂଚଳରେ ଚାଷ କାର୍ଯ୍ୟ ଧୁମ୍ ଧାମରେ ଚାଲିଥିବା ଲକ୍ଷ୍ୟ କରାଯାଉଛି । ପୁଣି ପ୍ରବଳ ବର୍ଷା ଯୋଗୁ ଖୋଲା ଆକାଶ ତଳେ ପଡ଼ି ରହିଥିବା ମଣ୍ଡି ମାନଙ୍କର ଧାନ ପାଇଁ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ଧାନ ବିକିବାର ଚିନ୍ତା ବଳବତର ଥିବା ବେଳେ ଆଗାମୀ ଖରିଫ ଚିନ୍ତା ଲଗିସାରିଲାଣି ।

ସୂଚନାରୁ ପ୍ରକାଶ ଯେ, ଗତ ରବିବାର ଦିନ ଜୟପାଟଣା ଅଂଚଳରେ ମୂଷଳ ଧାରାରେ ବର୍ଷା ହେବା ଯୋଗୁ ଖରିଫ ଚାଷ ପାଇଁ ରାସ୍ତା ଅନୁକୂଳ ହୋଇଯାଇଛି । ଇତି ମଧ୍ୟରେ ତଳି ପକା, ବୁଣା ଆଦି କାମରେ ଚାଷୀମାନେ ବ୍ୟସ୍ତ ଥିବାର ଲକ୍ଷ୍ୟ କରାଯାଉଛି । ଉପର ମୁଣ୍ଡରେ ବର୍ଷା ପରିମାଣ ଅଧିକ ଥିବାରୁ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳପତନ ବୃଦ୍ଧି ପାଇ ୬୩୨.୨୪ ମି. ପହଂଚିଥିବା ରେକର୍ଡ଼ କରାଯାଇଛି । ଫଳସ୍ୱରୂପ ଇନ୍ଦ୍ରାବତୀ ବିଦ୍ୟୁତ ପ୍ରକଳ୍ପରୁ ସର୍ବୋଚ୍ଚ ସୀମା ୬୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରାଯାଉଥିବା ସୂଚନା ମିଳିଛି । ମଙ୍ଗଳପୁର ହାତୀ ବାରେଜରେ ଜଳପତନ ୨୬୪.୧୦ମି. ରଖାଯାଇ ହାତୀ ନଦୀ ଗର୍ଭକୁ ସେକେଣ୍ଡ ପ୍ରତି ୪୬୪.୯୨ ମି. ଜଳ ଛଡ଼ା ଯାଉଥିବା ସୂଚନାରୁ ପ୍ରକାଶ । ଆଗାମୀ ଖରିଫରେ ଇନ୍ଦ୍ରାବତି ମେଗା ଉଠା ଜଳସେଚନ ପ୍ରକଳ୍ପରୁ ପ୍ରଥମ ଥର ପାଇଁ ୫୪୦୦ ହେକ୍ଟର ଜମିରେ ଜଳସେଚନରୁ ଶୁଭାରମ୍ଭ ସହିତ ଇନ୍ଦ୍ରାବତୀ ଜଳସେଚନର ବାମ ଓ ଦକ୍ଷିଣ ଜଳସେଚନର ଶୁଭାରମ୍ଭ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ଖରିଫରେ ଇନ୍ଦ୍ରାବତୀ ଉଠା ଜଳ ସେଚନ ସହିତ ମୋଟ ୯୦.୦୦୦ ହେକ୍ଟର ଜମିରେଜଳସେଚନ କରାଯିବ ବୋଲି ଜଳସମ୍ପଦ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପଦ୍ମନାଭ ପଣ୍ଡା ପ୍ରକାଶ କରିଛନ୍ତି । ଖରିଫ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଜୟପାଟଣା ବ୍ଲକର ରଣମାଲ, ଭେଜିଗୁଡ଼ା, ବାନେର, ଖଲିଆ ଭାଟା, କର୍ମେଲି, ଜୟପାଟଣ, ପାଇକ କେନ୍ଦୁ ମୁଣ୍ଡି, ପ୍ରତାପପୁଯ, ମଙ୍ଗଳପୁର ଆଦି ଅଂଚଳର ମଣ୍ଡି ମାନଙ୍କରେ ପ୍ରାୟ ୨୫୦୦୦ କୁଇଂଟାଲ ଧାନ ଟାର୍ଗେଟ ଅଭାବରୁ ପଡ଼ି ରହିଥିବା ବେଳେ ଏ ସବୁର ଶୀଘ୍ର ଉଠାଣ ପାଇଁ ଚାଷୀ ମହଲରୁ ଦାବି ହେଉଛି ।

# ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ନିଘା ନାହିଁ ଫୁଲବାଣୀ ଜନସ୍ୱାସ୍ଥ୍ୟ ବିଭାଗର : ଫୁଲବାଣୀ ପୌରାଂଚଳରେ ଯୋଗାଣ ହେଉଛି ଗୋଳିଆ ପାଣି

### ଜଳଯୋଗାଣ ପାଇଁ ରହିଛି ୧୫ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ

କନ୍ଧମାଳ,୨୩/୬ (ନି.ପ୍ର): ଫୁଲବାଣୀ ପୌରାଂଚଳରେ ପ୍ରାୟ ୪୦ ହଜାର ଲୋକ ବସବାସ କରୁଛନ୍ତି । ସହରେ ଲୋକଙ୍କ ପିଇବାପାଣି ନିମନ୍ତେ କିଛି କୁଅ ଓ ନଳକୁଅ ରହିଛି । ସେଥିରେ ସହରର ଲୋକଙ୍କର ପାଣିର ଆବଶ୍ୟକତା ପୁରଣ ହେଉନାହିଁ । ସେଥିପାଇଁ ସହର ଉପକଣ୍ଠରେ ଥିବା ସାଲୁଙ୍କିନଦୀର ପାଣିକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ ଜରିଆରେ ଲୋକଙ୍କୁ ପର୍ଯ୍ୟାପ୍ତ ଓ ସ୍ୱଚ୍ଛ ପିଇବାପାଣି ଯୋଗାଇ ଦେବାପାଇଁ ସ୍ଥାନୀୟ ନାରାୟଣି ମନ୍ଦିର ନିକଟରେ ଏକ ଚେକ୍‌ଡ୍ୟାମ କରାଯାଇ ସେଠାରୁ ନଦୀର ପାଣିକୁ ଉଠାଇ ନାରୟଣି ମୁଣ୍ଡିଆରେ ୧୫ କୋଟି ଟଙ୍କା ବ୍ୟୟରେ ଏକ ପ୍ରକଳ୍ପ ତିଆରି କରାଯାଇଛି । ସେଠାରେ ନଦୀର ଗୋଳିଆପାଣିକୁ ଉଠାଇ ତାକୁ ସ୍ୱଚ୍ଛ ଓ ଜୀବାଣୁ ମୁକ୍ତ ପାଣିରେ ପରିବିର୍ତ୍ତିତ କରି ପାଇପ୍ ଯୋଗେ ଲୋକଙ୍କୁ ଯୋଗାଇବା ନିମନ୍ତେ ସମସ୍ତ ବ୍ୟବସ୍ଥା ରହିଛି । ହେଲେ ଏହି ଜଳଯୋଗାଣ କାର୍ଯ୍ୟରେ ଜନସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ମନୋଭାବ ଯୋଗୁଁ ଲୋକଙ୍କୁ ନଦୀରୁ ଉଠାଯାଉଥିବା ଗୋଳିଆ ପାଣିକୁ ଅବିକଳ ସେହିପରି ହିଁ ପାଇପ ଯୋଗେ ଯୋଗାଣ ହେଉଛି । ଯାହାକି ଲୋକଙ୍କପାଇଁ ପିଇବାତ ଦୁରର କଥା ଅନ୍ୟାନ୍ୟ ବାହ୍ୟ ବ୍ୟବହାର ପାଇଁ ସେହି ପାଣି ଯୋଗ୍ୟ ନୁହେଁ । ସେହି ପାଣି ଉପରେ ସହରର ପ୍ରାୟ ୮୫ ଭାଗ ଲୋକ ନିର୍ଭର କରୁଛନ୍ତି । ଏପରି ସ୍ଥଳେ ଜନସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ନିତୀ ଯୋଗୁଁ ସହରର ଅଧିକାଂଶ ଅଂଚଳରେ ଦୁଇ ଦିନରେ ଥରେ କିମ୍ବା ୩ ଦିନରେ ଥରେ ଜଳ ଯୋଗାଣ ହୋଇଥାଏ ଫଳରେ ଏହି ପାଣି ଉପରେ ନିର୍ଭର କରୁଥିବା ଲୋକେ ନାହିଁନ ଥିବା ହଇରାଣ ହେଉଛନ୍ତି । ବର୍ତ୍ତମାନ କରୋନା ସଂକ୍ରମଣ ଭୟ ଥିବାରୁ ଲୋକେ ସେମାନଙ୍କ ଘରୁ ଅନ୍ୟ ଯାଗାକୁ ଯାଇ ପିଇବା ପାଣି ଆଣିବା ମଧ୍ୟ କଷ୍ଟକର । ଯୋଗାଣ ହେଉଥିବା ଏହି ଗୋଳିଆ ପାଣିକୁ ପିଇଲେ ସଂକ୍ରମିତ ହେବାର ଯଥେଷ୍ଟ ସମ୍ଭବନା ରହିଛି । ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ ଓ କର୍ମଚାରୀ ମାନେ ମଧ୍ୟ ସେମାନଙ୍କର ଦାୟୀତ୍ୱ ସଠିକ୍ ଭାବରେ ତୁଲାଉ ନାହାନ୍ତି ଫଳରେ ଲୋକଙ୍କୁ ପାଣି ଠିକ ଭାବରେ ମିଳୁନାହିଁ । କେଉଁ ଅଂଚଳରେ ମିଳୁଛିତ କେଉଁମାନଙ୍କୁ ମିଳୁନାହିଁ । ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସଙ୍କୁ ଏ ସଂକ୍ରାନ୍ତରେ ପଚାରିବାରେ କଣ ହୋଇଛି ମୁଁ ଯାଣିନାହିଁ ତଦନ୍ତ ପରେ ସୁଚନା ଦେବି ବୋଲି କହିଛନ୍ତି । ତେବେ ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଜତ୍ନବାନ ହେବା ବଦଳରେ ଲୋକଙ୍କୁ ଗୋଳିଆ ପାଣି ପିଇବାକୁ ଯୋଗାଇ ସେମାନଙ୍କୁ ସଂକ୍ରମିତ କରିବା ଭଳି କାର୍ଯ୍ୟ କରୁଥିବାରୁ ସହରରେ ଲୋକଙ୍କର ଅସନ୍ତୋଷ ବୃଦ୍ଧି ପାଉଛି । ଜିଲା ପ୍ରଶାସନ ତରଫରୁ ଉଚିତ ପଦକ୍ଷେପ ନେବାପାଇଁ ଜିରିଙ୍ଗପଡା, ଗଡଡସାହି, ପେଞ୍ଜିସାହି, କେନ୍ଦୁପଦର, ମାଷ୍ଟ୍ରପଡା ଭଳି ଅଂଚଳର ଲୋକେ ଦାବୀ କରିଛନ୍ତି ।

## ଅଗ୍ନି ବିପନ୍ନଙ୍କୁ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ପରିବାର

କେନ୍ଦ୍ରାପଡ଼ା,୨୩/୬ (ନି.ପ୍ର): ଗ୍ୟାସ ସିଲିଣ୍ଡର ଫାଟି ଛାତ ଉଡିଯିବା ସହ କାନ୍ଥ ପ୍ରଭୃତି ଫାଟି ଅଗ୍ନିକାଣ୍ଡ ଘଟିଥିଲା । ଦୀର୍ଘ ଦେଢ ମାସ ପରେ ମଧ ସଂପୃକ୍ତ ବିପନ୍ନ ପରିବାରଙ୍କୁ କୌଣସି ସହାୟତା ମିଳିନାହିଁ । ଏ ନେଇ ବିପନ୍ନ ପରିବାର ପକ୍ଷରୁ ସୋମବାର ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅଧିନ ଆୟବା ପଂଚାୟତର ବାଲିଗୋଠ ଗ୍ରାମରେ ଅପ୍ରେଲ ମାସ ୩୦ ତାରିଖ ଦିନ ଗ୍ୟାସ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ସେହି ଗ୍ରାମର ବଟ୍ଟକୃଷ୍ଣ ଦାସଙ୍କ ବାସଗୃହ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା । ଏ ବାବଦ କ୍ଷତି ପୂରଣ ସହ ବାସଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ଦେବା ପାଇଁ ବଟକୃଷ୍ଣ ଦାସ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି ।

# ୪ ନୂଆ ଆକ୍ରାନ୍ତଙ୍କୁ ନେଇ ସଂଖ୍ୟା ୨ଶହ ଟପିଲା

### ମୋଟ ଆକ୍ରାନ୍ତ ୨୦୧, ସୁସ୍ଥ ୧୭୭, ଆକ୍ଟିଭ ୨୪, ସାମ୍ପୁଲ ଟେଷ୍ଟ ୮୩୦୨

ଭଦ୍ରକ,୨୩/୬ (ହି.ସ.)- ଭଦ୍ରକ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ଶହ ଟପିଛି । ଆଜି ୪ ଜଣ ନୂଆ ଆକ୍ରାନ୍ତଙ୍କୁ ନେଇ ସଂଖ୍ୟା ପହଞ୍ଚିଛି ୨୦୧ରେ । ତେବେ ଏହି ୨୦୧ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଆଜି ସୁଦ୍ଧା ସୁସ୍ଥ ହୋଇ ସାରିଛନ୍ତି ୧୭୭ଜଣ । ମାତ୍ର ୨୪ଜଣ ଆକ୍ରାନ୍ତ ଆକ୍ଟିଭ କେଶ୍ ଭାବେ ରହିଛି । ଆଜି ସୁଦ୍ଧା ଜିଲ୍ଲାରୁ ମୋଟ ୮୩୦୨ଜଣଙ୍କ ସାମ୍ପୁଲ ଟେଷ୍ଟ ଶେଷ ହୋଇଛି ବୋଲି ଜିଲ୍ଲାପାଳ ଡ. ଜ୍ଞାନ ଦାସ ସୂଚନା ଦେଇଛନ୍ତି । ଆଜି ଚିହ୍ନଟ ହୋଇଥିବା ୪ଟି ନୂଆ କେଶ୍ ସମସ୍ତ କ୍ୱାରେଣ୍ଟାଇନ ସେଣ୍ଟରରୁ ବାହାରିଛି । ଗୋଟିଏ କେଶ ଭଦ୍ରକ ବ୍ଲକ କାଉପୁର ନୋଡାଲ ସ୍କୁଲ ଟିଏମସିରୁ, ଗୋଟିଏ ଧାମନଗର ଏନଏସି ଅନ୍ତର୍ଗତ ଧାମନଗର ହାଇସ୍କୁଲ ଟିଏମସି, ଗୋଟିଏ କେଶ ଭଣ୍ଡାରିପୋଖରୀ ବ୍ଲକ ସରସଦା ହାଇସ୍କୁଲ ଟିଏମ୍‌ସିରୁ ଏବଂ ଅନ୍ୟଟି ଭଦ୍ରକ ବ୍ଲକ ଓଲଙ୍ଗ ସ୍ଥିତ ଆଦର୍ଶ ବିଦ୍ୟାଳୟ କୋବିଡ଼୍ କେୟାର ସେଣ୍ଟରରୁ । ଏହି ଆକ୍ରାନ୍ତମାନଙ୍କ ମଧ୍ୟରୁ ଦୁଇଜଣ ଆନ୍ଧ୍ରପ୍ରଦେଶ, ଜଣେ ଉତ୍ତରପ୍ରଦେଶ ଏବଂ ଜଣେ ନୂଆଦିଲ୍ଲୀରୁ ଆସିଥିଲେ ।

## ୨ ଦିନ ଧରି ଲଗାଣ ବର୍ଷା : ତଳିଧାନ ନଷ୍ଟ ଅଭିଯୋଗ

ନୂଆପଡା,୨୩/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଅ ଳରେ ୨ ଦିନ ଧରି ପାଗ ସୁଖିଲା ଥିବାରୁ ଚାଷୀ ମାନେ ଧାନ ବୁଣା ଓ ତଳି ପକା କାମ ସାରି ଦେଇଥିବା ବେଳେ ଏବେ ୨ ଦିନ ଧରି ଦେଉଥିବା ଲଗାଣ ବର୍ଷା ଚାଷୀ ମୁହଁରୁ ହସ ଛଡାଇ ନେଇଛି । ଧାନ ବିଲ ସବୁ ବୁଡି ଯାଇଥିବା ବେଳେ କ୍ରମାଗତ ବର୍ଷା ଫଳରେ ପାଣି କାଟିବା ସମ୍ଭବ ହେଉନାହିଁ । ବୁଣିଥିବା ଓ ତଳି ପକାଇଥିବା ଧାନ ବିହନ ସବୁ ନଷ୍ଟ ହୋଇଯାଇଛି । ବର୍ତ୍ତମାନ ବିହନ କିଣିବା ମଧ୍ୟ ଚାଷୀଙ୍କ ପାଇଁ ଅସମ୍ଭବ ହୋଇପଡିଛି । ଖଡିଆଳ ବ୍ଲକର ତୁକଲା, ଖାସବାହାଲ, ଦୋହେଲପଡା ଆଦି ପ ।ୟତର ସହସ୍ରାଧିକ ହେକ୍ଟର ଜମି ପାଣିରେ ବୁଡି ରହିଛି । ପ୍ରଶାସନ ତଦନ୍ତ କରି ଉପଯୁକ୍ତ କ୍ଷତିପୂରଣ ଦେବାକୁ ଚାଷୀ ପରେଶ ଦାଶ, ମହେନ୍ଦ୍ର ଦାଶ, ପ୍ରଶାନ୍ତ ଦାଶ, ସଞ୍ଜୟ ବେହେରା, ଚନ୍ଦ୍ର ବେହେରା, ବିରଂଚି ନିଆଲ, କୁନୁ ଚରଣ ବେହେରା, ପ୍ରେମଲାଲ ବାଗ ଆଦି ଦାବୀ କରିଛନ୍ତି ।

## ଜମିବାଡି ବିବାଦ , ଭାଣିଜୀ ଏତଲାରେ ମାମୁଁଙ୍କୁ ଗିରଫ

କେନ୍ଦ୍ରାପଡ଼ା,୨୩/୬ (ନି.ପ୍ର): ଏକ ପାରିବାରିକ ଗଣ୍ଡଗୋଳକୁ ଆଧାର କରି ଅଭିଯୋଗ କାରୀ ଙ୍କ ତରଫରୁ ପାଟକୁରା ଥାନାରେ ଅଭିଯୋଗ କରାଯାଇ ଥିଲା । ସୋମବାର ପାଟକୁରା ପୋଲିସ କେନ୍ଦ୍ରାପଡାରେ ପହଁଚି ଗୋପ ଛକରେ ଏକ ଭଡା ଘରେ ରହୁଥିବା ଅଭିଯୁକ୍ତ ଗିରିଶ ରାଜଙ୍କୁ ଗିରଫ କରି ନେଇଥିବା ଜଣାପଡିଛି । ପାଟକୁରା ଥାନାରେ ୧୨୨/୨୦ ରେ ମାମଲା ରୁଜୁ ହୋଇଛି । ଜମିବାଡି ବିବାଦକୁ ନେଇ ଭାଣିଜୀ ମିସ ଆନୀ ମାମୁଁ ଗିରିଶ ରାଜଙ୍କ ବିରୋଧରେ ଅଭିଯୋଗ ଦାୟର କରିଥିଲେ । ପାଟକୁରା ଥାନା ସବ ଇନିସପେକ୍ଟର ଜ୍ୟୋତି ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ୪ ଜଣିଆ ପୋଲିସ ଟିମ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ।

## ବିଦେଶକୁ ଯିବ କେନ୍ଦ୍ରାପଡ଼ାର ବାସୁମତୀ ଚାଉଳ ଓ କାଇଁଚ ସାମଗ୍ରୀ

କେନ୍ଦ୍ରାପଡ଼ା,୨୩/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରୁ ବାସୁମତୀ ଚାଉଳ ଓ କାଇଁଚ ଶିଳ୍ପ ସାମଗ୍ରୀ ବିଦେଶ ରପ୍ତାନି କରାଯିବ । ଏନେଇ ସୋମବାର ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଚ୍ଚ ସ୍ତରୀୟ ବୈଠକରେ ନିଷ୍ପତି ନିଆଯାଇଛି । ଆନ୍ତର୍ଜାତିକ ବଜାରରେ କେନ୍ଦ୍ରାପଡାର ବାସୁମତୀ ଚାଉଳର ଅଧିକ ଚାହିଦା ଥିବାରୁ ଓ ଗୁଣାତ୍ମକ ଦୃଷ୍ଟିରୁ ଉଚ୍ଚମାନର ହୋଇ ଥିବାରୁ ଏହାକୁ ବିଦେଶ ରପ୍ତାନି କରାଯିବ । ଏହା ସହ କାଇଁଚ ଶିଳ୍ପଜାତ ସାମଗ୍ରୀ ମଧ ବହୁ ଆଦାର ରହିଛି । ଏହି ଦୁଇ ସାମଗ୍ରୀର ରପ୍ତାନି କରାଗଲେ ବୈଦେଶିକ ମୁଦ୍ରା ଆସିବା ସହ ସ୍ଥାନୀୟ ଚାଷୀ ଓ କାଇଁଚ ଶିଳ୍ପରେ ନିଯୁକ୍ତ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଆର୍ଥିକ ଲାଭବାନ ହୋଇ ପାରିବେ । ଏହି ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ରପ୍ତାନି ବିଭାଗର ସହକାରୀ ନିର୍ଦ୍ଦେଶକ ପି.କେ ମହନ୍ତ, ଏଲଡିଏମ ମଳୟ କୁମାର ମିତ୍ର, ନାବାର୍ଡର ଅଶୋକ କୁମାର ଆଚାର୍ଯ୍ୟ, ଜିଲ୍ଲା ଶିଳ୍ପ ସଂପ୍ରସାରଣ ଅଧିକାରୀ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଯାତ୍ରୀ ଓ ଏହାର କର୍ମଚାରୀମାନଙ୍କ ସୁରକ୍ଷା ନିମନ୍ତେ ପୂର୍ବ ତଟ ରେଳପଥ ନେଉଛି ଅନେକ ପଦକ୍ଷେପ

- ଯାତ୍ରା କରୁଥିବା ଟ୍ରେନ୍‌ରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ କୋଭିଡ଼୍ ୧୯ ସଂକ୍ରମଣରୁ ସୁରକ୍ଷିତ ରଖିବା ନିମନ୍ତେ ସେମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଇଛି
- ଟ୍ରେନ୍ ଯାତ୍ରା କରୁଥିବା ସମୟରେ କୋଚ୍ ଗୁଡ଼ିକୁ ବାରମ୍ବାର ସାନିଟାଇଜ୍ କରାଯାଉଛି
- ଯାତ୍ରା ସମାପ୍ତ ହେବା ପରେ କୋଚ୍ ଗୁଡ଼ିକର ସମ୍ପୂର୍ଣ୍ଣ ସାନିଟାଇଜେସନ୍ ତଥା ସଂକ୍ରମଣ ମୁକ୍ତ କରାଯାଉଛି

ଭୁବନେଶ୍ୱର,୨୩/୬ (ନି.ପ୍ର): ଲକ୍‌ଡ଼ାଉନ୍ ଏବଂ କୋଭିଡ୍-୧୯ ର ପ୍ରକୋପ ସତ୍ତ୍ୱେ ରେଳ ମନ୍ତ୍ରଣାଳୟ ସମଗ୍ର ଦେଶରେ ଅତ୍ୟାବଶ୍ୟକ ସେବାର ପରିବହନ ଅବ୍ୟାହତ ରଖିଥିଲା । ଆମ ଯାତ୍ରୀମାନଙ୍କର ଯାତ୍ରା ସମ୍ବନ୍ଧୀୟ ଆବଶ୍ୟକତା ପୂରଣ କରିବାପାଇଁ ସମଗ୍ର ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ବ୍ୟତୀତ କେତେକ ଆନ୍ତରାଜ୍ୟ ଟ୍ରେନ୍ ସେବା ସହିତ ଶ୍ରମିକ ସ୍ପେଶାଲ୍ ଟ୍ରେନ୍ ଓ ଅନ୍ୟାନ୍ୟ ସ୍ପେଶାଲ ଟ୍ରେନ୍‌ମାନଙ୍କର ଚଳାଚଳ ଜାରି ରଖିଥିଲା । ଏହି ଟ୍ରେନ୍ ଗୁଡ଼ିକର ସେବାରେ ସାମିଲ ଥିବା କର୍ମଚାରୀମାନଙ୍କ ସୁରକ୍ଷା ନିମନ୍ତେ ପୂର୍ବ ତଟ ରେଳପଥ ଅନେକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣକରିଛି । ଅନ୍‌ବୋର୍ଡ଼ କର୍ମଚାରୀ ମାନଙ୍କୁ ବାରମ୍ବାର ସାନିଟାଇଜର୍ ଦ୍ୱାରା ହାତ ଧୋଇବା ବ୍ୟତୀତ ସେମାନଙ୍କର ଶରୀରକୁ ସୁରକ୍ଷିତ ରଖିବା ପାଇଁ ରେଳପଥ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫେସ୍ ମାସ୍କ, ଫେସ୍ ସିଲ୍, ହ୍ୟାଣ୍ଡ୍ ଗ୍ଲୋବ୍‌ସ, ଜୋତା କୁ ବ୍ୟବହାର କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ସେମାନଙ୍କୁ ମଧ କର୍ତବ୍ୟପାଳନ ସମୟରେ ସଦାବେଳେ ସତର୍କ ରହିବା ସହିତ ଯଥାସମ୍ଭବ ଦୂରତ୍ୱ ରକ୍ଷା କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । କୋଚ୍ ଗୁଡ଼ିକର ସାନିଟାଇଜେସନ୍ ସମୟରେ ହାଉସ୍‌କିପିଂ ଷ୍ଟାଫ୍ ମାନେ ବର୍ଥ, ଚଟାଣ, ଟଏଲେଟ୍ ଇତ୍ୟାଦି ସଫାକରିବା ସମୟରେ ଭଲରୂପେ ଡ଼ିସ୍‌ଇନ୍‌ଫେକ୍‌ଟାଂଟ୍ ବ୍ୟବହାର କରୁଛନ୍ତି । ଲୋକୋ କ୍ୟାବିନ୍ ଓ ଗାର୍ଡ଼ ଭ୍ୟାନ୍ ଗୁଡ଼ିକ ମଧ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଭଲଭାବେ ସାନିଟାଇଜ୍ କରାଯାଉଛି । ଏହା ବ୍ୟତୀତ କର୍ମଚାରୀ ମାନଙ୍କର ଡ୍ୟୁଟି ସମ୍ପୂର୍ଣ୍ଣ ହେବା ପରେ ସେମାନଙ୍କ ପାଇଁ କ୍ୱାରେ ।ଇନ୍ କୋଚ୍ ଗୁଡ଼ିକ ସହ ଉପଯୁକ୍ତ କ୍ୱାରେନଟାଇନ୍ ସୁବିଧାର ବ୍ୟବସ୍ଥା କରାଯାଇଛି । ଷ୍ଟାଫ୍ ମାନେ ଯେପରି କ୍ୱାରେଟାଇନ୍ ସୁବିଧା କେନ୍ଦ୍ରରେ ରହଣି ସମୟରେ କୌଣସି ଅସୁବିଧା ଅନୁଭବ ନକରିବା ନିମନ୍ତେ ଉପଯୁକ୍ତ ସ୍ୱାସ୍ଥ୍ୟକର ଓ ସାନିଟାଇଜେସନ୍ ସୁବିଧା ସହିତ ସମସ୍ତ ଆବଶ୍ୟକୀୟ ନିତ୍ୟବ୍ୟବହାର୍ଯ୍ୟ ବ୍ୟବସ୍ଥା ପୂର୍ବ ତଟ ରେଳପଥ ପକ୍ଷରୁ କରାଯାଇଛି । ଯଦି ଅନ୍‌ବୋର୍ଡ଼ କର୍ମଚାରୀଙ୍କ ଠାରେ କୌଣସି ପ୍ରକାର ଲକ୍ଷଣ ଦେଖାଯାଏ, ତେବେ ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଉଛି ଏବଂ ସମସ୍ତ ପ୍ରକାର ଡ଼ାକ୍ତରୀ ଯତ୍ନ ଯୋଗାଇଦିଆଯାଉଛି । ପୂର୍ବ ତଟ ରେଳପଥ ରାଜ୍ୟ ସରକାରଙ୍କ ସହିତ ଅନବରତ ରୂପେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଅଛି ଏବଂ ଉତମ ଡ଼ାକ୍ତରୀ ଯତ୍ନ ଯୋଗାଇବା ସହିତ ସଂକ୍ରମଣର ବ୍ୟାପିବା ରୋକିବା ନିମନ୍ତେ ସମସ୍ତ ଉପଦେଶକୁ ପାଳନ କରୁଛି । କର୍ମଚାରୀ ମାନଙ୍କ ମଧ୍ୟରେ ସଚେତନତା ନିମନ୍ତେ ସେମାନଙ୍କୁ ସମସ୍ତ ପ୍ରକାର ସତର୍କତାର ନିୟମାବଳି ଓ ମାର୍ଗଦର୍ଶିକା ଦିଆଯାଇ ସେଥିରେ ଥିବା ନିୟମକୁ ପାଳନ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ଭାରତ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ ପୂର୍ବ ତଟ ରେଳପଥ ରେଳବାଇ ପରିସରରେ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ପଦକ୍ଷେପକୁ ବ୍ୟାପକ କରିଛି । କୋଭିଡ୍ - ୧୯ ରୋଗର ସଂକ୍ରମଣକୁ ରୋକିବା ନିମନ୍ତେ ବିଭିନ୍ନ ଷ୍ଟେସନ, ଟ୍ରେନ୍ ଓ ଷ୍ଟେସନର ସର୍କୁଲେଟିଂ ଅ ଳ ତଥା ପ୍ଲାଟ୍‌ଫର୍ମ ମାନଙ୍କରେ ସ୍ୱଚ୍ଛତାର ଆଚାର ସଂହିତା ପାଳନ କରାଯାଉଛି । ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ରେଲ୍‌ୱେ ପରିସର ଗୁଡ଼ିକରେ ମଧ ସାନିଟାଇଜେସନ୍‌ର ବ୍ୟବସ୍ଥା କରାଯାଉଛି । ଭୁବନେଶ୍ୱର ଷ୍ଟେସନ ସହିତ ବିଭିନ୍ନ ଷ୍ଟେସନ ମାନଙ୍କରେ ନିଃଶୁଳ୍କ ସାନିଟାଇଜର୍ ଡ଼ିସ୍‌ପେନ୍‌ସର୍ ମେସିନ୍ ଗୁଡ଼ିକର ସ୍ଥାପନା କରାଯାଇଛି । ଯାତ୍ରୀ ଓ କର୍ମଚାରୀ ମାନଙ୍କର ଶରୀରର ତାପମାତ୍ରାକୁ ପରୀକ୍ଷା କରିବା ନିମନ୍ତେ ଭୁବନେଶ୍ୱର ଓ ବିଶାଖାପାଟଣା ଷ୍ଟେସନ ଗୁଡ଼ିକ ସହିତ ବିଭିନ୍ନ ସ୍ଥାନରେ ଆର୍ଟିଫିସିଆଲ୍ ଇଲେଜେନ୍ସ ଭିତିକ ଥର୍ମାଲ୍ ସ୍କାନିଂ ବଡ଼ି ଇମେଜିଂ କ୍ୟାମେରା ଗୁଡ଼ିକର ସ୍ଥାପନା କରାଯାଇଛି । ଏହି ବିଶ୍ୱମହାମାରୀ ସମୟରେ ଆମ ସମାଜର ଓ ଆମ ପରିବାରର କଲ୍ୟାଣ ନିମନ୍ତେ ଆମ୍ଭେମାନେ ଦାୟୀତ୍ୱବାନ ହେବା ସହିତ ଟ୍ରେନ୍ ଯାତ୍ରା ସମୟରେ ଦାୟୀତ୍ୱବାନ ହୋଇ ମାର୍ଗଦର୍ଶିକାକୁ ପାଳନ କରିବା ନିମନ୍ତେ ପୂର୍ବ ତଟ ରେଳପଥ ଏହାର ସମସ୍ତ ଯାତ୍ରୀ ଓ ରେଳ ବ୍ୟବହାରକାରୀ ମାନଙ୍କୁ ନିବେଦନ କରୁଛି ।

# ଯୋଗାଣ ବିଭାଗର ଦୁର୍ନିତୀ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ ଚିତ୍ତ ଷଡଙ୍ଗୀ

ନୀଳଗିରି,୨୩।୬ (ନି.ପ୍ର): ରାଜ୍ୟ ସରକାର ସ୍ୱଚ୍ଛ ଓ ନିର୍ମଳ ଶାସନର ଡିଣ୍ଡିମ ପିଟୁଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଯୋଗାଣ ବିଭାଗରେ ଦୁର୍ନିତୀ କିଭଳି ଚରମ ସୀମାରେ ପହଂଚିଛି ତାର ଏକ ନଗ୍ନ ନମୁନା ପ୍ରଦାନ କରିଛନ୍ତି ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡଙ୍ଗୀ । ଏ ବିଷୟରେ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଏହାର ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି ଶ୍ରୀ ଷଡଙ୍ଗୀ । ମହାମାରୀ କରୋନା ସମୟରେ ରାଜ୍ୟ ତଥା କେନ୍ଦ୍ର ସରକାର ଗରିବ ଖଟିଖିଆ ଜନସାଧାରଣ ମାନଙ୍କ ଆର୍ଥିକ ଅବସ୍ଥାକୁ ଲକ୍ଷ୍ୟ କରି ତିନି ମାସର ଆଗୁଆ ରାସନ ଯୋଗାଇ ଦେଇଥିଲେ । ସେତେବେଳେ ସମସ୍ତ ରାସନ କାର୍ଡଧାରୀ ମାନେ ରାସନ ନେଇଥିବାର ସରକାରୀ ନଥିପତ୍ରରେ ଉଲ୍ଲେଖ ରହିଛି । ମାତ୍ର ଯେତେବେଳେ ରାସନକାର୍ଡ ପିଛା ୧ ହଜାର ଟଙ୍କା ଲେଖାଁଏ ଆର୍ଥିକ ସାହାଯ୍ୟ ବାଂଟିବା ପାଇଁ ସରକାର ଅର୍ଥ ପ୍ରଦାନ କଲେ ସେତେବେଳେ ବାଲେଶ୍ୱର ଜିଲ୍ଲାର ବ୍ଲକ ୱାରୀ ପାଖାପାଖି ୫ ହଜାର ୪ ଜଣ କାର୍ଡଧାରୀଙ୍କ ଦେଖାନଥିଲା । ଏହି ଟଙ୍କା ପାଇଁ କୌଣସି ହିତାଧିକାରୀ ନଥିବାରୁ ଏତେ ସଂଖ୍ୟକ କାର୍ଡରେ କେଉଁମାନେ ଚାଉଳ ବା ରାସନ ଉଠାଇଥିଲେ ତାହାର ଭିଜିଲାନ୍ସ ତଦନ୍ତ କରାଯାଇ ବ୍ୟାପକ ଦୁର୍ନିତୀ ହୋଇଥିବା ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରୀ ଷଡଙ୍ଗୀ । ଏତଦ୍‌ଭିନ୍ନ ଶ୍ରୀ ଷଡଙ୍ଗୀଙ୍କ ଖରିଫ୍ ଋତୁରେ ଧାନ ବିକ୍ରି କରିବା ପାଇଁ ତାଲିକା ଭୁକ୍ତ କରାନଯାଇ ରବି ଋତୁରେ ୯୬ କ୍ୱିଂଟାଲ ଧାନ ବିକ୍ରି କିରବା ପାଇଁ ଗତ ୧୯/୬/୨୦୨୦ ରିଖ ରାତ୍ର ୭.୪୪ମିନିଟ ସମୟରେ ଏକ ମୋବାଇଲ ମେସେଜ ଆସିଥିଲା , ପରଦିନ ଅର୍ଥାତ ୨୦/୦୬/୨୦୨୦ ସକାଳ ୭ ଘଟିକାରୁ ୯ ଘଟିକା ମଧରେ ଧାନ ଲ୍ୟାମ୍ପରେ ବିକ୍ରି କରିବା ପାଇଁ ମେସେଜ ଥିଲା । ମାତ୍ର ବିଡମ୍ବନାର ବିଷୟ ୨୦ ତାରିଖ ରାଜ୍ୟ ସରକାରଙ୍କ ଦ୍ୱାର ସଟଡାଉନଥିବା କାରଣରୁ ଧାନ ବିକ୍ରୀ କରିବା ସମ୍ଭବ ନଥିଲା । ପ୍ରଶ୍ନଉଠେ ଯେତେବେଳେ ସଟଡାଉନ ଲାଗିଛି ଏଭଳି ସ୍ଥିତିରେ ଧାନ ବିକ୍ରି କରିବା ପାଇଁ ସମୟ ଓ ତାରିଖ ଧାର୍ଯ୍ୟ କରାଗଲା କିପରି ? ନା ତାହା ଜାଣି ଶୁଣି ବିଭାଗ ଧାନ ନ କିଣିବାର ଏହା ଏକ ସୁଚିନ୍ତିତ ଯୋଜନା ଥିବା ବୋଲି ଶ୍ରୀ ଷଡଙ୍ଗୀ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠିଲେଖି ଜଣାଇଛନ୍ତି ।

## କୋଭିଡ-୧୯ କଠିନ ପରିସ୍ଥିତିରେ ମଧ ସମସ୍ତ ଆଇସିଡିଏସ ପ୍ରକଳ୍ପରେ ଛତୁଆ ମିଶ୍ରଣ

ଭୁବନେଶ୍ୱର,୨୩।୬ (ନି.ପ୍ର): କୋଭିଡ-୧୯ର କଠିନ ପରିସ୍ଥିତି ଜାରି ରହିଥିଲେ ମଧ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ନିର୍ଦ୍ଦିଷ୍ଟ ଦିଗରେ ଛତୁଆ ମିଶ୍ରଣ କାର୍ଯ୍ୟକ୍ରମରେ ଆଜି ରାଜ୍ୟର ସମସ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ(ଆଇସିଡିଏସ୍)ରେ ଛତୁଆ ମିଶ୍ରଣ କରାଯାଇଛି । ଏହି ମିଶ୍ରଣ ସମୟରେ କୋଭିଡ୍-୧୯ର ସମସ୍ତ ନିୟମାବଳୀକୁ ଅନୁପାଳନ କରାଯିବା ସହ ବିଶୋଧନ ଏବଂ ସ୍ୱଚ୍ଛତା ପ୍ରତି ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସାମାଜିକ ଦୂରତ୍ୱ ରକ୍ଷା କରି ଛତୁଆ ମିଶ୍ରଣ କରିଥିଲେ । ପ୍ରକାଶଥାଉ କି, ଗର୍ଭବତୀ ଓ ପ୍ରସୂତୀ ମହିଳା ଏବଂ ଶିଶୁମାନଙ୍କର ସମନ୍ୱିତ ପୁଷ୍ଟିସାଧନ ନିମନ୍ତେ ପ୍ରତ୍ୟେକ ମାସରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶୁଖିଲା ଖାଦ୍ୟ ଭାବେ ଛତୁଆ, ଚିକି, ଲଡୁ ଆଦି ବଂଟନ କରାଯାଉଛି । ଛତୁଆ ପ୍ରସ୍ତୁତି ଏବଂ ବଂଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ନିମନ୍ତେ ଏବେ ପ୍ରତି ମାସର ୨୩ ତାରିଖରେ ଛତୁଆ ମିଶ୍ରଣ କରାଯାଇ ୧ ତାରିଖରେ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ବଂଟନ କରାଯାଉଛି । ଏହାଦ୍ୱାରା ଛତୁଆ ମିଶ୍ରଣର ଗୁଣାତ୍ମକ ମାନ ବଜାୟ ରଖାଯିବା ସହ ବଂଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇପାରିଛି । ରାଜ୍ୟର ପ୍ରାୟ ୪୨ ଲକ୍ଷ ଗର୍ଭବତୀ, ପ୍ରସୂତି ଏବଂ ଶିଶୁ ଏହାଦ୍ୱାରା ଉପକୃତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ବିଭିନ୍ନ ଜିଲ୍ଲାର ଉପଜିଲ୍ଲାପାଳ, ବିଡିଓ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରି ଏହି ମିଶ୍ରଣ ପ୍ରକ୍ରିୟା ତଦାରଖ କରିଥିଲେ ।

## କୋଭିଡ଼-୧୯ ଲଢ଼େଇ ପାଇଁ ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡରୁ ୫୦,୦୦୦ ଭାରତୀୟ ତିଆରି ଭେଂଟିଲେଟର ଦିଆଯିବ

ନୂଆଦିଲ୍ଲୀ,୨୩।୬ (ନି.ପ୍ର): ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡ ଟ୍ରଷ୍ଟରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ପାଇଁ ସରକାରଙ୍କ କୋଭିଡ଼ ହସ୍ପିଟାଲକୁ ୫୦ ହଜାର ମେଡ଼ ଇନ୍ ଇଣ୍ଡିଆ ଭେଂଟିଲେଟର ଯୋଗାଇ ଦିଆଯିବ । ଏହା ଯୋଗାଇବା ପାଇଁ ୨ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହା ବାଦ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ୫୦ ହଜାର ଭେଂଟିଲେଟର ମଧ୍ୟରୁ ୩୦ ହଜାର ଭେଂଟିଲେଟର ଏ.ଏସ. ଭାରତ ଇଲେକ୍‌ଟ୍ରୋନିକ୍ସ ଲିମିଟେଡ଼ ଦ୍ୱାରା ତିଆରି ଚାଲିଛି । ବାକି ୨୦ ହଜାର ଭେଂଟିଲେଟର ଆଗ୍ୱା ହେଲଥ କେୟାର (୧୦, ୦୦୦), ଏଏମଟୀଜେଡ଼ ବେସିକ (୫,୬୫୦), ଏଏମଟୀଜେଡ଼ ହାଇ ଏଣ୍ଡ (୪,୦୦୦) ଏବଂ ଏଲାଏଡ଼ ମେଡ଼ିକାଲ (୩୫୦) ଦ୍ୱାରା ତିଆରି କରାଯାଉଛି । ଏବେ ସୁଦ୍ଧା ୨,୯୨୩ ଭେଂଟିଲେଟର ତିଆରି ସରିଛି, ଯାହା କି ୧୩୪୦ ଭେଂଟିଲେଟର ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳକୁ ଦିଆଯାଇଛି । ଭେଂଟିଲେଟର ପାଇଥିବା ପ୍ରମୁଖ ରାଜ୍ୟରେ ଅଛନ୍ତି ମହାରାଷ୍ଟ୍ର (୨୭୫), ଦିଲ୍ଲୀ (୨୭୫), ଗୁଜୁରାଟ (୧୭୫), ବିହାର (୧୦୦), କର୍ଣ୍ଣାଟକ (୯୦), ରାଜସ୍ଥାନ (୭୫) । ଜୁନ ୨୦୨୦ ଶେଷ ସୁଦ୍ଧା ସମସ୍ତ ରାଜ୍ୟ/କେନ୍ଦ୍ର ଶାସିତ ଅଂଚଳରେ ଆଉ ୧୪୦୦୦ ଭେଂଟିଲେଟର ଯୋଗାଇ ଦିଆଯିବ । ଏହାବାଦ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ରାଜ୍ୟ ମାନଙ୍କୁ ୧୦୦୦ କୋଟି ଟଙ୍କା ପୂର୍ବରୁ ଦିଆଯାଇଛି । ସମସ୍ତ ରାଜ୍ୟକୁ ୨୦୧୧ ଜନସଂଖ୍ୟା ଅନୁସାରେ ୫୦ ପ୍ରତିଶତ, ପଜିଟିଭ କୋଭିଡ଼-୧୯ ମାମାଲାକୁ ନେଇ ୪୦ ପ୍ରତିଶତ ଏବଂ ଅନ୍ୟ ସମସ୍ତଙ୍କୁ ୧୦ ପ୍ରତିଶତ ବିତରଣ କରାଯାଇଛି । ସହାୟତା ପାଇଁ ପ୍ରବାସୀଙ୍କୁ ଆଶ୍ରୟ, ଖାଇବା, ଚିକିତ୍ସା ଖର୍ଚ୍ଚ ଏବଂ ପରିବହନ ବ୍ୟବସ୍ଥାରେ ଉପଯୋଗ କରାଯିବ । ମହାରାଷ୍ଟ୍ର ୧୮୧ କୋଟି ଟଙ୍କା, ଉତର ପ୍ରଦେଶ ୧୦୩ କୋଟି ଟଙ୍କା, ତାମିଲନାଡୁ ୮୩ କୋଟି ଟଙ୍କା, ଗୁଜୁରାଟ ୬୬କୋଟି ଟଙ୍କା, ଦିଲ୍ଲୀ ୫୫ କୋଟି ଟଙ୍କା, ପଶ୍ଚିମବଙ୍ଗ ୫୩ କୋଟି ଟଙ୍କା, ବିହାର ୫୧ କୋଟି ଟଙ୍କା, ମଧ୍ୟ ପ୍ରଦେଶ ୫୦ କୋଟି ଟଙ୍କା, ରାଜସ୍ଥାନ ୫୦କୋଟି ଟଙ୍କା ଏବଂ କର୍ଣ୍ଣାଟକ ୩୪ କୋଟି ଟଙ୍କା ହାସଲ କରିଛନ୍ତି ।


## କେନ୍ଦ୍ରାପଡାର ବିଭିନ୍ନ ସଂଗରୋଧ କେନ୍ଦ୍ରକୁ ବୁଲି ଦେଖିଲେ ଗଣେଶ୍ୱର ବେହେରା

କେନ୍ଦ୍ରାପଡ଼ା,୨୩।୬ (ନି.ପ୍ର): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧୋୟା ଅଂଚଳର ୭ଗୋଟି ପଂଚାୟତରେ ଥିବା ୧୪ଟି ସଂଗରୋଧ କେନ୍ଦ୍ରକୁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବୁଲି ଦେଖିବା ସହିତ ପ୍ରବାସୀ ମାନଙ୍କ ସହିତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଅଲପୁଆ ଅମୃତମଣୋହି, ତରଡିପାଳ, ପେଣୁପାଳ, ସିଂହଗାଁ, ଅଣ୍ଡରା, ବଲୁରିଆ ଇତ୍ୟାଦି ଗ୍ରାମ ପଂଚାୟତରେ ଥିବା ଏହି ସଂଗରୋଧ କେନ୍ଦ୍ର ଗୁଡିକୁ ଗ୍ରସ୍ତ କରିବା ସମୟରେ ଶ୍ରୀକାନ୍ତ ସାମଲ, କୈଳାସ ସେଠୀ, କୂଳମଣୀ ମଲ୍ଲିକ, ସରପଂଚ ଚିତ ରଞ୍ଜନ ସାହାଣୀ, କାଙ୍ଗାଳୀ ସେଠୀ, ନଳିତନ୍ଦୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଗସ୍ତ ସମୟରେ ବିଭିନ୍ନ ସଂଗରୋଧ କେନ୍ଦ୍ରର ଅନ୍ତେବାସୀ ମାନେ ନିଜ ନିଜର ନମୁନା ପରୀକ୍ଷା କରିବା ପାଇଁ ଦାବି କରିଥିଲେ ।

## ଟ୍ରେନ୍ କୋଚ୍ ସାନିଟାଇଜ୍ ସହ କାର୍ଯ୍ୟରତ କର୍ମଚାରୀମାନଙ୍କୁ ପିପିଇ ଯୋଗାଉଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୩।୬ (ନି.ପ୍ର): ଲକ୍‌ଡ଼ାଉନ୍ ଏବଂ କୋଭିଡ୍-୧୯ ର ପ୍ରକୋପ ସତ୍ତ୍ୱେ ରେଳ ମନ୍ତ୍ରଣାଳୟ ସମଗ୍ର ଦେଶରେ ଅତ୍ୟାବଶ୍ୟକ ସେବାର ପରିବହନ ଅବ୍ୟାହତ ରଖିଛି । ଏହି ଟ୍ରେନ୍ ଗୁଡ଼ିକର ସେବାରେ ସାମିଲ ଥିବା କର୍ମଚାରୀମାନଙ୍କ ସୁରକ୍ଷା ନିମନ୍ତେ ପୂର୍ବ ତଟ ରେଳପଥ ଅନେକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣକରିଛି । ଅନ୍‌ବୋର୍ଡ଼ କର୍ମଚାରୀ ମାନଙ୍କୁ ବାରମ୍ବାର ସାନିଟାଇଜର୍ ଦ୍ୱାରା ହାତ ଧୋଇବା ବ୍ୟତୀତ ସେମାନଙ୍କର ଶରୀରକୁ ସୁରକ୍ଷିତ ରଖିବା ପାଇଁ ରେଳପଥ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫେସ୍ ମାସ୍କ, ଫେସ୍ ସିଲ୍, ହ୍ୟାଣ୍ଡ୍ ଗ୍ଲୋବ୍‌ସ, ଜୋତା କୁ ବ୍ୟବହାର କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ସେମାନଙ୍କୁ ମଧ କର୍ତବ୍ୟପାଳନ ସମୟରେ ସଦାବେଳେ ସତର୍କ ରହିବା ସହିତ ଯଥାସମ୍ଭବ ଦୂରତ୍ୱ ରକ୍ଷା କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । କୋଚ୍ ଗୁଡ଼ିକର ସାନିଟାଇଜେସନ୍ ସମୟରେ ହାଉସ୍‌କିପିଂ ଷ୍ଟାଫ୍ ମାନେ ବର୍ଥ, ଚଟାଣ, ଟଏଲେଟ୍ ଇତ୍ୟାଦି ସଫାକରିବା ସମୟରେ ଭଲରୂପେ ଡ଼ିସ୍‌ଇନ୍‌ଫେକ୍‌ଟାଂଟ୍ ବ୍ୟବହାର କରୁଛନ୍ତି । ଲୋକୋ କ୍ୟାବିନ୍ ଓ ଗାର୍ଡ଼ ଭ୍ୟାନ୍ ଗୁଡ଼ିକ ମଧ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଭଲଭାବେ ସାନିଟାଇଜ୍ କରାଯାଉଛି । ଏହା ବ୍ୟତୀତ କର୍ମଚାରୀ ମାନଙ୍କର ଡ୍ୟୁଟି ସମ୍ପୂର୍ଣ୍ଣ ହେବା ପରେ ସେମାନଙ୍କ ପାଇଁ କ୍ୱାରେଂଟାଇନ୍ କୋଚ୍ ଗୁଡ଼ିକ ସହ ଉପଯୁକ୍ତ କ୍ୱାରେଂଟାଇନ୍ ସୁବିଧାର ବ୍ୟବସ୍ଥା କରାଯାଇଛି । ଷ୍ଟାଫ୍ ମାନେ ଯେପରି କ୍ୱାରେଣ୍ଟାଇନ୍ ସୁବିଧା କେନ୍ଦ୍ରରେ ରହଣି ସମୟରେ କୌଣସି ଅସୁବିଧା ଅନୁଭବ ନକରିବା ନିମନ୍ତେ ଉପଯୁକ୍ତ ସ୍ୱାସ୍ଥ୍ୟକର ଓ ସାନିଟାଇଜେସନ୍ ସୁବିଧା ସହିତ ସମସ୍ତ ଆବଶ୍ୟକୀୟ ନିତ୍ୟବ୍ୟବହାର୍ଯ୍ୟ ବ୍ୟବସ୍ଥା ପୂର୍ବ ତଟ ରେଳପଥ ପକ୍ଷରୁ କରାଯାଇଛି । ଯଦି ଅନ୍‌ବୋର୍ଡ଼ କର୍ମଚାରୀଙ୍କ ଠାରେ କୌଣସି ପ୍ରକାର ଲକ୍ଷଣ ଦେଖାଯାଏ, ତେବେ ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଉଛି ଏବଂ ସମସ୍ତ ପ୍ରକାର ଡ଼ାକ୍ତରୀ ଯତ୍ନ ଯୋଗାଇଦିଆଯାଉଛି । ପୂର୍ବ ତଟ ରେଳପଥ ରାଜ୍ୟ ସରକାରଙ୍କ ସହିତ ଅନବରତ ରୂପେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଅଛି ଏବଂ ଉତ୍ତମ ଡ଼ାକ୍ତରୀ ଯତ୍ନ ଯୋଗାଇବା ସହିତ ସଂକ୍ରମଣର ବ୍ୟାପିବା ରୋକିବା ନିମନ୍ତେ ସମସ୍ତ ଉପଦେଶକୁ ପାଳନ କରୁଛି । କର୍ମଚାରୀ ମାନଙ୍କ ମଧରେ ସଚେତନତା ନିମନ୍ତେ ସେମାନଙ୍କୁ ସମସ୍ତ ପ୍ରକାର ସତର୍କତାର ନିୟମାବଳି ଓ ମାର୍ଗଦର୍ଶିକା ଦିଆଯାଇ ସେଥିରେ ଥିବା ନିୟମକୁ ପାଳନ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ଭାରତ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ ପୂର୍ବ ତଟ ରେଳପଥ ରେଳବାଇ ପରିସରରେ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ପଦକ୍ଷେପ କୁ ବ୍ୟାପକ କରିଛି । କୋଭିଡ୍ - ୧୯ ରୋଗର ସଂକ୍ରମଣକୁ ରୋକିବା ନିମନ୍ତେ ବିଭିନ୍ନ ଷ୍ଟେସନ, ଟ୍ରେନ୍ ଓ ଷ୍ଟେସନର ସର୍କୁଲେଟିଂ ଅଂଚଳ ତଥା ପ୍ଲାଟ୍‌ଫର୍ମ ମାନଙ୍କରେ ସ୍ୱଚ୍ଛତାର ଆଚାର ସଂହିତା ପାଳନ କରାଯାଉଛି । ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ରେଲ୍‌ୱେ ପରିସର ଗୁଡ଼ିକରେ ମଧ ସାନିଟାଇଜେସନ୍‌ର ବ୍ୟବସ୍ଥା କରାଯାଉଛି । ଭୁବନେଶ୍ୱର ଷ୍ଟେସନ ସହିତ ବିଭିନ୍ନ ଷ୍ଟେସନ ମାନଙ୍କରେ ନିଃଶୁଳ୍କ ସାନିଟାଇଜର୍ ଡ଼ିସ୍‌ପେନ୍‌ସର୍ ମେସିନ୍ ଗୁଡ଼ିକର ସ୍ଥାପନା କରାଯାଇଛି । ଯାତ୍ରୀ ଓ କର୍ମଚାରୀ ମାନଙ୍କର ଶରୀରର ତାପମାତ୍ରାକୁ ପରୀକ୍ଷା କରିବା ନିମନ୍ତେ ଭୁବନେଶ୍ୱର ଓ ବିଶାଖାପାଟଣା ଷ୍ଟେସନ ଗୁଡ଼ିକ ସହିତ ବିଭିନ୍ନ ସ୍ଥାନରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଭିତିକ ଥର୍ମାଲ୍ ସ୍କାନିଂ ବଡ଼ି ଇମେଜିଂ କ୍ୟାମେରା ଗୁଡ଼ିକର ସ୍ଥାପନା କରାଯାଇଛି ।

## ଆଇଏନଟିୟୁସି ଯୁବଶାଖା ରାଷ୍ଟ୍ରୀୟ ସମ୍ପାଦକ ହେଲେ 'ଅରଜିତ୍'



ବାଲେଶ୍ୱର,୨୩।୬ (ନି.ପ୍ର): ଭାରତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନଟିୟୁସି) ଯୁବଶାଖାର ରାଷ୍ଟ୍ରୀୟ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିବା ବାଲେଶ୍ୱରର ଯୁବନେତା ଅରଜିତ୍ ଘୋଷାଲଙ୍କ ନିକଟକୁ ଏବେ ଶୁଭେଚ୍ଛାର ସୁଅ ଛୁଟୁଛି । ଯୁବଶାଖା ରାଷ୍ଟ୍ରୀୟ ପ୍ରଭାରୀ ଏହେସାନ୍ ଅହେମଦ୍ ଖାନ୍‌ଙ୍କ ସୁପାରିଶ କ୍ରମେ ରାଷ୍ଟ୍ରୀୟ ସଭାପତି ସ୍ୱାମୀନାଥ ଜୟସ୍ୱାଲ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରିଛନ୍ତି । ସମ୍ପ୍ରତି ଶ୍ରୀ ଘୋଷାଲଙ୍କୁ ପଶ୍ଚିମବଙ୍ଗ ଓ ଆସାମର ରାଜ୍ୟ ଆଇଏନଟିୟୁସି ଯୁବ ପ୍ରଭାରୀ ଦାୟିତ୍ୱ ଦିଆଯାଇଛି । ଛାତ୍ର କଂଗ୍ରେସରୁ ନିଜର ସାଂଗଠନିକ ଜୀବନ ଆରମ୍ଭ କରିଥିବା ଶ୍ରୀ ଘୋଷାଲ ପୂର୍ବରୁ ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇ ନିଜର ଦାୟିତ୍ୱ ବେଶ ସୁଚାରୁରୂପେ ତୁଲାଇଥିଲେ । ଏବେ ସେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଓ ଆଇଏନଟିୟୁସି ରାଜ୍ୟ ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ । ଜଣେ ଯୁବ ସଂଗଠକ ଭାବେ ତାଙ୍କର କାର୍ଯ୍ୟଧାରା ଅନେକଙ୍କୁ ପ୍ରଭାବିତ କରିଥିବା ବେଳେ ଆଇଏନଟିୟୁସିର ଯୁବଶାଖା ରାଷ୍ଟ୍ରୀୟ ସମ୍ପାଦକ ନିଯୁକ୍ତିକୁ ନେଇ ସେ ସନ୍ତୋଷ ପ୍ରକାଶ ସହ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସ୍ୱାମୀନାଥ ଜୟସ୍ୱାଲ ଓ ଏହେସାନ ଅହେମଦ ଖାନ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଆଜି ଦିନ ୨ ଟା ପର୍ଯ୍ୟନ୍ତ ପୁରୀକୁ ଟ୍ରେନ୍ ଓ ବସ୍ ଚଳାଚଳ ବନ୍ଦ

ଭୁବନେଶ୍ୱର,୨୩।୬ (ନି.ପ୍ର): ରଥଯାତ୍ରା ପରିପ୍ରେକ୍ଷୀରେ ୨୪ ତାରିଖ ଅପରାହ୍ଣ ୨ଟା ପର୍ଯ୍ୟନ୍ତ କୌଣସି ଯାତ୍ରୀବାହୀ ଟ୍ରେନ୍, ସରକାରୀ ଏବଂ ଘରୋଇ ବସ ପୁରୀ ଜିଲ୍ଲାକୁ ପ୍ରବେଶ କରିବାକୁ ଅନୁମତି ମିଳିବ ନାହିଁ । କେବଳ ରଥଯାତ୍ରା ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ, ପୋଲିସ ଏବଂ ଅତ୍ୟାବଶ୍ୟକ ସେବା ପାଇଁ ବ୍ୟବହୃତ ଯାନଗୁଡ଼ିକ ଏହି ସମୟ ମଧ୍ୟରେ ପୁରୀକୁ ଯାତାୟତ କରିପାରିବେ । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ତରଫରୁ ଏ ସଂପର୍କିତ ନିର୍ଦ୍ଦେଶନାମା ଜାରି କରାଯାଇଛି ।

### ନୀଳଗିରି ରଥଯାତ୍ରା...

ନେବାକୁ ଅଡି ବସିଛନ୍ତି ଜଗନ୍ନାଥ ମନ୍ଦିରର ସେବାୟତ , ଘଂଟୁଆ ଓ ପୂଜକମାନେ । ମନ୍ଦିର ପରିସରରେ ୧୪୪ ଧାରା ସତ୍ତ୍ୱେ ମନ୍ଦିର ମୁଖଶାଳା ଆଗରେ ସେବାୟତ , ଘଂଟୁଆ ଓ ପୂଜକ ମାନେ ଧାରଣା ଦେଇଛନ୍ତି । ଯେ ପର୍ଯ୍ୟନ୍ତ ପ୍ରଶାସନ ପହଣ୍ଡି କରି ତିନି ଠାକୁରଙ୍କୁ ମାଉସୀ ମା ମନ୍ଦିରକୁ ଯିବା ପାଇଁ ଅନୁମତି ନ ଦେଇଛନ୍ତି ସେ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ହରିବନ୍ଧୁ କର, ଯୋଗେନ୍ଦ୍ର ନାରାୟଣ ମିଶ୍ର, ବିରେଶ ଶତପଥି, ରବିନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା,ବ୍ରହ୍ମା ହରିନାରାୟଣ ନନ୍ଦ ପ୍ରହରାଜ ,ବ୍ରହ୍ମା ସରୋଜ କୁମାର ନନ୍ଦ, ମୃତ୍ୟୁଞ୍ଜୟ କର, ଯୋଗେଶ୍ୱର ମହାନ୍ତି, ନବକିଶୋର ପରିଚ୍ଛା, ଶିବରଂଜନ ଦାଶ ବାବୁ, ପ୍ରଶାନ୍ତ ଗୋଚ୍ଛାୟତ, ବିପ୍ଳବ ଜେନା, ଭାଗୀରଥି ମହାନ୍ତି, ସୁବାଶିଷ ମହାପାତ୍ର, ବାବୁଲି ପାତ୍ର, ସରୋଜ କୁମାର ଦାସ, ସଦାଶିବ ଚଣ୍ଡ , ଅସୀମ ମୃଦୁଲୀ , ସଂଚିତ କୁମାର ଆଚାର୍ଯ୍ୟ, ରାଜକୁମାର ମହାନ୍ତି, ସତ୍ୟବ୍ରତ ମହାଳିକ, ଯୋଗଦେବ ଖିଲାର ପ୍ରମୁଖ ଧାରଣା ଦେଇଛନ୍ତି ।ଖବର ପାଇ ଘଟଣାସ୍ଥଳରେ ଠାକୁର ମାହାଲ ନିର୍ବାହୀ ଅଧିକାରୀ ରତନକୁମାର ପଟ୍ଟନାୟକ, ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନା ବୁଝା ସୁଝା କରିଥିଲେ ସୁଦ୍ଧା ପୂଜକ ସେବାୟତ ମାନେ ନିଜ ଜିଦରେ ଅଟଳ ରହିଛନ୍ତି । ପୂର୍ବାହ୍ନ ପ୍ରାୟ ୧୧ ଘଟିକା ସମୟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ ନେତୃତ୍ୱରେ ପୂଜକ ହରିବନ୍ଧୁ କର, ବ୍ରାହ୍ମାସରୋଜ କୁମାର ନନ୍ଦ, ବ୍ରାହ୍ମା ପୂର୍ଣ୍ଣଶ୍ଲୋକ ନନ୍ଦ ପ୍ରମୁଖ ଏକ ଟିମ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ନିବେଦନ କରିଥିଲେ । ମାତ୍ର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପାରିବେ ନାହିଁ ବୋଲି ଜିଲ୍ଲାପାଳ ରୋକଠକ ମନା କରିବା ପରେ ସେବାୟତ , ପୂଜକ ଓ ଘଂଟୁଆ ନିଜ ଜିଦରେ ଧାରଣା ଜାରି ରଖିଛନ୍ତି । ଘଟଣା ସମ୍ପର୍କରେ ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନାଙ୍କୁ ପଚାରିବାରୁ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରତ୍ନବେଦୀରୁ ଜନ୍ମବେଦୀକୁ ....

ରଥଯାତ୍ରା ଶାନ୍ତିପୂର୍ଣ୍ଣଭାବେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ । ଗତକାଲି ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ତିନିରଥ ସିଂହଦ୍ୱାରରେ ଦକ୍ଷିଣମୋଡ ହୋଇ ରହିଥିଲା । ମଙ୍ଗଳବାର ଭୋର୍ ୪ଟା୨୪ରେ ମଙ୍ଗଳଆଳତି ଆରମ୍ଭ ହୋଇ ପରେ ପରେ ମଇଲମ, ତଡପଲାଗି, ରୋଷହୋମ, ଅବକାଶ ପରେ ୫ଟା୨୦ ସୂର୍ଯ୍ୟପୂଜା କରାଯାଇଥିଲା । ସକାଳ ୫ଟା୩୫ରେ ଦ୍ୱାରପାଳ ପୂଜା ହୋଇ ବେଶ ଶେଷ ହୋଇଥିଲା । ସକାଳ ୬ଟା୪୫ରେ ଗୋପାଳ ବଲ୍ଲଭ ଭୋଗ, ସକାଳ ଧୂପରେ ଖେଚୁଡି ଭୋଗ କରାଯାଇଥିଲା । ପ୍ରଭୁ ଯାତ୍ରାରେ ଯାଉଥିବାରୁ ସୈନିକ ପରି ସେନାପଟା ଲାଗି ହେବା ସହ ତରବରରେ ଖେଚୁଡି ଭୋଗ ପାଇ ବାହାରିଥିଲେ । ୬ଟା ୩୫ରେ ଶ୍ରୀମନ୍ଦିର ପୁରୋହିତ ଓ ସ୍ରୋତୀୟ ବ୍ରାହ୍ମଣମାନେ ତିନିରଥକୁ ପ୍ରତିଷ୍ଠା କରିଥିଲେ । ୭ଟା ୧୫ରେ ରତ୍ନସିଂହାସନ ଉପରେ ମଙ୍ଗଳାର୍ପଣ ହେବା ସହ ୭ଟା୨୫ରେ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ଶ୍ରୀସୁଦର୍ଶନ ପରେ ପରେ ଶ୍ରୀବଳଭଦ୍ର, ମା ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କୁ ସେବାୟତମାନେ ଧାଡି ପହଣ୍ଡିରେ ଆଣି ରଥାରୂଢ କରିଥିଲେ । ପହଣ୍ଡିର ସବୁଠାରୁ ଆକର୍ଷଣୀୟ ଥିଲା ଟାହିଆ । ଏହି ଟାହିଆକୁ ରାଘବଦାସ ମଠ ପକ୍ଷରୁ ପ୍ରଦାନ କରାଯାଇଥାଏ । ଟାହିଆରେ ଶୀର୍ଷଭାଗରେ ଦୁବ ରହିଥିବା ବେଳେ ଟାହିଆ କାଠିରେ ତୁଳସୀପତ୍ର, ସୁଗନ୍ଧିତ ପୁଷ୍ପ ଓ ସୋଲର ଫୁଲ ସଜା ଯାଇଥିଲା । ଶେଷରେ କାଳିଆଠାକୁର ଟାହିଆ ଲଗାଇ ହଲି ହଲି ଝୁଲି ଝୁଲି ସିଂହଦ୍ୱାର ଅତିକ୍ରମ କରିବା ସମୟରେ ସେବାୟତମାନଙ୍କ ଜୟଜଗନ୍ନାଥ ଧ୍ୱନୀ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା । ସକାଳ ୯ଟା୧୦ରେ ପହଣ୍ଡି ଶେଷ ହୋଇଥିଲା । ପହଣ୍ଡି ସମୟରେ ବେହେରା ଖୁଂଟିଆ ମଣିମା ମଣିମା ଡାକୁଥିବା ଶୁଣାଯାଇଥିଲା । ତିନି ରଥରେ ଚତୁର୍ଦ୍ଧାମୂର୍ତି ବିଜେ କରିବା ପରେ ରୁନ୍ଧା ଯାଇଥିଲେ । ପରେ ପୁଷ୍ପାଳକ ମହାଜନ ମାନେ ମଦନମୋହନଙ୍କୁ ନନ୍ଦିଘୋଷ ରଥ ଓ ରାମକୃଷ୍ଣ ବିଗ୍ରହଙ୍କୁ ତାଳଧ୍ୱଜ ରଥରେ ଅଧିଷ୍ଠିତ କରାଇଥିଲେ । ସ୍ନାନପୂର୍ଣ୍ଣମୀ ଦିନ ପ୍ରଭୁଙ୍କ ମସ୍ତକରୁ ସ୍ୱର୍ଣ୍ଣଚିତା କଢାଯାଇ ରଖାଯାଇଥିଲା । ରଥଯାତ୍ରାରେ ପ୍ରଭୁ ବିଜେ କରିବା ପୂର୍ବରୁ ବଣିଆ ସେବକମାନେ ତିନୋଟି ସୋଲ ଓ ଫୁଲ ଚିତା ଛାଉଣି ମଠରେ ରଖିଥିଲେ । ପରେ ଲାଗି କରାଯାଇଥିଲା । ଗୋବର୍ଦ୍ଧନ ପୀଠର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ତାଙ୍କର ଅଳ୍ପ ସଂଖ୍ୟକ ଅନୁଗାମୀଙ୍କ ସହିତ ଆସି ତିନିରଥ ଉପରେ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କରିଥିଲେ । ଶଙ୍କରାଚାର୍ଯ୍ୟ ମଧ ନିଜ ପାଟରେ ମୁହଁକୁ ଘୋଡାଇ ରଖିଥିଲେ । ପରେ ପରେ ସବୁଠାରୁ ଆକର୍ଷଣୀୟ ନୀତି ଥିଲା ଛେରାପହଁରା । ପ୍ରଭୁ ରଥାରୂଢ ହେବା ପରେ ଶ୍ରୀନଅରକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖବର ଦିଆଯାଇଥିଲା । ଖବର ପାଇ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁସଜ୍ଜିତ ପାଲିଙ୍କି ମେହେନା ବା ତାମଜାନରେ ବସି ରଥ ନିକଟକୁ ଆସିଥିଲେ । ଚନ୍ଦନଘୋରା ପାଣିରେ ଛେରା ପକାଇବା ସହ ସୁବର୍ଣ୍ଣ ପହଁରାରେ ଓଳାଇବା ଯୋଗୁଁ ଏହି ନୀତିକୁ ଛେରାପହଁରା ନୀତି କୁହନ୍ତି । ଗଜପତିଙ୍କ ସହ ରାଜପରିବାର ସଦସ୍ୟ, ରାଜଗୁରୁ, ଲେଙ୍କା, ବେହେରା ଖୁଂଟିଆ, ମେକାପ, ଗରାବଡୁ, ଦେଉଳକରଣ, ମୁଦିରସ୍ତ ଓ ଶ୍ରୀମନ୍ଦିର ପଦାଧିକାରୀମାନେ ସାମିଲ ହୋଇଥିଲେ । ପ୍ରଥମେ ଗରାବଡୁ ସେବକ ଗଜପତିଙ୍କ ହାତକୁ ପାଣି ଦେଇଥିଲେ । ଯାହାକୁ ହାତୁଆଣି କୁହନ୍ତି । ପରେ ପୁଷ୍ପାଞ୍ଜଳି, ସୁବର୍ଣ୍ଣ ଦୀପରେ କର୍ପୂର ଆଳତୀ ଓ ସୁନା ଖଡିକାରେ ରଥ ସଂସ୍କାର କରିଥିଲେ । ଗଜପତି ପ୍ରଥମେ ପ୍ରତି ବିଗ୍ରହଙ୍କୁ ଦର୍ଶନ, ବନ୍ଦାପନା, ଆଳତୀ, ଚାମର ଓ ଆଲର୍ଟ ସେବା ଶେଷ ହେବା ପରେ ପୟମାଳା ଗ୍ରହଣ କରିଥିଲେ । ଗଜପତି ପାରମ୍ପରିକ ରାଜକୀୟ ବେଶରେ ଚୁଡିଦାର କୁର୍ତା ପିନ୍ଧିବା ସହ ଖଣ୍ଡା ଭୂଷଣ ଲଗାଇଥିଲେ । ତିନିରଥ ଛେରାପହଁରା କରିସାରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଗଜପତି କହିଛନ୍ତି, ଏ ବର୍ଷ ରଥଯାତ୍ରା ଐତିହାସିକ । ବିଶ୍ୱର ଜଗନ୍ନାଥ ପ୍ରେମୀ, ଉତ୍କଳ ବାସୀ, ପୁରୀବାସୀ ଓ ସେବାୟତଙ୍କ ପ୍ରାର୍ଥନା ମହାପ୍ରଭୁ ଶୁଣିଲେ । ମହାପ୍ରଭୁ ବଡଦାଣ୍ଡରେ ବିଜେ କଲେ । ବିଶ୍ୱ ମହାମାରୀ କରୋନାକୁ ଅନ୍ତ କରନ୍ତୁ । ଭକ୍ତମାନେ ଟେଲିଭିଜନ ଜରିଆରେ ପ୍ରଭୁଙ୍କୁ ଦେଖି ଅନ୍ତରରେ ଭାବନ୍ତୁ । ସେ ଅନ୍ତର୍ଯ୍ୟାମୀ, ଭକ୍ତର ଅନ୍ତରର କଥାକୁ ବୁଝିପାରିବେ । ପ୍ରଭୁ ବଡଦାଣ୍ଡକୁ ବିଜେକରି ସମସ୍ତ ପ୍ରାଣୀଜଗତଙ୍କ ପାଇଁ ବାସ୍ତବ ଦର୍ଶନ ଦେଇଛନ୍ତି । ପ୍ରଭୁ ଭକ୍ତଙ୍କୁ ଏତେଦିନ ଧରି ପରୀକ୍ଷା କରିବା ପରେ ଶେଷରେ ଭକ୍ତର ଡାକ ଶୁଣିଛନ୍ତି । ଛେରାପହଁରା ପରେ ତିନିରଥରୁ ଚାରମାଳ ଖୋଲାଯାଇଥିଲା । ପ୍ରତି ରଥରେ ୪ଟି ଲେଖାଏଁ ଅଶ୍ୱ ଯୋଚା ଯାଇଥିଲା । ତିନି ରଥରେ ତିନୋଟି ସାରଥୀ ବସିଥିଲେ । ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରଭୁଙ୍କର ଦୈନନ୍ଦିନ ନୀତି ପାଇଁ ସମସ୍ତ ସାମଗ୍ରୀ ସିନ୍ଧୁକରେ ନିଆଯାଇଥିଲା । ପୂର୍ବାହ୍ନ ୧୧ଟା ୫୫ ମିନିଟରେ ପ୍ରଥମେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଯାଇଥିଲା । ମାନ୍ୟବର କୋର୍ଟଙ୍କ ଆଦେଶ ଅନୁଯାୟୀ ପ୍ରଥମ ରଥ ଟଣା ହେବାର ୧ ଘଂଟା ପରେ ୧୨ଟା ୫୫ରେ ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣାଯାଇଥିଲା । ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ୧ଟା ୫୫ରେ ଟଣା ଯାଇଥିଲା । ତିନି ରଥର ୪୨ଟି ଚକ ଘରଘର ନାଦ କରି ବଡଦାଣ୍ଡରେ ଗଡିବା ପରେ ବଡଦାଣ୍ଡରେ ଥିବା ଭକ୍ତ, ସେବାୟତ ଓ ପୁଲିସ କର୍ମଚାରୀ ଜୟଜଗନ୍ନାଥ ଧ୍ୱନି କରିଥିଲେ । ରଥ ଚାଲିବା ସମୟରେ ଅଳ୍ପ ସଂଖ୍ୟକ ବ୍ୟକ୍ତି ରଥ ଟାଣୁଥିବାରୁ ମଝିରେ ମଝିରେ ରଥ ବାମପାର୍ଶ୍ୱକୁ ମୋଡିହୋଇ ଯାଉଥିବା ଦେଖିବାକୁ ମିଳିଥିଲା । ଅଧିକ ଭକ୍ତ ବଡଦାଣ୍ଡରେ ନଥିବାରୁ ଓ ବଡଦାଣ୍ଡର ଦୁଇପାର୍ଶ୍ୱ ସିଲ୍ ହୋଇଥିବାରୁ ତିନିରଥ ସଂନ୍ଧ୍ୟା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଯାଇ ଲାଗିଥିଲା ।

### ଭାରତ- ଚୀନ୍ ଆଲୋଚନା...

ଆଲୋଚନା କରାଯାଇଥିଲା । ଶେଷରେ ପରସ୍ପର ସହମତି ଭିତିରେ ଲଦାଖ ସୀମାରୁ ସେନା ପ୍ରତ୍ୟାହାର ପାଇଁ ନିଷ୍ପତି ହୋଇଛି ।ଡିସ୍‌ଏନଗେଜ୍ ପାଇଁ ଉଭୟ ଦେଶ ସହମତି ଭିତିରେ ନିଷ୍ପତି ନେଇଛନ୍ତି । ବିଶେଷ କରି ଲଦାଖ ସୀମାରୁ ସେନା ପ୍ରତ୍ୟାହାର ବୁଝାମଣା ଅନୁଯାୟୀ କରାଯିବ । ସେନା ପ୍ରତ୍ୟାହାର ପାଇଁ ନିଷ୍ପତି ହୋଇଥିବା କଥା ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିଲେ ହେଁ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଜୁନ୍ ୧୫ରେ ଉଭୟ ଦେଶର ସେନା ଯବାନଙ୍କ ମଧରେ ଗଲୱାନ ଘାଟିରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା । ଏଥିରେ ଭାରତର ୨୦ ଜଣ ଯବାନ ସହିଦ ହୋଇଥିଲେ । ସେହିପରି ଭାରତର ପାଲଟା ଆକ୍ରମଣରେ ଚାଇନାର ୪୦ରୁ ୫୦ ଜଣ ଯବାନ ନିହତ ହୋଇଥିଲେ ।

### ସମଗ୍ର ବିଶ୍ୱ...

ପୁଣି ସୁଖମୟ ହୋଇ ଉଠିବ । ମହାପ୍ରଭୁଙ୍କ ଇଚ୍ଛା ବିନା ପତ୍ରଟିଏ ବି ହଲିପାରେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଭାବ ବ୍ୟକ୍ତ କରିଛନ୍ତି । କୋଭିଡ୍-୧୯ର ସମସ୍ତ ନିୟମାବଳୀକୁ କଡ଼ାକଡ଼ି ଅନୁପାଳନପୂର୍ବକ ପୁରୀଠାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଅପରାହ୍ଣ ୩.୫୦ ମିନିଟ୍‌ରେ ଗୁଣ୍ଡିଚ୍ଚ ମନ୍ଦିର ନିକଟରେ ପହଂଚିଥିଲା । ସେହିପରି ଦେବୀ ସୁଭଦ୍ରାଙ୍କ ରଥ ଦେବଦଳନ ଏବଂ ଶ୍ରୀଜଗନ୍ନାଥଙ୍କ ରଥ ନନ୍ଦିଘୋଷ ଯଥାକ୍ରମେ ୪.୧୦ ଏବଂ ୫.୧୦ ମିନିଟ୍‌ରେ ଶ୍ରୀଗୁଣ୍ଡିଚ୍ଚ ମନ୍ଦିର ନିକଟରେ ପହଂଚିଥିଲା । ସଂପୂର୍ଣ୍ଣ ଯାତ୍ରା ଶୃଙ୍ଖଳିତ, ବ୍ୟବସ୍ଥିତ ଏବଂ ନୀତିକାନ୍ତିଗୁଡ଼ିକ ଅତ୍ୟନ୍ତ ସୁରୁରୁ ରୂପେ ପାଳନ କରାଯାଇଥିଲା ।

### କରୋନା ଔଷଧ ...

ଏହାକୁ ବାହାର କରିଛି । ସେହିପରି ରାଜସ୍ଥାନର ଜୟପୁର ସ୍ଥିତ ନିମ୍ସ ବିଶ୍ୱବିଦ୍ୟାଳୟରେ ଏହାର କ୍ଲିନିକାଲ ଟ୍ରାଏଲ କରାଯାଇଥିଲା । କ୍ଲିନିକାଲ ଟ୍ରାଏଲରେ ସଫଳତା ମିଳିବାରୁ ଆଜି ଏହାକୁ ଯୋଗ ଗୁରୁ ବାବା ରାମଦେବ ବଜାର ପ୍ରବେଶ ପାଇଁ ବିଧିବଦ୍ଧ ଭାବେ ଅନୁମତି ଦେଇଛନ୍ତି । ଔଷଧର ଲଂଚ ପାଇଁ ହରିଦ୍ୱାର ଠାରେ ଥିବା ପତଞ୍ଜଳୀ ଯୋଗପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପତଞ୍ଜଳୀର ଏହି ଆଂଟି କୋଭିଡ-୧୯ ମେଡିସିନକୁ ଦିବ୍ୟ କରୋନିଲ ଟ୍ୟାବେଲଟ ଭାବେ ମଧ ନାମିତ କରାଯାଇଛି । ଏହାକୁ ତୁଳସୀ, ଅଶ୍ୱଗନ୍ଧା ଓ ଗୁଳୁଚିର ମିଶ୍ରଣରୁ ତିଆରି କରାଯାଇଛି । ଏହାକୁ ଦୈନିକ ୩ଥର ସେବନ କରାଯାଇପାରିବ । ବ୍ରେକଫାଷ୍ଟ, ଲଂଚ ଓ ଡିନରର ୩୦ ମିନିଟ୍ ପରେ ଦୈନିକ ଗରମ ପାଣି ଦ୍ୱାରା ଏହାକୁ ଖାଇବାକୁ କୁହାଯାଇଛି । ଏହି ଔଷଧକୁ ୧୫ରୁ ୮୦ ବର୍ଷ ବୟସ୍କ ଲୋକମାନେ ସେବନ କରିପାରିବେ । ସେହିପରି ଛୋଟ ପିଲାମାନେ ହାଫ ଡୋଜ୍ ଔଷଧ ଖାଇପାରିବେ । ଏହି ଔଷଧକୁ ତିଆରି କରିବା ପାଇଁ ପ୍ରାୟ ୫୦୦ ଜଣ ବୈଜ୍ଞାନିକ ଲାଗିଥିଲେ । ୨୮୨ ଜଣ କରୋନା ରୋଗୀଙ୍କୁ ଏହି ଔଷଧ ଦିଆଯାଇଥିଲା । ସେମାନେ ଏହାକୁ ଖାଇବାର ୫ରୁ ୧୪ ଦିନ ମଧରେ ଶତପ୍ରତିଶତ ସୁସ୍ଥ ହୋଇଥିଲେ ଏବଂ ତାଙ୍କ ରିପୋର୍ଟ ନେଗେଟିଭ ଆସିଥିଲା ।

### କଂଗ୍ରେସ ଭବନରେ...

ତାଙ୍କୁ ବିରୋଧ କରି ଗୋଟିଏ ଗୋଷ୍ଠୀ କଂଗ୍ରେସ ଭବନର ଫାଟକରେ ତାଲା ପକାଇ ଦେଇଥିଲେ । ଅନ୍ୟପକ୍ଷରେ ସ୍ମୃତିଙ୍କ ସମର୍ଥକମାନେ ତାଲା ଭାଙ୍ଗି କଂଗ୍ରେସ ଭବନରେ ପଶିଥିଲେ । ଫଳରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା । ଘଟଣା ସମ୍ପର୍କରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଯାହା ହୋଇଛି ଦୁର୍ଭାଗ୍ୟଜନକ, ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ । ପୂର୍ବ ଯୁବ ସଭାପତିଙ୍କ ମତ ଅନୁସାରେ ନାଁ ସୁପାରିଶ ହୋଇଥିଲା । ଏ ବାବଦରେ ଏଆଇସିସିକୁ ଅବଗତ କରାଯିବ ।

### କରୋନା ସମୟରେ ଉଜ୍ଜଳ...

ଏହି ସଫଳ ଯୋଜନାରେ ଦେଶର ୮ କୋଟି ମହିଳାଙ୍କୁ ଗ୍ୟାସ ଯୋଗାଇଛନ୍ତି । ଜାମ୍ମୁ କାଶ୍ମିରରେ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଗତ ତିନି ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ସାମିଲ କରାଯାଇଛି । ପ୍ରଧାନମନ୍ତ୍ରୀ ମହିଳାଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଦେଶରେ କ୍ଷମତା ଗ୍ରହଣ କରିବା ପରେ ତାଙ୍କ ପ୍ରତି ଲୋକଙ୍କ ଭରସା ବଢିଛି । ସବକା ସାଥ୍ ସବକା ବିକାଶ ଓ ସବକା ବିଶ୍ୱାସର ମନ୍ତ୍ରରେ ପ୍ରଧାନମନ୍ତ୍ରୀ ମୋଦି କାମ କରୁଛନ୍ତି । ଜାମ୍ମୁ କାଶ୍ମୀର ସମେତ ସାରା ଦେଶରେ ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭ ଗରିବମାନେ ହୋଇଛନ୍ତି । ମୋଦି ସରକାର କୃଷକ, ମହିଳା, ଯୁବକ, ଆଦିବାସୀ, ପଛୁଆ ବର୍ଗର ଲୋକଙ୍କ ପାଇଁ ସମର୍ପିତ । ଜାମ୍ମୁ କାଶ୍ମୀର ପାଇଁ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଦେଖିଥିବା ସ୍ୱପ୍ନକୁ ବାସ୍ତବରେ ପରିଣତ କରାଯାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

### ରାଜ୍ୟରେ ଆଉ ୨ ...

୮ ଜଣ ଅଛନ୍ତି । ଖୋର୍ଦ୍ଧା ଜିଲ୍ଲାରୁ ୪ ଜଣ ଥିବା ବେଳେ ପୁରୀରୁ ଜଣେ ଓ ବରଗଡ଼ରୁ ଜଣେ ଅଛନ୍ତି । ସେହିଭଳି ରାଜ୍ୟରେ ଆଉ ୭ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ତେବେ ସେମାନଙ୍କର ଅନ୍ୟାନ୍ୟ କାରଣରୁ ମୃତ୍ୟୁ ଘଟିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ।

## ଭୋପାଳ ସାଂସଦ ସ୍ୱାଧୀ ପ୍ରଜ୍ଞାଙ୍କ ଅଚାନକ ସ୍ୱାସ୍ଥ୍ୟ ଖରାପ - ପାର୍ଟି କାର୍ଯ୍ୟାଳୟରେ ଅଚେତ ହେଲେ

ଭୋପାଳ,୨୩।୬ (ନି.ପ୍ର): ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର ସାଂସଦ ସ୍ୱାଧୀ ପ୍ରଜ୍ଞା ସିଂହ ଠାକୁର ମଙ୍ଗଳବାର ସକାଳେ ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀ ବଳିଦାନ ଦିବସ ପାଇଁ ପାର୍ଟି କାର୍ଯ୍ୟାଳୟରେ ପହଂଚିଥିଲେ । କିନ୍ତୁ ସେଠାରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା ଏବଂ ମୁଣ୍ଡ ବୁଲାଇବାରୁ ଅଚେତ ହୋଇ ତଳେ ପଡ଼ିଯାଇଥିଲେ । ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଭାଜପା ପ୍ରଦେଶ ଅଧ୍ୟକ୍ଷ ବିଡି ଶର୍ମା, ସଂଗଠନ ମହାମନ୍ତ୍ରୀ ସୁହାସ ଭଗତଙ୍କ ସହ ପାର୍ଟିର ଅନେକ ନେତା ଉପସ୍ଥିତ ଥିଲେ । ପାର୍ଟି ନେତା ତାଙ୍କୁ ଉଠାଇ ବାହାରକୁ ଆଣି ଚେୟାରରେ ବସାଇ ପାଣି ପିଆଇଥିଲେ । ଏହା ବାଦ ତାଙ୍କୁ ତାଙ୍କ ଘରେ ପହଂଚାଇ ଦିଆଯାଇଥିଲା । ସେଠାରେ ମେଡ଼ିକାଲ ଟିମ୍ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କୁହାଯାଇଛି ଯେ, ଭୋପାଳସ୍ଥିତ ଭାଜପା ପ୍ରଦେଶ କାର୍ଯ୍ୟାଳୟରେ ମଙ୍ଗଳ ସକାଳେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥି ପାଇଁ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଯାହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ଶିବରାଜ ଙ୍କ ସମେତ ଅନ୍ୟ ବଡ଼ ବଡ଼ ନେତାମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସାମିଲ ପାଇଁ ସାଂସଦ ସ୍ୱାଧୀ ପ୍ରଜ୍ଞା ସିଂହ ମଧ୍ୟ ପାର୍ଟି କାର୍ଯ୍ୟାଳୟରେ ପହଂଚିଥିଲେ । ସ୍ୱାଧୀଙ୍କର କିଛି ଦିନ ପୂର୍ବରୁ ସ୍ୱାସ୍ଥ୍ୟ ଖରାପ ଥିଲା ଏବଂ ସେ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସ୍ୱାଧୀ କିଛିଦିନ ପୂର୍ବରୁ ଭୋପାଳ ଆସିଥିଲେ । ଭାଜପା କାର୍ଯ୍ୟାଳୟ ପହଂଚିବାର କିଛି ସମୟ ପରେ ସ୍ୱାଧୀ ପ୍ରଜ୍ଞାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରେ ଲାଗିଥିଲା ଏବଂ ଚକର ଆସିଥିଲା ଓ ସେ ସେହିଠାରେ ହିଁ ପଡ଼ିଯାଇଥିଲେ । ତାଙ୍କ ସୁରକ୍ଷା ଷ୍ଟାଫ ତାଙ୍କୁ ବାହାରକୁ ଆଣି ଚେୟାର ଉପରେ ବସାଇ ପାଣି ପିଆଇଥିଲେ । ଏହା ପରେ ତାଙ୍କୁ ତାଙ୍କ ଘରକୁ ନେଇଯାଇଥିଲେ । ମେଡ଼ିକାଲ ଟିମକୁ ତାଙ୍କ ଘରକୁ ଡକାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସ୍ୱାଧୀଙ୍କ ପାଖ ଲୋକ କହିବା କଥା କି ଔଷଧର ହାଇ ଡୋଜ ପାଇଁ ତାଙ୍କ ଶରୀର ଅଚାନକ ଖରାପ ହୋଇଯାଇଥିଲା । ବର୍ତମାନ ତାଙ୍କ ସ୍ୱାସ୍ଥ୍ୟ ଠିକ୍ ଅଛି ।

# ସବୁ ମନ୍ଦିର ପରିସରରେ ଲାଗୁ ୧୪୪ ଧାରା

### ବାଲେଶ୍ୱରରେ ଗଡ଼ିଲାନି ଗୋଟଏ ବି ରଥ
### ଟିଭି ପରଦାରେ ଶ୍ରୀକ୍ଷେତ୍ର ଘୋଷଯାତ୍ରାକୁ ଦେଖିଲେ ସମସ୍ତେ

ବାଲେଶ୍ୱର,୨୩।୬ (ନି.ପ୍ର): ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭକ୍ତଙ୍କ ବିନା ଉପସ୍ଥିତିରେ କେବଳ ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହୋଇଛି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା । ନିର୍ଦ୍ଦିଷ୍ଟ ସଂଖ୍ୟକ ସେବାୟତ ଓ ପୁଲିସ କର୍ମଚାରୀ ରଥାରୂଢ଼ ତିନିଦିଅଁଙ୍କୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଟାଣି ନେଇଥିବା ଭକ୍ତମାନେ ଟିଭି ପରଦାରେ ଦେଖିଥିଲେ । ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଭଳି ବାଲେଶ୍ୱରରେ ମଧ୍ୟ କୌଣସି ଶ୍ରୀଜଗନ୍ନାଥ ମନ୍ଦିରେ ରଥଯାତ୍ରା ଅନୁଷ୍ଠିତ ହୋଇନଥିବା ଲକ୍ଷ୍ୟ କରାଯାଇଛି । ରଥଯାତ୍ରାରେ ଛୋଟବଡ଼ ରଥକୁ ନେଇ ଜଗନ୍ନାଥମୟ ହୋଇଯାଉଥିବା ବାଲେଶ୍ୱର ଜିଲ୍ଲା ଆଜି ସମ୍ପୂର୍ଣ୍ଣ ଫାଙ୍କା ଲାଗୁଥିଲା । ପ୍ରତିବର୍ଷ ବାଲେଶ୍ୱର ସହରର ବାଣ୍ଟିଆ ଶ୍ରୀଜଗନ୍ନାଥ ମନ୍ଦିର, ପୁଲିସ ଲାଇନ୍ ଶ୍ରୀଜଗନ୍ନାଥ ମନ୍ଦିର, ଆଜିମାବାଦ ଶ୍ରୀଜଗନ୍ନାଥ ମନ୍ଦିର, ମଣ୍ଡଳବଜାର ଶ୍ରୀଜଗନ୍ନାଥ ମନ୍ଦିର ସମେତ ଶୋଭାରାମପୁର, ନୂଆସାହି ଓ ଇମାମୀ ଶ୍ରୀଜଗନ୍ନାଥ ମନ୍ଦିରର ଘୋଷଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥାଏ । ପହଣ୍ଡି ବିଜେଠାରୁ ମାଉସୀମା ମନ୍ଦିରରେ ରଥ ପହଞ୍ଚିବା ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗି ରହିଥାଏ । ଏଥି ସହିତ ମାଉସୀମା ମନ୍ଦିରରେ ମହାପ୍ରଭୁଙ୍କ ୯ ଦିନ ବ୍ୟାପୀ ଦିବ୍ୟ ଉତ୍ସବରେ ସାମିଲ ହୋଇଥାନ୍ତି ଅସଂଖ୍ୟ ଭକ୍ତ । ରଥଯାତ୍ରାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଲୀଳମୟଙ୍କ ଯୋଗୁଁ ବାଲେଶ୍ୱର ସହର ନୁହେଁ ବରଂ ସମ୍ପୂର୍ଣ୍ଣ ଜିଲ୍ଲା ଉତ୍ସବମୁଖର ହୋଇ ଉଠିଥାଏ । ମାତ୍ର ମହାମାରୀ କରୋନା ପାଇଁ ସମସ୍ତ ବେଦନା ଓ କୋହକୁ ଚାପି ବାଲେଶ୍ୱରର ଭକ୍ତଗଣ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ପ୍ରଶାସନର କଟକଣାକୁ ମାନିଥିବା ଆଜି ପରିଲକ୍ଷିତ ହୋଇଛି । ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନିବା ପ୍ରତ୍ୟେକ ନାଗରିକର ନୈତିକ କର୍ତ୍ତବ୍ୟ ହୋଇଥିବା ବେଳେ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାଲେଶ୍ୱରର ଜଗନ୍ନାଥପ୍ରେମୀ ଭକ୍ତମାନେ ବେଶ୍ ନିଜ ନିଜର ମନକୁ ବିଝାଇପାରିଥିବା ଦେଖିବାକୁ ମିଳିଥିଲା । ତେବେ ବାଲେଶ୍ୱରରେ ରଥଯାତ୍ରା ଆୟୋଜନ ହୋଇ ନଥିଲେ ବି ବିଭିନ୍ନ ଜଗନ୍ନାଥ ମନ୍ଦିରରେ କେବଳ ପୂଜକଙ୍କ ଦ୍ୱାରା ତିନିଦିଅଁଙ୍କ ସ୍ୱତନ୍ତ୍ର ନୀତିପୂଜା ଓ କର୍ମକାଣ୍ଡ ଚାଲିଥିଲା । ପ୍ରତ୍ୟେକ ମନ୍ଦିର ଚତୁର୍ପାର୍ଶ୍ୱରେ ୧୪୪ ଧାରା ଲାଗୁ ହୋଇଥିବା କାରଣରୁ ଭକ୍ତମାନେ ବି ମନ୍ଦିର ଭିତରକୁ ପ୍ରବେଶ କରିପାରି ନଥିଲେ । ତେବେ ବାଲେଶ୍ୱରର କେତେକ ମନ୍ଦିର ପରିସରରେ ବିନା ଭକ୍ତରେ ସାଙ୍କେତିକ ରଥଯାତ୍ରା ଅନୁଷ୍ଠିତ ହୋଇଥବା ସେବାୟତମାନେ ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ସୁପ୍ରିମ୍ କୋର୍ଟଙ୍କ ରାୟ ଓ ସରକାରଙ୍କ ନିର୍ଦ୍ଦେଶକୁ ପ୍ରତ୍ୟେକ ମନ୍ଦିରରେ ପାଳନ କରାଯାଇଥିବା କେତେକ ମନ୍ଦିର ପରିଚାଳନା କମିଟି ପ୍ରକାଶ କରିଛନ୍ତି । ସେହିପରି ଜିଲ୍ଲା ପୁଲିସ ପକ୍ଷରୁ ମନ୍ଦିର ପରିସରରେ ଲାଗୁ ହୋଇଥିବା ୧୪୪ ଧାରାର କାର୍ଯ୍ୟକାରିତା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । ପ୍ରତ୍ୟେକ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ପୁଲିସ ଟିମ୍ ରହିବା ସହ ସ୍ୱତନ୍ତ୍ର ପୁଲିସ ପାଟ୍ରୋଲିଂ ପାର୍ଟି ମଧ୍ୟ ପରିସ୍ଥିତି ଅନୁଧ୍ୟାନ କରୁଥିବା ନେଇ ଟାଉନଥାନା ଅଧିକାରିଣୀ ସରୋଜିନୀ ନାୟକ ସୂଚନା ଦେଇଛନ୍ତି । ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁସାରେ କେବଳ ପୁରୀ ବ୍ୟତୀତ ଓଡ଼ିଶାରେ ଅନ୍ୟ କେଉଁଠି ବି ରଥଯାତ୍ରା ଯେପରି ଆୟୋଜନ ନହୁଏ ସେଥିପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷପ ନିଆଯାଇଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ବାଲେଶ୍ୱର ଉପ-ଜିଲ୍ଲାପାଳ ଓ ନୀଳଗିରି ଉପ-ଜିଲ୍ଲାପାଳଙ୍କ ପକ୍ଷରୁ ସମଗ୍ର ଜିଲ୍ଲାର ଦେବାଦେବୀ ମନ୍ଦିରରେ ଆଜି ଓ ଆସନ୍ତା ଜୁଲାଇ ୧ ତାରିଖ ଦୁଇଦିନ ପାଇଁରାତକାଳି ସଂଧ୍ୟାରେ ୧୪୪ ଧାରା ଲାଗୁ କରାଯାଇଥିଲା । ଅତିବେଶୀରେ ଦୁଇଜଣ ସେବାୟତଙ୍କ ଦ୍ୱାରା ମନ୍ଦିର ପୂଜା କାର୍ଯ୍ୟ ସମ୍ପନ୍ନ ସାଙ୍ଗକୁ ଭକ୍ତଙ୍କ ମନ୍ଦିର ପ୍ରବେଶ ଉପରେ ଅଙ୍କୁଶ ଲଗାଯାଇଥିଲା ।

## ଦିଲ୍ଲୀ ହିଂସା ଘଟଣାରେ ଜାମିଆ ଛାତ୍ରୀଙ୍କୁ ଜାମିନ୍

ନୂଆଦିଲ୍ଲୀ,୨୩।୬ (ନି.ପ୍ର): ଦିଲ୍ଲୀ ହିଂସା ମାମଲାରେ ୟୁଏପିଏ ଅଧିନିୟମ ଅନୁଯାୟୀ ଗିରଫ ହୋଇଥିବା ଜାମିଆ ବିଶ୍ୱବିଦ୍ୟାଳୟର ଛାତ୍ରୀ ସଫୁରା ଜରଗରଙ୍କୁ ମଙ୍ଗଳବାର ଦିନ ଦିଲ୍ଲୀ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି । ଜଷ୍ଟିସ ରାଜୀବ ଶକଦାରଙ୍କ ବେଂଚରେ ଭିଡିଓ କନଫରେନ୍ସିଂ ମାଧମରେ ଶୁଣାଣୀ ପରେ ଦଶ ହଜାର ଟଙ୍କା ବେଲବଣ୍ଡରେ ସଫୁରା ଜାରଗାରଙ୍କୁ ଜାମିନ ପ୍ରଦାନ କରିଛି । ସେ ପ୍ରମାଣକୁ ପ୍ରଭାବିତ କରିବେ ନାହିଁ ଏବଂ ଟ୍ରାଏଲ କୋର୍ଟର ଅନୁମତି ବିନା ଦିଲ୍ଲୀ ବାହାରକୁ ଯିବେ ନାହିଁ ବୋଲି କୋର୍ଟ ସଫୁରା ଜାରଗରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେ ସଫୁରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେ ୧୫ ଦିନରେ ଥରେ ଫୋନରେ ଅନୁସନ୍ଧାନକାରୀ ଅଧିକାରୀଙ୍କ ସହ କଥା ହେବେ । ସଫୁରା ବର୍ତମାନ ଗର୍ଭବତୀ ଅଛନ୍ତି । ଆଜି ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ କହିଛନ୍ତି ଯେ ସରକାର ସଫୁରା ଜାରଗରଙ୍କୁ ମାନବିକତା କାରଣରୁ ମୁକ୍ତ କରିବାକୁ ଚାହୁଁଛନ୍ତି । ଉପ ରାଜ୍ୟପାଳ ତାଙ୍କୁ ଏହି ମାମଲା ପାଇଁ ଦିଲ୍ଲୀ ପୋଲିସ ପକ୍ଷରୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଦିଲ୍ଲୀ ପୋଲିସ ଏହାର ପ୍ରମାଣପତ୍ରରେ ସଫୁରା ଜାର୍ଗାରଙ୍କ ଜାମିନ ଆବେଦନକୁ ବିରୋଧ କରି କହିଛି ଯେ ଗର୍ଭବତୀ ଥିବାରୁ ସଫୁରା ଜାମିନ ପାଇ ପାରିବେ ନାହିଁ । ତାଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଅଛି । ଏହି ପ୍ରସଙ୍ଗରେ ନିର୍ଦ୍ଦେଶ ଆଣିବାକୁ କୋର୍ଟ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସଫୁରାଙ୍କ ଜାମିନ ଆବେଦନକୁ ବିରୋଧ କରି ଦିଲ୍ଲୀ ପୋଲିସ କହିଛି ଯେ ଗର୍ଭାବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କୁ ଜେଲରେ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ଗତ ୧୦ ବର୍ଷ ମଧ୍ୟରେ ଜେଲରେ ୩୦ ଟି ଡେଲିଭରି ହୋଇଛି । ନିୟମ ଅନୁଯାୟୀ ଜେଲରେ ଥିବା ଗର୍ଭବତୀ କଏଦୀମାନଙ୍କର ଯଥେଷ୍ଟ ଯତ୍ନ ନିଆଯାଉଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଦିଲ୍ଲୀ ହିଂସା ଘଟଣାରେ ସଫୁରା ଜରଗାରଙ୍କୁ ୧୧ ଏପ୍ରିଲରେ ଦିଲ୍ଲୀ ପୋଲିସ ଗିରଫ କରିଥିଲା । କୋର୍ଟ ମେ ୨୬ ରେ ତାଙ୍କ ହେପାଜତକୁ ଜୁନ୍ ୨୫ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ପୋଲିସର ସୂଚନାନୁସାରେ, ୨୨ ଫେବୃଆରୀ ରାତିରେ ମହିଳାମାନେ ନାଗରିକତା ଅଧିନିୟମ ବିରୋଧରେ ଜାଫରବାଦ ମେଟ୍ରୋ ଷ୍ଟେସନରେ ବସିଥିଲେ । ଅଭିଯୋଗ ହୋଇଛି ଯେ ସଫୁରା ଜାରଗାର ଜନତାଙ୍କ ସହ ଏହି ସମୟରେ ପହଂଚି ହିଂସା ପାଇଁ ଷଡଯନ୍ତ୍ର କରିଥିଲେ । ଏହା ପରେ ଉତର-ପୂର୍ବ ଜିଲ୍ଲାରେ ଅନେକ ଦିନ ଧରି ହିଂସା ଜାରି ରହିଥିଲା । ଯେଉଁଥିରେ ଅତି କମରେ ୫୩ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ୨୦୦ ଜଣ ଆହତ ହୋଇଥିଲେ । ସଫୁରା ଜାରଗାର ଜାମିଆ ସମନ୍ୱୟ କମିଟିର ଗଣମାଧମ ଦାୟିତ୍ୱରେ ଥିଲେ ।

## ବସ ଧକ୍କାରେ ବାଇକ ଚାଳକ ଗୁରୁତର

ନୀଳଗିରି,୨୩।୬ (ନି.ପ୍ର): ଅପରାହ୍ନ ୩.୩୦ ମିନିଟ ସମୟରେ ଓଆର ୦୧ ପି ୦୬୩୯ ନଂ ଯାତ୍ରୀବାହୀ ବସଟି ଯାତ୍ରୀ ନେଇ ବାଲେଶ୍ୱରରୁ ମୟୁରଭଞ୍ଜ ଯାଉଥିବା ବେଳେ ଭାରସାମ୍ୟ ହରାଇ ନୀଳଗିରି ଥାନା ଅଧିନସ୍ଥ ତେନ୍ତୁଳାପଡା - ବାଲିପାଳ ଛକ ନିକଟରେ ଅପରପାର୍ଶ୍ୱରୁ ଓଆର ୦୧ ଯେ ୮୨୬୭ ନଂ ବାଇକରେ ଆସୁଥିବା ବରହମପୁର ଥାନା ଅଧିନସ୍ଥ କଳାକାଦ ଗ୍ରାମର ବୃନ୍ଦାବନ ପ୍ରଧାନ (୪୫)ଙ୍କୁ ଧକ୍କା ଦେବାରୁ ଶ୍ରୀ ପ୍ରଧାନ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଏକ ପ୍ରାଇଭେଟ ଗାଡିରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଇଛନ୍ତି । ଖବର ପାଇ ଘଟଣାରେ ସ୍ଥଳରେ ଅଯୋଧ୍ୟା ଫାଣ୍ଡି ଅଧିକାରୀ ମନୋରଂଜନ ପୁହାଣ ପହଂଚି ୨ଟି ଯାକ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି ।

# ଜିଲ୍ଲା ବିଜେପି ପକ୍ଷରୁ ବଳିଦାନ ଦିବସ



ବାଲେଶ୍ୱର,୨୩।୬ (ନି.ପ୍ର): ଜନସଂଘର ପ୍ରତିଷ୍ଠାତା ମହାନ ଜନନାୟକ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ଭାବେ ସମଗ୍ର ଦେଶରେ ଆଜି ପାଳିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବରିଷ୍ଠ ବିଜେପି ନେତା ଶୋଭନା ମହାନ୍ତି, ଗୌରାଙ୍ଗ ଦାସ, ବିଭୂପଦ ଦାସ, ଚନ୍ଦ୍ରଶେଖର ନନ୍ଦ, ଚିତ୍ତରଂଜନ ପଣ୍ଡା, ଚନ୍ଦ୍ର ବିନ୍ଦୁ ଦାସ, ଶ୍ରୀନିବାସ ପ୍ରଧାନ, ରଣଜିତ୍ ପୃଷ୍ଟି, ରଣଜିତ୍ ମହାନ୍ତି ପ୍ରମୁଖ ଯୋଗଦେଇ ଅଖଣ୍ଡଭାରତ ନିର୍ମାଣରେ ମହାନ ଜନନାୟକଙ୍କ ଉଦ୍ୟମ ଓ ବଳିଦାନକୁ ସମସ୍ତେ ମନେ ପକାଇଥିଲେ । ସ୍ୱର୍ଗତ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଜନସଂଘ ପାର୍ଟିର ନୀତି ଆଦର୍ଶକୁ ପାଥେୟ କରି ସାମ୍ପ୍ରତିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜେପି ସରକାର ଦେଶବାସୀଙ୍କୁ ସୁଶାସନ ଦେଇ ଚାଲିଛନ୍ତିବୋଲି ବକ୍ତାମାନେ କହିଥିଲେ । ସ୍ୱର୍ଗତ ମୁଖାର୍ଜୀ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ସମ୍ବିଧାନ ପ୍ରଣୟନ କମିଟିରେ ଥାଇ ଜାମ୍ମୁ କାଶ୍ମିରରେ ୩୭୦ ଧାରା ଲାଗୁକୁ ବିରୋଧ କରିଥିଲେ । ଏମିତିକି ପରବର୍ତ୍ତୀ ସମୟରେ ସମ୍ବିଧାନରୁ ଏହି ଧାରାକୁ ଉଚ୍ଛେଦ ପାଇଁ ସେ ଆଜୀବନ ଚେଷ୍ଟା ମଧ୍ୟ କରିଥିଲେ । ଏମିତିକି ଏହି ୩୭୦ ଧାରା ଉଚ୍ଛେଦ ଅଭିଯାନରେ ସେ ପ୍ରାଣଦାନ କରିବାକୁ ପଛଘୁଞ୍ଚା ଦେଇ ନଥିଲେ ବୋଲି ବିଜେପି ସଭାପତି ଶ୍ରୀ ମହାପାତ୍ର କରିଥିଲେ । ତାଙ୍କର ବଳିଦାନକୁ ଏ ଦେଶ କେବେ ପାଶୋରିବ ନାହିଁ ବୋଲି ବକ୍ତମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ନିରବ ପ୍ରାର୍ଥନା ମାଧ୍ୟମରେ ମହାନ ଜନନାୟକଙ୍କ ପ୍ରତି ସମସ୍ତେ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ ।

## ଆଉ ୧୬୭ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୫୪୭୦କୁ ବୃଦ୍ଧି

ଭୁବନେଶ୍ୱର,୨୩।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୧୬୭ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୫୪୭୦ କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୬୭ ଜଣଙ୍କ ମଧ୍ୟରୁ ୧୫୦ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୭ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ଗଜପତି ଜିଲ୍ଲାରୁ ସର୍ବାଧିକ ୪୧ ପଜିଟିଭ ଚିହ୍ନଟ ହୋଇ ଛନ୍ତି । ସେହିପରି ରାୟଗଡ଼ା ଜିଲ୍ଲାରୁ ୫, ଯାଜପୁର ଜିଲ୍ଲାରୁ ୫, ଖୋର୍ଦ୍ଧା ଜିଲ୍ଲାରୁ ୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨, ବାଲେଶ୍ୱର ଜିଲ୍ଲାରୁ ୧୩, ଜଗତସିଂହପୁର ଜିଲ୍ଲାରୁ ୧୯, କଟକ ଜିଲ୍ଲାରୁ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ,ସେହି ପରି ଢେଙ୍କାନାଳ ଜିଲ୍ଲାରୁ ୯, ବରଗଡ଼ ଜିଲ୍ଲାରୁ ୧, ଗଞ୍ଜାମ ଜିଲ୍ଲାରୁ ୩୦ , ପୁରୀ ଜିଲ୍ଲାରୁ ୧, ସୁନ୍ଦରଗଡ଼ ଜିଲ୍ଲାରୁ ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ଜଣେ, ମୟୂରଭଞ୍ଜ ଜିଲ୍ଲାରୁ ୧୪ ଜଣ କୋରାପୁଟ ଜିଲ୍ଲାରୁ ଜଣେ, ଝାରସୁଗୁଡ଼ା ଜିଲ୍ଲାରୁ ୩ ଜଣ , କେନ୍ଦ୍ରାପଡ଼ା ଜିଲ୍ଲାରୁ ୭ ଜଣ ଚିହ୍ନଟ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ରଥଯାତ୍ରା ଅବସରରେ ହଜଖାସ ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ଭୁବନେଶ୍ୱର, ଜୁନ ୨୩ - ପବିତ୍ର ରଥଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରିବାର ସଦସ୍ୟଙ୍କ ସହ ନୂଆଦିଲ୍ଲୀ ସ୍ଥିତ ହଜଖାସ ମନ୍ଦିରକୁ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ସାଢେ ଚାରି କୋଟି ଓଡ଼ିଶାବାସୀ ଏବଂ ସମଗ୍ର ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପୁରୀରେ ନିୟନ୍ତ୍ରିତ ଢ଼ଙ୍ଗରେ ରଥଯାତ୍ରା ଉତ୍ସବକୁ ପାଳନ କରାଯାଉଛି । ଏଥିପାଇଁ ସମଗ୍ର ବିଶ୍ୱରେ ମହାପ୍ରଭୁଙ୍କ ଭକ୍ତ ଅତ୍ୟନ୍ତ ଆନନ୍ଦିତ । ବିଶ୍ୱ ମହାମାରୀ କରୋନା ସହ ସାରା ବିଶ୍ୱ ଯେତେବେଳେ ସଂଘର୍ଷ କରୁଛି,ଏହାକୁ ସାମ୍ନା କରିବା ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦର ଆବଶ୍ୟକତା ରହିଛି । ମହାପ୍ରଭୁଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ରହିଥାଉ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି ।

## ନୀଳଗିରି ରଥଯାତ୍ରା ବନ୍ଦ ପ୍ରତିବାଦରେ ସେବାୟତ ଓ ପୂଜକଙ୍କ ଧାରଣା

ନୀଳଗିରି,୨୩।୬ (ନି.ପ୍ର): ଓଡିଶାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରଥଯାତ୍ରା ବନ୍ଦ ହେବା ନେଇ ଭକ୍ତଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି । ଚତୁର୍ଦ୍ଧାମୂର୍ତୀଙ୍କ ନୀତିକାନ୍ତିରେ ବିଭ୍ରାଟ ଓ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ତିନି ଠାକୁରଙ୍କ ନେବା ଦାବିରେ ଜଗନ୍ନାଥ ମନ୍ଦିର ମୁଖାଶାଳାରେ ସେବାୟତ , ଘଂଟୁଆ ଓ ପୂଜକ ଧାରଣା ଦେଇଥିଲେ । ଅପରପକ୍ଷରେ ପ୍ରଶାସନ ପକ୍ଷରୁ ମନ୍ଦିର ପରିସର ଓ ରଥ ଦାଣ୍ଡରେ ୧୪୪ ଧାରା ଜାରୀ କରାଯାଇଛି । ଚଳିତ ବର୍ଷ ରଥଯାତ୍ରାପାଇଁ କରୋନା କଟକଣା ବାଧକ ସାଜିଛି । ଗୋଷ୍ଠୀ ସଂକ୍ରମଣ ଭୟରେ ରଥଯାତ୍ରା ନେଇ ଘଟଣା ଯାଇ ସୁପ୍ରିମକୋର୍ଟରେ ପହଂଚିଥିଲା । ପ୍ରଥମେ ମାନ୍ୟବର ସୁପ୍ରିମକୋର୍ଟ ରଥଯାତ୍ରା ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ପରେ ପୁଣି ରିଭ୍ୟୁ ପିଟିସନ ଦାୟର କରାଯାଇଥିଲା । ଏପରିକି କେନ୍ଦ୍ର ସରକାର ମଧ ରଥଯାତ୍ରା ନେଇ ହସ୍ତକ୍ଷେପ କରିଥିଲେ । ପରେ ମାନ୍ୟବର ସୁପ୍ରିମକୋର୍ଟ ଖାଲି ଶ୍ରୀକ୍ଷେତ୍ର ପୁରୀରେ ଚତୁର୍ଦ୍ଧାମୂର୍ତିଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଭାବାବେଗକୁ ଆଖି ଆଗରେ ରଖିବା ସହ କଟକଣା ଭିତରେ ରଥଯାତ୍ରା ସମ୍ପନ୍ନ ପାଇଁ ରାୟ ପ୍ରକାଶ କରିଥିଲେ । ହେଲେ ପୁରୀର ରୀତିନୀତିରେ ପୂଜା ପାଉଥିବା ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ତିନି ଠାକୁର ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ରଥଯାତ୍ରା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଆଣ୍ଡାମେଂଟ କମିଶନକୁ ପତ୍ର ମାଧ୍ୟମରେ ଠାକୁରଙ୍କର ନୀତିକାନ୍ତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦର୍ଶାଇଛନ୍ତି । ହେଲେ ତିନି ଠାକୁର ରଥାରୁଢ ନହେବା ଓ ମାଉସୀ ମା ମନ୍ଦିରକୁ ନଗଲେ ରତ୍ନସିଂହାସନ କୁ ଫେରିବା ଅସମ୍ଭବ କହି ଯେମିତି ହେଲେ ତିନି ଠାକୁରଙ୍କୁ ପହଣ୍ଡି କରି ମଧ ମାଉସୀ ମା ମନ୍ଦିରକୁ

▶▶ପୃଷ୍ଠା ୭



## ପାକିସ୍ତାନ କ୍ରିକେଟ୍ ଟିମ୍‌ର ୭ ଜଣ କରୋନା ପଜିଟିଭ୍

ଇସଲାମାବାଦ ,୨୩।୬ (ନି.ପ୍ର): ପାକିସ୍ତାନର କ୍ରିକେଟ୍ ଟିମ୍ ୭ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି । ଗତକାଲି ୩ ଜଣ ପାକ୍ ଖେଳାଳିଙ୍କ ରିପୋର୍ଟ ପଜିଟିଭ ଆସିଥିଲା । ଇଂଲଣ୍ଡ ଗସ୍ତରେ ଯିବାକୁ ଥିବା ଖେଳାଳିମାନେ ଜଣଙ୍କ ପରେ ଜଣେ କରୋନାରେ ସଂକ୍ରମିତ ହେବାରେ ଲାଗିଛନ୍ତି । ଏମାନେ ସମସ୍ତେ ଜୁନ୍ ୨୮ରୁ ଇଂଲଣ୍ଡ ଗସ୍ତ କରିଥାଆନ୍ତେ । ଆଜି ସଂକ୍ରମିତ ହୋଇଥିବା ୭ ଖେଳାଳିଙ୍କ ମଧ୍ୟରେ ଫଖର ଜମାନ, ଇମ୍ରାନ ଖାନ୍, କାଶିଫ ଭାଟ୍ଟି, ମହମ୍ମଦ ହାଫିଜ, ମହମ୍ମଦ ହାସନାଇନ, ମହମ୍ମଦ ରିଜଓ୍ୱାନ ଓ ଓ୍ୱାବ ରିୟାଜ ରହିଛନ୍ତି । ସୋମବାର ହାଇଦର ଅଲୀ, ହରିଶ ରୌଫ ଓ ଶାଦବ ଖାନଙ୍କ ରିପୋର୍ଟ ପଜିଟିଭ ଆସିଥିଲା । ଆଜି ୭ ଖେଳାଳିଙ୍କ ବ୍ୟତୀତ ପାକିସ୍ତାନ ଟିମ୍ ର ସପୋର୍ଟିଂ ଷ୍ଟାଫ ମାଲାଙ୍ଗ ଅଲୀ ବି କରୋନାରେ ସଂକ୍ରମିତ ହୋଇଛନ୍ତି । ପିସିବି ପକ୍ଷରୁ କୁହାଯାଇଛି ଯେ ସୋଏବ ମାଲିକ, କ୍ଲିଫ ଡେକୋନ ଓ ଓ୍ୱାକର ୟୁନିସଙ୍କ କରୋନା ଟେଷ୍ଟ ରିପୋର୍ଟ ସାମ୍ନାକୁ ଆସିନାହିଁ । ହାଇଦର, ଶଦାବ ଓ ହରିଶଙ୍କ କରୋନା ଲକ୍ଷଣ ଦେଖାଯାଉଥିଲା । ହେଲେ ଆଜି ଚିହ୍ନଟ ହୋଇଥିବା ଖେଳାଳିଙ୍କ ଶରୀରରେ କୌଣସି କରୋନା ଲକ୍ଷଣ ଦେଖାଯାଇ ନଥିଲା । ସମସ୍ତ ଖେଳାଳିଙ୍କୁ କ୍ୱାରେଂଟାଇନରେ ରହିବାକୁ ପରାମର୍ଶ ଦିଆଯାଇଛି । ଏହାପୂର୍ବରୁ ଜୁନ୍ ୧୩ରେ ପୂର୍ବତନ ପାକିସ୍ତାନ ଖେଳାଳି ଶାହିଦ ଆଫ୍ରିଦି କରୋନାରେ ଆକ୍ରାନ୍ତ ହୋଇଥିଲେ ।

## ଚଳିତ ବର୍ଷ ଘୋଷଯାତ୍ରା ଯେଉଁଭଳି ଭାବରେ କରାଗଲା ତାହା ଇତିହାସ ସୃଷ୍ଟି କରିଛି - ଗଜପତି ମହରାଜ

ଭୁବନେଶ୍ୱର,୨୩।୬ (ନି.ପ୍ର): ଚଳିତ ବର୍ଷ ଘୋଷଯାତ୍ରା ଯେଉଁଭଳି ଭାବରେ କରାଗଲା ତାହା ଇତିହାସ ସୃଷ୍ଟି କରିଛି । ସମସ୍ତ ଭକ୍ତ ଓ ସେବାୟତ ମାନଙ୍କର ପ୍ରାର୍ଥନା ଶୁଣି ଶ୍ରୀଜୀଉମାନେ ରଥରେ ବିଜେ କଲେ । ନିର୍ଦ୍ଧାରିତ ସମୟ ଭିତରେ ରଥ ଟଣା ହୋଇ ଗୁଣ୍ଡିଚା ମନ୍ଦିରରେ ୩ ରଥ ପହଂଚିଥିଲା । ସୁପ୍ରିମ କୋର୍ଟର ନିୟମକୁ ସମ୍ମାନ ଜଣାଇ କୌଣସି ପୁରୀବାସୀ ବଡ଼ଦାଣ୍ଡକୁ ଆସିନଥିଲେ କି ଅନ୍ୟ ବାହାରୁ ଭକ୍ତ ମଧ ପୁରୀକୁ ଆସିନଥିଲେ । ଶୃଙ୍ଖଳାର ସହିତ ରଥଯାତ୍ରା କରାଯାଇପାରିଲା । କୌଣସି ଗଜପତିଙ୍କର ଏଭଳି ଅନୁଭୂତି ହୋଇନଥିବ ବୋଲି ଗଜପତି ମହାରାଜ ଦିବ୍ୟ ସିଂ ଦେବ କହିଥିଲେ ।

## ଭୁବନେଶ୍ୱରରେ ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୩।୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରେ ମଙ୍ଗଳବାର ଦିନ ପୁଣି ୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାଫଳରେ ରାଜଧାନୀରେ କରୋନା ପଜିଟିଭ୍ ସଂଖ୍ୟା ୧୯୮ରେ ପହଂଚିଛି । ଏନେଇ ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଦୁଇ ନୂଆ ଆକ୍ରାନ୍ତଙ୍କ ଭିତରୁ ଜଣେ ଘରୋଇ ସଙ୍ଗରୋଧରେ ଥିବା ୩୯ ବର୍ଷର ପୁରୁଷ । ସେ ଜୟଦେବ ବିହାରର ମେ ଫେଆର୍ ହୋଟେଲ ନିକଟସ୍ଥ ଅଂଚଳର ଏବଂ ସେ ମୁମ୍ବାଇ ଫେରନ୍ତା । ସେହିପରି ଓ୍ୱାର୍ଡ ନଂ-୨୬ ଅନ୍ତର୍ଗତ ଶରଣପାଲିର ଜଣେ ୩୦ ବର୍ଷର ପୁରୁଷ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେ ଏକ ଘରୋଇ ହସ୍ପିଟାଲର ଜଣେ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିଲେ ।ଅପରପକ୍ଷରେ ଗତ ୨୪ ଘଂଟା ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମରେ ୫ଜଣ ସୁସ୍ଥ ହୋଇଛନ୍ତି । ଏମାନଙ୍କ ଭିତରେ ଅଛନ୍ତି ଜଣେ ୩୬ ବର୍ଷିୟ ପୁରୁଷ ରେଳବାଇ କର୍ମଚାରୀ ଅଛନ୍ତି । ଡୁମଡୁମା ହାଉସିଂ ବୋର୍ଡ କଲୋନୀର ୩୭ ବର୍ଷର ପୁରୁଷ, ସାଲିଆସାହି ନିରଙ୍କାରୀ ନଗରର ୨୨ ବର୍ଷର ପୁରୁଷ , ନୟାପଲ୍ଲୀର ୩୦ ବର୍ଷର ପୁରୁଷ ଏବଂ ଏୟାରପୋର୍ଟ ନିକଟ ଭୀମପୁରର ୨୭ ବର୍ଷର ପୁରୁଷ ମଧ୍ୟ ସୁସ୍ଥ ହୋଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo